

ଜ୍ୟାକ୍‌ଲିନ୍‌ଙ୍କ ଏଆଇ ଅବତାର

▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-29 ◆THURSDAY ◆23 JULY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୨୯ ◆ଗୁରୁବାର ◆୨୩ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ସଡ଼କରୁ ସଂସଦ ହଙ୍ଗାମା

## ଛାତ୍ରଙ୍କ ସମର୍ଥନରେ ସାରାଦେଶରେ ବିକ୍ଷୋଭ; ବିଦେଶରେ ବି ବିରୋଧ

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଆରମ୍ଭ ହୋଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ତୀବ୍ର ହେବାକୁ ଲାଗିଛି । ବିଶେଷ କରି ଗତ ୨୦ ତାରିଖରେ ନିରସ୍ତ୍ର ଓ ନିରୀହ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ ଦମନଲୀଳା ଏହି ଆନ୍ଦୋଳନ ନିଆଁରେ ଘିଅ ଢାଳିବା ଭଳି କାମ କରିଛି । ସଡ଼କରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଅଶାନ୍ତ ହୋଇପଡ଼ିଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହିତ ପୁଲିସର ବର୍ବରତା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର୍ ଧରିଛି । ବିଦେଶରେ ଥିବା ଭାରତୀୟ ଦୂତାବାସ ସମ୍ମୁଖରେ ମଧ୍ୟ ଛାତ୍ରଛାତ୍ରୀମାନେ ପୁଲିସ ବର୍ବରତାର ପ୍ରତିବାଦ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ।



ସଂସଦ ପରିସରରେ କଳା ପୋଷାକ ପିନ୍ଧି ବିରୋଧୀ ସାଂସଦଙ୍କ ପ୍ରତିବାଦ

ଆନ୍ଦୋଳନ କେବଳ ଦିଲ୍ଲୀରେ ନୁହେଁ; ଦେଶର ବିଭିନ୍ନ ରାଜ୍ୟ ରାଜଧାନୀ ଏହି ଦାବି ଗର୍ଜନରେ ଥରି ଉଠିଛି । ଆନ୍ଦୋଳନକାରୀ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିବା ବେଳେ ସଂସଦରେ ମଧ୍ୟ ବିରୋଧୀ ଦଳ ସ୍ପଷ୍ଟ କରିଦେଇଛନ୍ତି ଯେ ଶିକ୍ଷା ମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଗୃହକୁ ଚଳାଇ ଦିଆଯିବ ନାହିଁ । ଏହି ଦାବିରେ ସଂସଦ ଆଜି ତୃତୀୟ ଦିନ ଧରି ଅଚଳ ରହିଥିବା ବେଳେ ବିରୋଧୀ ▶ପୃଷ୍ଠା-୭

## ମନାକଲେ ସୁପ୍ରିମକୋର୍ଟ; ନୋଟିସ୍ ଦେଲେ ହାଇକୋର୍ଟ

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ଦ୍ୱାରା ଆୟୋଜିତ ସଂସଦ ମାର୍ଚ୍ଚ ସମୟରେ ଆନ୍ଦୋଳନକାରୀଙ୍କ ଉପରେ ମାତ୍ରାଧିକ ଓ ଅମାନୁଷିକ କାର୍ଯ୍ୟାନୁଷ୍ଠାନ ନେଇ ଆବେଦନକାରୀ ସୁପ୍ରିମ କୋର୍ଟ ଏବଂ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୁପ୍ରିମ କୋର୍ଟ ତୁରନ୍ତ ଶୁଣାଣି ପାଇଁ ମନା କରିଦେଇଥିବା ବେଳେ ହାଇକୋର୍ଟ ପିଟିସନ ଗ୍ରହଣ କରି କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିଛନ୍ତି । ଏହି ବର୍ବରତା ଦେଶର ବିବେକକୁ ଦୋହଲାଇ ଦେଇଛି ବୋଲି କୋର୍ଟ ମନ୍ତବ୍ୟ ▶ପୃଷ୍ଠା-୭

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ଉଚିତ୍: ନବୀନ



ବିରୋଧୀ ଦଳ ନେତାଙ୍କ ପ୍ରତି ପୁଲିସର ରୁକ୍ଷ ବ୍ୟବହାରକୁ ନିନ୍ଦା

ଆଘାତ ଦେଇଛି ଛାତ୍ରଛାତ୍ରୀଙ୍କ ଉପରେ ମାତ୍ରାଧିକ ବଳପ୍ରୟୋଗ

■ ଭୁବନେଶ୍ୱର, ୨୨।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ପ୍ରସଙ୍ଗରେ ଦିଲ୍ଲୀରେ ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟକୁ ଓଡ଼ିଶାରେ ଦୋହରାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଗୁରୁବାର ଦିଲ୍ଲୀରୁ ଫେରିବା ସମୟରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ସେ କହିଛନ୍ତି ଯେ ବର୍ତ୍ତମାନ ପରୀକ୍ଷାକୁ ନେଇ ଯାହା ସବୁ ଘଟିଛି, ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ପ୍ରଦାନ କରିବା ଉଚିତ୍ । ଏହି ଅବସରରେ ସେ ଦିଲ୍ଲୀରେ ଗତକାଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତଥା ଅନ୍ୟ ନେତାଙ୍କୁ ପୁଲିସର ବ୍ୟବହାରକୁ ମଧ୍ୟ ସେ ଦୃଢ଼ ଶବ୍ଦରେ ନିନ୍ଦା କରିଛନ୍ତି ।

ନବୀନ କହିଛନ୍ତି ଯେ ସାରା ଦେଶରେ ଛାତ୍ରଛାତ୍ରୀମାନଙ୍କ ବିଶେଷକରି କଲେଜ ଛାତ୍ରଛାତ୍ରୀଙ୍କ ପରୀକ୍ଷାକୁ ନେଇ ଯାହା ଘଟିଛି, ସେଥିପାଇଁ ଆନ୍ଦୋଳନ ଚାଲିଛି । ଏହି ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି । ଆମେ ଏହି ପ୍ରସଙ୍ଗରେ ଆନ୍ଦୋଳନ କରୁଛୁ ଓ ଓଡ଼ିଶାରେ ମଧ୍ୟ ଆନ୍ଦୋଳନ କରିବୁ । ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ଉଚିତ କି ନୁହେଁ ଆପଣମାନେ ପଚାରିଥିଲେ । ସମଗ୍ର ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କ ବାହୁଡ଼ା ସମୀକ୍ଷା



ଆଇନ ଶୃଙ୍ଖଳାରେ ସାଲିସ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ପ୍ରଶାସନ ଓ ପୁଲିସର ମାର୍ଗଦର୍ଶିକା ପାଳନ କରିବାକୁ ଭକ୍ତଙ୍କୁ ନିବେଦନ

■ ଭୁବନେଶ୍ୱର, ୨୨।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବାହୁଡ଼ା ଯାତ୍ରାରେ ଭିଡ ପରିଚାଳନା ଓ ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବା ସହ ଆଇନଶୃଙ୍ଖଳରେ କୌଣସି ସାଲିସ ନ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରଶାସନ ଓ ପୁଲିସସର ମାର୍ଗଦର୍ଶିକା ପାଳନ କରିବାକୁ ସେ ନିବେଦନ ମଧ୍ୟ କରିଛନ୍ତି । ରଥଯାତ୍ରା ଠାରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପ୍ରାୟତଃ ଠିକ୍ ଭାବରେ ପରିଚାଳିତ ହୋଇଛି । ଲଗାଣ ବର୍ଷା, ପ୍ରତିକୂଳ ପାଗ, ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ତଥା ଭକ୍ତମାନଙ୍କ ସେବା ଓ ସମର୍ପଣ କୌଣସି ମାତ୍ରାରେ ପ୍ରଭାବିତ ହୋଇନାହିଁ । ପୁରୀ ସହରରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସଜାଗ ରହି ସମସ୍ତ ବ୍ୟବସ୍ଥାର ନିୟମିତ ପରିଚାଳନା ଓ ତଦାରଖ କରୁଛନ୍ତି । ପହଣ୍ଡି, ରଥଟଣା, ଦକ୍ଷିଣି ମୋଡ, ଆଡପ ମଣ୍ଡପ ଦର୍ଶନ, ପ୍ରତ୍ୟେକ ସମୟରେ ବରିଷ୍ଠ ▶ପୃଷ୍ଠା-୭

## କାର ସହ ସ୍କୁଟି ଧକ୍କା; ୨ ମୃତ, ଜଣେ ଗୁରୁତର



■ ଢେଙ୍କାନାଳ, ୨୨।୭ (ସମିସ): ୫୫ ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ମହିଷାପାଟ ନିରୁପମା ହୋଟେଲ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଇନୋଭା କାର ସହ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ଆହତ ବ୍ୟକ୍ତି ଜଣକ ଗଁଦିଆ ବ୍ଲକ ଯୋରନ୍ଦା ଥାନା ଅନ୍ତର୍ଗତ କାବରା ଗ୍ରାମର ବିଶ୍ୱଜିତ୍ ଦାଶ ବୋଲି ଜଣାପଡ଼ିଛି । ବିଶ୍ୱଜିତଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି । ଇନୋଭା କାର ଦ୍ରୁତଗତିରେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ସ୍କୁଟିରେ ତିନି ଜଣ ବସି ଆସୁଥିଲେ । ନିରୁପମା ହୋଟେଲ ନିକଟରେ ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା ।

### ଶିକ୍ଷକ ନିଯୁକ୍ତି ଦୁର୍ନୀତି

## ୧୫ ବିଇଡି କଲେଜକୁ ସାନି ନୋଟିସ୍

ଏମ୍‌ଇଡି ଯୋଗ୍ୟତା ନ ଥାଇ ପାଇଛନ୍ତି ଅଧ୍ୟାପକ ଚାକିରି

ନୋଟିସ୍ ପରେ ବଢ଼ିଲା ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା

■ ଭୁବନେଶ୍ୱର, ୨୨।୭ (ସମିସ): ଯୋଗ୍ୟତା ନ ଥିବା ବ୍ୟକ୍ତିମାନଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ପ୍ରଦାନକୁ ନେଇ ଅକଳରେ ପଡ଼ିଛନ୍ତି ରାଜ୍ୟର ଅନେକ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ । ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପକ୍ଷରୁ ଧାର୍ଯ୍ୟ ଶିକ୍ଷାଗତ ଯୋଗ୍ୟତାକୁ ଉଲ୍ଲଂଘନ କରି ଏହି ନିଯୁକ୍ତି ଦିଆଯାଇଥିବାରୁ ୧୫ ବିଇଡ଼ି କଲେଜକୁ ନୋଟିସ ଦିଆଯାଇଛି । ଅଧ୍ୟାପକ ହେବା ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ହୋଇଥିବାବେଳେ କେବଳ ସ୍ନାତକୋତ୍ତର ଓ ବିଇଡ଼ି କରିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି ।

ଏନ୍‌ସିଟିଇ ପକ୍ଷରୁ କେନ୍ଦୁଝରସ୍ଥିତ ଆନନ୍ଦପୁର ପ୍ରଶିକ୍ଷଣ ମହାବିଦ୍ୟାଳୟ, ବଲାଙ୍ଗିରର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବ୍ରହ୍ମପୁରର ଦିବାକର ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନସଡ୍ ଷ୍ଟଡିଜ୍, କଟକର ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱରସ୍ଥିତ ନଳିନୀ ଦେବୀ ମହିଳା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ଭବାନୀପାଟଣା ଓ ବାଲେଶ୍ୱରରେ ଥିବା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, କନ୍ଧମାଳର କଳିଙ୍ଗାରେ ଥିବା ସରକାରୀ ବିଇଡି ପ୍ରଶିକ୍ଷଣ ମହାବିଦ୍ୟାଳୟ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ସମ୍ବଲପୁରର ଡ. ପର୍ଶୁରାମ ମିଶ୍ର ଇଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସଡ୍ ଷ୍ଟଡି ଇନ୍ ଏଜୁକେସନ୍, ରାଉରକେଲା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, କୋରାପୁଟ୍‌ର ଡିଏଭି ଶିକ୍ଷା ମହାବିଦ୍ୟାଳୟ, ଫୁଲବାଣୀର ସରକାରୀ ଶିକ୍ଷକ ▶ପୃଷ୍ଠା-୭


4001/216/2627



ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ଅବଲମ୍ବନ କରନ୍ତୁ ଏବଂ ମହାପ୍ରଭୁଙ୍କ ଯାତ୍ରା ସୁରକ୍ଷିତରେ କରନ୍ତୁ ।

- ରଥକୁ ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ ।
- ପୂଜାପେଣ୍ଡାଲ, ଯାତ୍ରାସ୍ଥଳୀ, ହୋଟେଲ, ଦୋକାନ ବଜାର, ଅଧିକ ଜନସମାଗମ ସ୍ଥାନରେ ବୈଦ୍ୟୁତିକ ଉପକରଣର ସୁରକ୍ଷା ଯାଞ୍ଚ କରାନ୍ତୁ ଏବଂ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଲିଖିତ ଭାବେ ଅବଗତ କରାନ୍ତୁ ।

OIPR-4001/4025/2/26-27/0003

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ





ଯନ୍ତର ମନ୍ତରରେ ଡେଲିଭରି ବୟଙ୍କ ଭିଡ଼



ଦିଲ୍ଲୀ ଯନ୍ତର ମନ୍ତରରେ ଧାରଣା



ପାଟନାରେ ପୁଲିସ-ଆନ୍ଦୋଳନକାରୀ ମୁହାଁମୁହିଁ

# ତେଜୁଛି କକ୍ରୋଚ୍ ଆନ୍ଦୋଳନ, ବଢୁଛି ସମର୍ଥନ

- ପୁଲିସ କାର୍ଯ୍ୟାନୁଷ୍ଠାନ ପରେ ବଢୁଛି ଜନଆକ୍ରୋଶ
- ମୁମ୍ବାଇରୁ ଆନ୍ଦୋଳନକାରୀଙ୍କ ପାଇଁ ଖାଦ୍ୟ ପଠାଇଲେ
- ପାଟନା, କୋଲକାତା, ମୁମ୍ବାଇରେ ବିକ୍ଷୋଭ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ନିଟ୍ ବିଭ୍ରାଟକୁ ନେଇ ଯନ୍ତରମନ୍ତରରେ ଚାଲିଥିବା ପ୍ରତିବାଦ ଆଜି ୨୪ତମ ଦିନରେ ପହଞ୍ଚିଛି। ଜୁଲାଇ ୨୦ରେ ପୁଲିସର ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ ପରେ ପ୍ରତିବାଦ ଥମିବା ବଦଳରେ ଆହୁରି ଜୋରଦାର ହୋଇଛି। ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନରେ ଅନେକ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ଅଧିକ ସଂଖ୍ୟାରେ ଯୁବପିଢ଼ି, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଆନ୍ଦୋଳନରେ ସାମିଲ ହେବାରେ ଲାଗିଛନ୍ତି। ଆନ୍ଦୋଳନକାରୀମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରୁଛନ୍ତି। ଆନ୍ଦୋଳନ ଏବେ ସାରା ଦେଶରେ ବ୍ୟାପିବାରେ ଲାଗିଛି। ବିହାର ରାଜଧାନୀ ପାଟନା, ମୁମ୍ବାଇ ଏବଂ କୋଲକାତାରେ ମଧ୍ୟ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଛି। ପୁଲିସ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି। ବିଦେଶରେ ମଧ୍ୟ କକ୍ରୋଚ ପାର୍ଟି ଆନ୍ଦୋଳନ ସମର୍ଥନରେ ବିକ୍ଷୋଭ ହେଉଥିବାର ଖବର ମିଳିଛି।

ଅନ୍ୟପକ୍ଷରେ ଯନ୍ତର ମନ୍ତରରେ ଚାଲିଥିବା ପ୍ରତିବାଦ ମଧ୍ୟରେ ମାନବିକତାର ଏକ ଉଦାହରଣ ସାମ୍ନାକୁ ଆସିଛି। ମୁମ୍ବାଇର ଜଣେ ଯୁବକ ଅନଲାଇନ୍‌ରେ ଖାଦ୍ୟ ଅର୍ଡର କରି ପ୍ରତିବାଦକାରୀଙ୍କ ପାଇଁ ପଠାଇଥିବା ବେଳେ ପ୍ରବଳ ବର୍ଷା ସତ୍ତ୍ୱେ ଜଣେ ଖାଦ୍ୟ ବିତରଣ କର୍ମୀ ସେହି ଖାଦ୍ୟ ଯନ୍ତର ମନ୍ତରରେ ପହଞ୍ଚାଇଥିଲେ। ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ଅନେକ ଅଜ୍ଞାତ ବ୍ୟକ୍ତି ଅନଲାଇନ୍‌ରେ ଅର୍ଥ ପ୍ରଦାନ କରି ଯନ୍ତର ମନ୍ତରରେ ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କୁ ଖାଦ୍ୟ ଯୋଗାଉଛନ୍ତି। ଏହି ଖାଦ୍ୟକୁ ନେଇ ଡେଲିଭରୀ ବୟ ଯନ୍ତରମନ୍ତରରେ ପହଞ୍ଚିଛନ୍ତି। ଏବେ ସେଠାରେ ଡେଲିଭରି ବୟମାନଙ୍କର ଭିଡ଼ ଦେଖିବାକୁ ମିଳିଛି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଦ୍ରୁତ ଗତିରେ ପ୍ରସାରିତ ହେବା ପରେ ଅନେକ ବ୍ୟବହାରକାରୀ ସାଧାରଣ ଲୋକଙ୍କ ଏଭଳି ସହଯୋଗୀ ମନୋଭାବକୁ ପ୍ରଶଂସା କରିଛନ୍ତି। ଏହି ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକ ପ୍ରତିବାଦକାରୀଙ୍କ ପାଇଁ ଚା’, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପଠାଇ ସହଯୋଗ କରୁଛନ୍ତି।



## ହସ୍ପିଟାଲରେ ଭେଟିଲେ ଦୁଇ କେନ୍ଦ୍ରମନ୍ତ୍ରୀ
# ଅନଶନ ଭାଙ୍ଗିବାକୁ ୱାଙ୍ଗଚୁକ୍‌ଙ୍କ ସର୍ତ୍ତ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧରେ ଅନଶନ ଚଳାଇଛନ୍ତି ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକ୍। ଗୁରୁତର ଅସୁସ୍ଥତା କାରଣରୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୱାଙ୍ଗଚୁକ୍‌ଙ୍କୁ ଅନଶନ ପ୍ରତ୍ୟାହାର କରିବା ପାଇଁ ୬୫ ଜଣ ବିରୋଧୀ ସାଂସଦ ଦସ୍ତଖତ କରି ଏକ ଆବେଦନ ପତ୍ର ପଠାଇଛନ୍ତି। ଗତକାଲି ରାତିରେ ଦୁଇ ଜଣ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ମଧ୍ୟ ହସପିଟାଲ ଯାଇ ୱାଙ୍ଗଚୁକଙ୍କୁ ଭେଟିଛନ୍ତି। ଅନଶନ ପ୍ରତ୍ୟାହାର ପାଇଁ ସେମାନେ ମଧ୍ୟ ଅନୁରୋଧ କରିଛନ୍ତି। କିନ୍ତୁ ଅନଶନ ପ୍ରତ୍ୟାହାର ପାଇଁ ୱାଙ୍ଗଚୁକ୍ କେତୋଟି ସର୍ତ୍ତ ରଖିଛନ୍ତି। ପ୍ରମୁଖ ସର୍ତ୍ତଟି ହେଉଛି ଆନ୍ଦୋଳନକାରୀମାନଙ୍କ ବିରୋଧରେ କେନ୍ଦ୍ର ସରକାର କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ। ତେବେ ଏସଂପର୍କରେ ସରକାରଙ୍କ ପ୍ରତିକ୍ରିୟା ମିଳିନାହିଁ।

ୱାଙ୍ଗଚୁକ୍ ‘ଏକ୍ସ’ରେ ଏହି ସୂଚନା ଦେଇ କହିଛନ୍ତି ଯେ ଗତରାତିରେ ଦୁଇ କେନ୍ଦ୍ର ମନ୍ତ୍ରୀ ତାଙ୍କୁ ଭେଟି ପ୍ରତିଶ୍ରୁତି ଦେଇଛନ୍ତି ଯେ ନିଟ୍ ବିଭ୍ରାଟ ପାଇଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଯଥେଷ୍ଟ କ୍ଷତିପୂରଣ ସହାୟତା ଦିଆଯିବ, ସଂସଦରେ ଏସଂପର୍କରେ ଆଲୋଚନା କରାଯିବ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଉପରେ ବିଚାର କରାଯିବ। ସେ ଆହୁରି କହିଛନ୍ତି ସେ ସରକାର ଏହି ଦାବି ମାନିନେଲେ ଯନ୍ତରମନ୍ତରରେ ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ କୁହାଯିବ। ଏହାସହିତ ସେମାନେ ସରକାରଙ୍କ ସହିତ ଆଲୋଚନା କରିବାକୁ ଯିବେ। ଆନ୍ଦେଳନକାରୀ ନେତା ସୌରଭ ଦାସ ଜଣାଇଛନ୍ତି ଯେ ସେମାନେ କୌଣସି ନେତାଙ୍କ ବାସଭବନକୁ ଯିବେ ନାହିଁ, ବରଂ କେନ୍ଦ୍ରମନ୍ତ୍ରୀମାନେ ଯନ୍ତର ମନ୍ତର କିମ୍ବା କୌଣସି ନିରପେକ୍ଷ ସ୍ଥାନକୁ ଆସି ନିରପେକ୍ଷ ଆଲୋଚନା କରନ୍ତୁ।

ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କ ଅନିର୍ଦ୍ଦିଷ୍ଟକାଳୀନ ଅନଶନ ଆଜି ୨୫ଶ ଦିନରେ ପହଞ୍ଚିଛି। ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶ ପରେ ତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରୁ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ହସ୍ପିଟାଲରେ ପହଞ୍ଚି ୱାଙ୍ଗଚୁକ୍‌ଙ୍କ ସହ ଆଲୋଚନା କରିଛନ୍ତି। ରାତି ପ୍ରାୟ ୧୧.୩୦ ସମୟରେ କେନ୍ଦ୍ରମନ୍ତ୍ରୀ ମେଦାନ୍ତ ହସ୍ପିଟାଲର ଆଇସିୟୁ ଭିତରକୁ ଯାଇ ୱାଙ୍ଗଚୁକ୍‌ଙ୍କ ସହ ପ୍ରାୟ ୧୦ ମିନିଟ୍ ଆଲୋଚନା କରିଥିଲେ। ତେବେ କଣ ଆଲୋଚନା ହୋଇଛି, ତାହା ସରକାର କିଛି ଜଣାଇ ନାହାନ୍ତି।

# ୧୦ ବର୍ଷରେ ୧୫୨ ପେପର ଲିକ୍: ରାହୁଲ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଭାରତର ଶିକ୍ଷା ବ୍ୟବସ୍ଥା ଏକ ‘ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା’ରେ ପରିଣତ ହୋଇଛି। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ବିଗତ ଦଶନ୍ଧି ମଧ୍ୟରେ ପ୍ରାୟ ୧୫୨ଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ସତ୍ତ୍ୱେ ଏପର୍ଯ୍ୟନ୍ତ କାହାରିକୁ ଦଣ୍ଡିତ କରାଯାଇନାହିଁ। ହାରାହାରି ପ୍ରତି ମାସରେ ଗୋଟିଏ ପ୍ରଶ୍ନପତ୍ର ଲିକ୍ ହେଉଛି ଏବଂ ଏହାଦ୍ୱାରା ପ୍ରାୟ ୭.୫ କୋଟି ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ପରିବାର ପ୍ରଭାବିତ ହୋଇଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ପଦ ପାଇଁ ଅଯୋଗ୍ୟ ବୋଲି କହିବା ସହ ଶିକ୍ଷାମନ୍ତ୍ରୀ ଦେଶର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ବା ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହାପରେ ରାହୁଲ ଜୁଲାଇ ୨୦ରେ ସଂସଦ ଅଭିମୁଖେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ କଡ଼ା ନିନ୍ଦା କରିଥିଲେ। ସେ କହିଛନ୍ତି ଯେ ପ୍ରତିବାଦକାରୀ ଛାତ୍ରଛାତ୍ରୀମାନେ ଆତଙ୍କବାଦୀ ନୁହନ୍ତି, ସେମାନେ ଆମ ଦେଶର ଭବିଷ୍ୟତ। ଏହି ମାମଲାରେ ସେ ୩ଟି ମୁଖ୍ୟ ଦାବି ରଖିଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବହିଷ୍କାର କରାଯାଉ, ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ରାହୁଲ କହିଛନ୍ତି ଯେ ଏହି ବ୍ୟବସ୍ଥା କେବଳ ଜାଲିଆତି ନୁହେଁ, ବରଂ ଅତ୍ୟନ୍ତ ବ୍ୟୟବହୁଳ ମଧ୍ୟ। ସେ ଅଭିଯୋଗ କରିଛନ୍ତି ଯେ ପ୍ରତିବର୍ଷ ନିଟ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପରିବାର ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହା ଦେଶର ସମଗ୍ର ଶିକ୍ଷା ବଜେଟ୍ ସହ ପ୍ରାୟ ସମାନ। ସେ ଏହାକୁ ମଧ୍ୟବିତ୍ତ ଓ ଗରିବ ପରିବାରଙ୍କ ପକେଟରୁ ଏକ ପ୍ରକାରର ଚୋରି ବୋଲି ବର୍ଣ୍ଣନା କରିଛନ୍ତି।

## ଆମେରିକାଠାରୁ ୧୦ ବିଲିୟନ ଡଲାର ସହାୟତା ମାଗିଲା ପାକିସ୍ତାନ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ପୁଣିଥରେ ଆମେରିକାଠାରୁ ଆର୍ଥିକ ସହାୟତା ଲୋଡ଼ିଛି। ଇରାନ ଯୁଦ୍ଧ ସମୟରେ କୂଟନୈତିକ ମଧ୍ୟସ୍ଥତା କରିବା ପରେ ପାକିସ୍ତାନ ୧୦ ବିଲିୟନ ଆମେରିକୀୟ ଡଲାରର ‘ବିନିମୟ ସ୍ଥିରତା ସୁବିଧା’ (ଏକ୍ସଚେଞ୍ଜ ଷ୍ଟାବିଲାଇଜେସନ୍ ଫାସିଲିଟି) ମାଗିଛି। ପାକିସ୍ତାନ ନିଜର ବୈଦେଶିକ ମୁଦ୍ରା ଭଣ୍ଡାର ଓ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଆମେରିକା ନିକଟରେ ଏହି ଆବେଦନ କରିଛି। ପାକିସ୍ତାନର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆମେରିକା ରାଜକୋଷ ସଚିବ ସ୍କଟ୍ ବେସେଣ୍ଟଙ୍କୁ ୫ ବର୍ଷିଆ ଅବଧି ପାଇଁ ଏହି ଦ୍ୱିପାକ୍ଷିକ ଆର୍ଥିକ ସହାୟତା ଯୋଗାଇଦେବାକୁ ଅନୁରୋଧ କରାଯାଇଛି। ଯଦି ଏହି ପ୍ରସ୍ତାବ ମଞ୍ଜୁର ହୁଏ, ତେବେ ପାକିସ୍ତାନୀ ମୁଦ୍ରା ‘ରୁପି’ ଉପରୁ ଚାପ କମିବ, ବୈଦେଶିକ ମୁଦ୍ରା ଗଚ୍ଛିତ ପାଣ୍ଠି ବୃଦ୍ଧି ପାଇବ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଉପରେ ଏହାର ନିର୍ଭରଶୀଳତା ହ୍ରାସ ପାଇବ। ଟ୍ରମ୍ପ ପ୍ରଶାସନ ସହ ସମ୍ପର୍କ ସୁଧାରିବା ପାଇଁ ପାକିସ୍ତାନ ଡିଜିଟାଲ ମୁଦ୍ରା, ହୋଟେଲ ପୁନଃନିର୍ମାଣ ଏବଂ ଖଣି କ୍ଷେତ୍ରରେ ମଧ୍ୟ ବାଣିଜ୍ୟିକ ଚୁକ୍ତି ଆଡ଼କୁ ଅଗ୍ରସର ହେଉଛି।



# ଦୁର୍ନୀତି, ବୁଲ୍‌ଡୋଜର୍ ନେଇ ବର୍ଷିଲେ ହାଇକୋର୍ଟ

**ଦୁର୍ନୀତି ପାଇଁ ମୃତ୍ୟୁଦଣ୍ଡ ଦରକାର**
**ସୁପ୍ରିମକୋର୍ଟକୁ ମାନୁନି ବୁଲଡୋଜର**

ପ୍ରୟାଗରାଜ, ୨୨।୭(ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଅତୁଲ ଶ୍ରୀଧରନ୍ ଦେଶରେ ବ୍ୟାପିଥିବା ଦୁର୍ନୀତି ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ନେଇ ବର୍ଷିଛନ୍ତି। ଭାରତୀୟ ସମାଜରେ ଦୁର୍ନୀତି ଏକ ସାଧାରଣ ଚଳଣିରେ ପରିଣତ ହୋଇଛି ବୋଲି କହିବା ସହ ଏହାକୁ ରୋକିବା ପାଇଁ ସେ ମୃତ୍ୟୁଦଣ୍ଡ ଭଳି କଠୋର ଦଣ୍ଡବିଧାନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଅଯୋଧ୍ୟା ରାମ ମନ୍ଦିର ପାଇଁ ମିଳିଥିବା ଦାନ ଅର୍ଥର ଚୋରିକୁ ଜଷ୍ଟିସ ଶ୍ରୀଧରନ୍ ‘ଭାରତୀୟଙ୍କ ସାଧୁତାର ଚରମ ଅଧୋପତନ’ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ଯେଉଁମାନେ ରାମ ମନ୍ଦିର ଭଳି ପବିତ୍ର ସ୍ଥାନରେ ଚୋରି କରି ମଧ୍ୟ ବିଚଳିତ ହେଉନାହାନ୍ତି, ସେମାନଙ୍କୁ କୌଣସି ଜିନିଷ ଲଜ୍ଜିତ କରିପାରିବ ନାହିଁ। ଦୁର୍ନୀତି ନିବାରଣ ଆଇନରେ ସଂଶୋଧନ କରି ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା କରାଯାଉଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ଜଷ୍ଟିସ ଶ୍ରୀଧରନ୍ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏଭଳି କାର୍ଯ୍ୟାନୁଷ୍ଠାନ କେବଳ ସମାଜର ରକ୍ତ ପିପାସା ମେଣ୍ଟାଇବା ପାଇଁ ଉଦ୍ଦିଷ୍ଟ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନ ଏଭଳି ଭାବେ ଘର ଭାଙ୍ଗୁଛି, ଯେମିତି କୌଣସି ଆଇନର ଅସ୍ତିତ୍ୱ ନାହିଁ।

ଏକ ଦୁର୍ନୀତି ମାମଲାର ଶୁଣାଣି ବେଳେ ଏଭଳି ଭାବରେ ବର୍ଷିଛନ୍ତି ବିଚାରପତି। ଅନଧିକୃତ ନିର୍ମାଣ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଦାୟୀ କରି ଜଷ୍ଟିସ ଶ୍ରୀଧରନ୍ କହିଛନ୍ତି ଯେ, କୌଣସି ନିର୍ମାଣ ରାତାରାତି ହୋଇନଥାଏ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ରାଜନୈତିକ ସମର୍ଥନ ଯୋଗୁଁ ଏଭଳି ବେଆଇନ କାର୍ଯ୍ୟ ହେଉଛି। ରାଜ୍ୟ ସରକାର ଏଭଳି ସ୍ଥାନକୁ ବିଜୁଳି ଓ ପାଣି ଯୋଗାଇ ଦେଉଥିବାରୁ ସେ ସରକାରଙ୍କୁ ମଧ୍ୟ ଏହି ଅପରାଧର ସହଭାଗୀ ବୋଲି କହିଛନ୍ତି। କ୍ରମାଗତ ଭାବେ ବଢୁଥିବା ଦୁର୍ନୀତି ଯୋଗୁଁ ଦେଶରେ ଅଳ୍ପ କିଛି ଲୋକଙ୍କ ପାଖରେ ଅମାପ ସମ୍ପତ୍ତି ଠୁଳ ହେବାରେ ଲାଗିଛି। ଏହାଫଳରେ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ ବଢ଼ିବ, ଯାହା ଆଗାମୀ ଦିନରେ ଗୃହଯୁଦ୍ଧ ବା ଗଣଅସନ୍ତୋଷର କାରଣ ସାଜିବ ବୋଲି ସେ ସତର୍କ କରାଇଛନ୍ତି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ୨୦୨୫ ରିପୋର୍ଟ ଅନୁଯାୟୀ ଭାରତ ୧୮୨ଟି ଦେଶ ମଧ୍ୟରୁ ୯୧ତମ ସ୍ଥାନରେ ରହିବା ମଧ୍ୟ ଆମ ପାଇଁ ଚିନ୍ତାର ବିଷୟ ବୋଲି ସେ ମତ ଦେଇଛନ୍ତି।

# ଉପଗ୍ରହ ଚିତ୍ରରେ ଦେଶର ୯୫% ଭୂଭାଗ ମୌସୁମୀ ମେଘାଚ୍ଛନ୍ନ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଉପଗ୍ରହ ଜୁଲାଇ ୨୨ ତାରିଖ ସକାଳେ ଉତ୍ତୋଳନ କରିଥିବା ଚିତ୍ରରୁ ଜଣାପଡ଼ିଛି ଯେ ସମଗ୍ର ଭାରତୀୟ ଭୂଖଣ୍ଡର ପ୍ରାୟ ୯୫ ପ୍ରତିଶତ ଅଞ୍ଚଳ ଏବେ ଘନ ମୌସୁମୀ ମେଘମାଳା ଦ୍ୱାରା ଆଚ୍ଛାଦିତ ହୋଇରହିଛି। ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପ୍ରକାଶିତ ‘ଇନସାଟ୍’ ଉପଗ୍ରହର ଚିତ୍ର ଅନୁଯାୟୀ, ବଙ୍ଗୋପସାଗରରୁ ଆରମ୍ଭ ହୋଇ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଗୁଜରାଟ ଦେଇ ଆରବ ସାଗର ପର୍ଯ୍ୟନ୍ତ ଏକ ବିଶାଳ ମେଘଖଣ୍ଡ ବିସ୍ତାରିତ ହୋଇ ରହିଛି। କେବଳ ପଶ୍ଚିମ ରାଜସ୍ଥାନ ଓ କଚ୍ଛ ଅଞ୍ଚଳକୁ ଛାଡ଼ି ଦେଲେ ସାରା ଦେଶରେ ମେଘୁଆ ପାଗ ସୃଷ୍ଟି ହୋଇଛି। ପାଣିପାଗ ବିଜ୍ଞାନୀମାନଙ୍କ ଅନୁସାରେ, ମେଘର ଉପରିଭାଗର ତାପମାତ୍ରା ଅତ୍ୟନ୍ତ କମିଯାଇ ପ୍ରାୟ ବିଯୁକ୍ତ ୬୦ ରୁ ବିଯୁକ୍ତ ୮୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ବିହାର, ଉତ୍ତର-ପୂର୍ବ ଭାରତ ଏବଂ ହିମାଳୟ ପାଦଦେଶ ଅଞ୍ଚଳରେ ମେଘଗୁଡ଼ିକ ଭୂପୃଷ୍ଠରୁ ପ୍ରାୟ ୧୨ ରୁ ୧୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବୃଦ୍ଧି ପାଇଛନ୍ତି। ଏହିପରି ଅତି ଉଚ୍ଚ ଓ ଥଣ୍ଡା ମେଘ ସାଧାରଣତଃ ପ୍ରବଳ ବିଜୁଳି, ଘଡ଼ଘଡ଼ି ସହ ମୁଷଳଧାରାରେ ବର୍ଷା କରାଇଥାଏ। ଉତ୍ତରାଖଣ୍ଡ ଏବଂ ମେଘାଳୟର କେତେକ ସ୍ଥାନରେ ସମ୍ପ୍ରତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବର୍ତ୍ତମାନ ମୌସୁମୀ ନିମ୍ନଚାପ ରେଖା ନିଜର ସାଧାରଣ ଅବସ୍ଥାନରେ ରହିଛି। ପଞ୍ଜାବ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ ଓ ଆସାମ ଉପରେ କ୍ରାନ୍ତିୟ ଆବର୍ତ୍ତ ସୃଷ୍ଟି ହୋଇଛି। ତେବେ କେବଳ ଏହି ବର୍ଷା ଦ୍ୱାରା ଦେଶର ମୋଟ ବର୍ଷା ନିଅଣ୍ଟିଆ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରିଯିବ ନାହିଁ।

## ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ଲୋକସଭାରୁ ନିଲମ୍ବିତ



ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଜଣେ ମହିଳା ସାଂସଦଙ୍କ ବିରୋଧରେ ଅସଂସଦୀୟ ଭାଷା ବ୍ୟବହାର କରିବା ଅଭିଯୋଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ଚଳିତ ବର୍ଷାକାଳୀନ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଲୋକସଭାରୁ ନିଲମ୍ବିତ କରାଯାଇଛି। ଅଧ୍ୟକ୍ଷତା କରୁଥିବା କୃଷ୍ଣ ପ୍ରସାଦ ତେନ୍ନେଟି କହିଛନ୍ତି, କଲ୍ୟାଣ ବାନାର୍ଜୀଙ୍କ ମନ୍ତବ୍ୟ ସଦନର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ଏହାପରେ ସଦନରେ ଆଗତ ପ୍ରସ୍ତାବକୁ ବାଚନିକ ଭୋଟରେ ଗୃହୀତ କରାଯାଇ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏହାପୂର୍ବରୁ ଲୋକସଭା ମୁଲତବୀ ହେବା ପରେ କଲ୍ୟାଣ ବାନାର୍ଜୀଙ୍କର ତାଙ୍କର ପୂର୍ବତନ ଦଳୀୟ ସହଯୋଗୀ ଏବଂ ବର୍ତ୍ତମାନ ଏନ୍‌ସିପିଆଇର ସାଂସଦ ମିତାଲି ବାଘ, ଶତାବ୍ଦୀ ରାୟ ଓ କାକୋଲି ଘୋଷ ଦସ୍ତିଦାରଙ୍କ ସହ ବାକ୍‌ବିତଣ୍ଡା ହୋଇଥିଲା। ପରେ ବିରୋଧୀ ସାଂସଦମାନେ ହସ୍ତକ୍ଷେପ କରି ପରିସ୍ଥିତିକୁ ଶାନ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ସାଂସଦ ଟିଏମସି ଛାଡ଼ି ଏନଡିଏ ସହ ହାତ ମିଳାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଶରଦ ପାୱାର ଓ ସୁପ୍ରିୟା ସୁଲେ



ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ସଂସଦ ବାହାରେ ବିରୋଧୀ ଦଳ ସରକାରଙ୍କ ବିରୋଧରେ ପ୍ରତିବାଦ କରୁଥିବା ବେଳେ ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାର ଓ ସାଂସଦ ସୁପ୍ରିୟା ସୁଲେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ଏହି ବୈଠକ ପରେ ରାଜନୈତିକ ମହଲରେ ବିଭିନ୍ନ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ବୈଠକରେ ଶରଦ ପାୱାର କୃଷକଙ୍କ ସମସ୍ୟା, ସେଚ ବ୍ୟବସ୍ଥା ଓ କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସାକ୍ଷାତକାର ଏଭଳି ସମୟରେ ହୋଇଛି, ଯେତେବେଳେ କେନ୍ଦ୍ର ସରକାର ସଂସଦରେ ପୁଣି ଥରେ ପରିସୀମନ (ଡିମିଲିଟେସନ) ବିଲ୍ ଆଣିବା ପାଇଁ ଦୁଇ-ତୃତୀୟାଂଶ ସମର୍ଥନ ହାସଲ କରିବାକୁ ଉଦ୍ୟମ ଚଳାଇଛନ୍ତି। ଲୋକସଭାରେ ଏନ୍‌ସିପି (ଏସ୍‌ପି)ର ୮ ଜଣ ସାଂସଦ ଏହି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ଧରାଯାଉଛନ୍ତି। ସେପଟେ ଶରଦ ପାୱାରଙ୍କ ଗୋଷ୍ଠୀ ଏନ୍‌ଡିଏରେ ସାମିଲ ହେବା କିମ୍ବା ଏନ୍‌ସିପିର ଦୁଇ ଶିବିରର ପୁନଃମିଳନକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ବିଷୟରେ କୌଣସି ପକ୍ଷରୁ ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ।

# ଆସାମ ବନ୍ୟା ଗୋଟିଏ ଦିନରେ ୨୧ ମୃତ, ମୋଟ୍ ମୃତ୍ୟୁସଂଖ୍ୟା ୩୧



ଗୌହାଟୀ, ୨୨।୭(ଏଜେନ୍ସି): ଲଗାଣ ବର୍ଷା ଯୋଗୁଁ ଆସାମର ବନ୍ୟା ପରିସ୍ଥିତି ଅଧିକ ଗମ୍ଭୀର ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ବନ୍ୟାଜନିତ ବିଭିନ୍ନ ଘଟଣାରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଚଳିତ ବର୍ଷ ବନ୍ୟାରେ ମୋଟ ମୃତ୍ୟୁସଂଖ୍ୟା ୩୧ରେ ପହଞ୍ଚିଛି। ଏହି ସମୟରେ ରାଜ୍ୟର ୧୨ଟି ଜିଲ୍ଲାର ପ୍ରାୟ ୫.୬୫ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏଏସ୍‌ଡିଏମ୍‌ଏ) ଅନୁସାରେ, ସର୍ବାଧିକ ୧୩ ଜଣଙ୍କ ମୃତ୍ୟୁ ଶିବସାଗର ଜିଲ୍ଲାରେ ଘଟିଛି। ଚରାଇଦେଓରେ ୫ ଜଣ, ଗୋଲାଘାଟରେ ୨ ଜଣ ଓ ଜୋରହାଟରେ ଜଣେ ମହିଳାଙ୍କ ପ୍ରାଣହାନି ଘଟିଛି। ଶିବସାଗର ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଥିବାବେଳେ ସେଠାରେ ପ୍ରାୟ ୩.୬ ଲକ୍ଷ ଲୋକ ବନ୍ୟା କବଳରେ ଅଛନ୍ତି। ବ୍ରହ୍ମପୁତ୍ର ନଦୀ ନିମାତିଘାଟରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ଉପନଦୀ ବୁରିଡିହିଙ୍ଗ, ଧନଶିରୀ, ଦିଖୌ ଓ ଦିସାଙ୍ଗ ନଦୀ ମଧ୍ୟ ବିପଜ୍ଜନକ ସ୍ତର ଅତିକ୍ରମ କରିଛି। ରାଜ୍ୟର ୮୭୨ଟି ଗ୍ରାମ ଜଳମଗ୍ନ ହୋଇଥିବାବେଳେ ପ୍ରାୟ ୨୪ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ୨୭୩ଟି ରିଲିଫ୍ ଶିବିର ଓ ସହାୟତା କେନ୍ଦ୍ର ଖୋଲାଯାଇଛି। ସେଠାରେ ୧୨ ହଜାରରୁ ଅଧିକ ବିସ୍ଥାପିତ ଲୋକ ଆଶ୍ରୟ ନେଇଛନ୍ତି। ସେନା, ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଓ ଅନ୍ୟ ସଂସ୍ଥାଙ୍କ ସହଯୋଗରେ ୬ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏପଟେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆସାମ ପାଇଁ ୟେଲୋ ଆଲର୍ଟ ଜାରି କରି ଆସନ୍ତା ଚାରି ଦିନ ଧରି ବଜ୍ରପାତ ସହ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

VIKASH DEGREE COLLEGE, BARGARH
Excellence is a Habit @ VIKASH

PG Courses Offered:
• M.A. (English)
• M.Com. (Accountancy)
• M.Sc. (Chemistry)
UG Courses Offered:
• B.A. (Hons): Economics, Education, English, Pol. Science, Psychology
• B.Com. (Hons): Accountancy
• B.Sc. (Hons): Physics, Chemistry, Mathematics, Computer Science, Botany, Zoology
APPLY ONLINE SAMS Portal
Vikash Higher Educational Institutions, Barahaguda, Bargarh (Odisha)
Visit us@ www.vdcbargarh.ac.in
Contact for Admission Details:
70080 41847
94372 10555
ADMISSION OPEN FOR 2026-27
Vikash Degree College

# ନାକଚଣା ଦ୍ୱାରରେ ତିନିରଥ

## ଆଜି ନବମୀ ସନ୍ଧ୍ୟା ଦର୍ଶନ



ପୁରୀ,୨୨।୭ (ସମିସ): ଆଡ଼ପ ମଣ୍ଡପରେ ସରିସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ଆଉ ଦିନକ ପରେ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଯିବେ ଚତୁର୍ଦ୍ଧାମୂର୍ତ୍ତି। ଗୁରୁବାର ନବମୀ ସନ୍ଧ୍ୟା ଦର୍ଶନ। ସକାଳେ ଦର୍ଶନ ଆରମ୍ଭ ହେବା ପରଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ୭ଟା ପରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ତେବେ ଭକ୍ତମାନେ କିପରି

### ଆଡ଼ପ ମଣ୍ଡପରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼

ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଆରମ୍ଭ ହୋଇଯାଇଛି ବାହୁଡ଼ା ପ୍ରସ୍ତୁତି। ପରମ୍ପରା ଅନୁଯାୟୀ, ମଙ୍ଗଳବାର ରଥର ଦକ୍ଷିଣମୋଡ଼ କରାଯାଇଥିଲା। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଦକ୍ଷିଣମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଇଥିଲା। ପ୍ରବଳ ବର୍ଷା ଯୋଗୁଁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଅଧା ଟଣାଯାଇ ବନ୍ଦ ରହିଥିବାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଡ଼ି ନ ଥିଲା। ବୁଧବାର ସକାଳେ ପ୍ରଥମେ ତାଳଧ୍ୱଜ ରଥ ଓ ପରେ ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖକୁ ଅଣାଯାଇଥିଲା। ଏବେ ନାକଚଣା ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ଅପରପକ୍ଷେ ଗୁରୁବାର ନବମୀ ସନ୍ଧ୍ୟା ଦର୍ଶନ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ସକାଳ ୭ଟାରୁ ଦର୍ଶନ ଆରମ୍ଭ ହେବ। ପ୍ରାୟ ଲକ୍ଷାଧିକ ଭକ୍ତ ସନ୍ଧ୍ୟା ଦର୍ଶନ କରିବେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ହିଁ ସନ୍ଧ୍ୟା ଦର୍ଶନ ଚାଲିବ। ଏହାପରେ ଦର୍ଶନ ବନ୍ଦ ହୋଇ ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ୍ ସମ୍ପ୍ରସାରଣ କରାଯିବ। ସନ୍ଧ୍ୟା ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ ହେବ ସେ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସନ୍ଧ୍ୟା ଦର୍ଶନ ପରେ ରାତିରେ ସେନାପଟା ଲାଗି, ବାହୁଟ କଣ୍ଟ, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତି ହେବ ବୋଲି ସୂଚନା ଦିଆଯାଇଛି।

ତେବେ ସନ୍ଧ୍ୟା ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଚୂଡ଼ାନ୍ତ ହୋଇଥିବା ନୀତି ଅନୁଯାୟୀ, ଭୋର୍ ୪ଟାରେ ଦ୍ୱାରଫିଟା, ମଙ୍ଗଳଆଳତି ୪ଟା ୩୦, ମଇଲମ ତଡ଼ପଲାଗି ଭୋର୍ ୫ଟା, ଅବକାଶ ସକାଳ ୬ଟା, ରୋଷହୋମ ୬ଟା ୧୫, ସୂର୍ଯ୍ୟପୂଜା ୬ଟା ୩୦, ଦ୍ୱାରପାଳ ପୂଜା ୬ଟା ୪୫, ବେଶ ଶେଷ ୭ଟା, ଗୋପାଳବଲ୍ଲଭ ୭ଟା ୩୦, ସକାଳ ଧୂପ ୮ଟାରୁ ୯ଟା ୩୦, ଭୋଗମଣ୍ଡପ ୮ଟା ୩୦ରୁ ପୂର୍ବାହ୍ଣ ୧୦ଟା ୩୦, ମଇଲମ ୧୦ଟା ୪୫, ଯାତ୍ରାଙ୍ଗୀ ମହାସ୍ନାନ ୧୧ଟା ୩୦, ସର୍ବାଙ୍ଗ ମଧ୍ୟାହ୍ନ ୧୨ଟା, ନୂଆ ଲୁଗାଲାଗି ଓ ବେଶ ଅପରାହ୍ଣ ୧ଟା, ମଧ୍ୟାହ୍ନ ଧୂପ ୧ଟା ୩୦ରୁ ୩ଟା, ଦ୍ୱିତୀୟ ଭୋଗମଣ୍ଡପ ୨ଟାରୁ ୩ଟା ୩୦, ମଇଲମ, ବେଶ ୩ଟା ୪୫ରୁ ୪ଟା ୪୦, ସନ୍ଧ୍ୟା ଆଳତି ଅପରାହ୍ଣ ୫ଟା, ସନ୍ଧ୍ୟା ଧୂପ ୫ଟା ୩୦ରୁ ସନ୍ଧ୍ୟା ୭ଟା, ତୃତୀୟ ଭୋଗମଣ୍ଡପ ୫ଟା ୪୫ରୁ ୭ଟା ୩୦, ରାହାସକୁ ଦିଅଁ ବିଜେ ରାତି ୮ଟା, ମଇଲମ ୮ଟା ୧୫, ଚନ୍ଦନଲାଗି ୮ଟା ୩୦, ବଡ଼ସିଂହାର ବେଶ ୯ଟା, ବଡ଼ସିଂହାର ଭୋଗ ୯ଟା ୩୦, ପହୁଡ଼ ଆଳତି ୧୦ଟା, ଶ୍ରୀମୁଖ ଖଣ୍ଡୁଆ ୧୦ଟା ୧୫, ବାହୁଟକଣ୍ଟ ୧୦ଟା ୩୦, ଚାରବନ୍ଧା ରାତି ୧୧ଟାରୁ ୨ଟା ଏବଂ କୁସୁମୀଲାଗି ରାତି ୨ଟା ୩୦ରୁ ୪ଟା। ଅନ୍ୟପକ୍ଷରେ ଆଡ଼ପମଣ୍ଡପ ଦର୍ଶନ ସରିସରି ଆସୁଥିବାବେଳେ ବୁଧବାର ପ୍ରବଳ ଭିଡ଼ ହୋଇଥିଲା। ସକାଳୁ ଏହି ଭିଡ଼ ଲାଗି ରହିଥିଲା।

# ମାଲକାନଗିରି ଏୟାରଷ୍ଟ୍ରିପ୍‌ରେ ଟ୍ରାଏଲ୍ ଲ୍ୟାଣ୍ଡିଂ

ମାଲକାନଗିରି,୨୨।୭ (ସମିସ): ଆଜି ମାଲକାନଗିରି ଏୟାରଷ୍ଟ୍ରିପ୍‌ଠାରେ ପରୀକ୍ଷାମୂଳକ ବିମାନ ଉଡ଼ାଣ ବା ଟ୍ରାଏଲ୍ ରନ୍ ସଫଳତାର ସହ ସମ୍ପନ୍ନ ହୋଇଛି। ମେସର୍ସ ଇଣ୍ଡିଆଓନ୍ ଏୟାର୍‌ର ସ୍ୱତନ୍ତ୍ର ସେସନା ଗ୍ରାଣ୍ଡ କାରାଭାନ ୨୦୮ ବି ଇଏକ୍ସ ବିମାନଟି ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଜୟପୁରରୁ ବାହାରି ଦିନ ୨ଟା ୨୦ରେ ମାଲକାନଗିରି ରନ୍‌ୱେରେ ଅବତରଣ କରିଥିଲା। ଏହାକୁ ଅଗ୍ନିଶମ ବିଭାଗ ପକ୍ଷରୁ ଭବ୍ୟ ୱାଟର କ୍ୟାନନ୍ ସାଲ୍ୟୁଟ୍ ପ୍ରଦାନ କରାଯାଇଥିଲା। ଏହି ସଫଳ ପରୀକ୍ଷଣ ପରେ ଆସନ୍ତା ଏକ ମାସ ମଧ୍ୟରେ ଜିଲ୍ଲାରୁ ପ୍ରାରମ୍ଭିକ ଭାବେ ୯ ସିଟ୍ ବିଶିଷ୍ଟ ନନ-ସେଡ୍ୟୁଲ୍ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି, ଆଜିର ସଫଳ ଟ୍ରାଏଲ୍ ଲ୍ୟାଣ୍ଡିଂ ମାଲକାନଗିରିର ଯୋଗାଯୋଗ ବିପ୍ଳବ କ୍ଷେତ୍ରରେ ଏକ ମାଇଲଖୁଣ୍ଟ। ଜିଲ୍ଲା ପ୍ରଶାସନ ସମସ୍ତ ଅଂଶୀଦାରଙ୍କ ସହ ସମନ୍ୱୟ



### ମାସକ ମଧ୍ୟରେ ନିୟମିତ ଉଡ଼ାଣ

ରକ୍ଷା କରି ଏକ ମାସ ମଧ୍ୟରେ ସାଧାରଣ ଜନତାଙ୍କ ପାଇଁ ନିୟମିତ ଉଡ଼ାଣ ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହା କେବଳ ପରିବହନ ସୁବିଧା ଯୋଗାଇବ ନାହିଁ, ବରଂ ଜିଲ୍ଲାର ପର୍ଯ୍ୟଟନ ଓ ଆର୍ଥିକ ବିକାଶର ନୂତନ ଦ୍ୱାର ଉନ୍ମୋଚନ କରିବ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ରାସ୍ତା ଓ କୋଠାବାଡ଼ି ସୁପରିଟେଣ୍ଡିଂ ଇଞ୍ଜିନିୟର ରବୀନ୍ଦ୍ର କୁମାର ବେହେରା ଉପସ୍ଥିତ ରହି ସମଗ୍ର ପ୍ରକ୍ରିୟାର ସୁଚାରୁ ପରିଚାଳନା କରିଥିଲେ। ମୁଖ୍ୟ ପାଇଲଟ୍ କ୍ୟାପ୍ଟେନ ପ୍ରେମ କୁମାର ଗର୍ଗ ଏବଂ କୋ-ପାଇଲଟ୍ ସତୀଶ ଏସ୍‌କେ ବିମାନ ବନ୍ଦରର ରନ୍‌ୱେ ସମେତ ସମସ୍ତ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଉପଯୁକ୍ତ ବୋଲି ଦର୍ଶାଇଛନ୍ତି। ଭୁବନେଶ୍ୱରରୁ ଆସିଥିବା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ (ସୁରକ୍ଷା) ମନୋଜ କୁମାର ଦାସ, ସହକାରୀ ନିର୍ଦ୍ଦେଶକ (ଏରୋ ସେଫ୍ଟି) ନିରଜ କୁମାର ନାୟକ ଏବଂ ବିମାନବନ୍ଦର ଆକାଉଣ୍ଟେବଲ୍ ମ୍ୟାନେଜର ଅଶୋକ କୁମାର ରାଉତ ଏହି ପ୍ରସ୍ତୁତି ଏବଂ ସଫଳ ଟ୍ରାଏଲ୍ ରନ୍‌ର ଚୂଡ଼ାନ୍ତ ସମୀକ୍ଷା କରିଛନ୍ତି। ସରକାରଙ୍କ ଆଞ୍ଚଳିକ ସଂଯୋଗୀକରଣ ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ବିମାନ ଚଳାଚଳ ବ୍ୟବସ୍ଥା ନନ-ସେଡ୍ୟୁଲ୍ ଭିତ୍ତିରେ କାର୍ଯ୍ୟ କରିବ। ଯେଉଁଠାରେ ଯାତ୍ରୀମାନଙ୍କର ସମ୍ପୂର୍ଣ୍ଣ ଟିକେଟ୍ ବୁକିଂ ନିଶ୍ଚିତ ହେବା ପରେ ହିଁ ବିମାନ ଉଡ଼ାଣ ଭରିବ। ଯାତ୍ରୀମାନଙ୍କ ସୁବିଧା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ସ୍ୱତନ୍ତ୍ର ନୋଡାଲ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ଏବଂ ନିୟମିତ ପ୍ୟାସେଞ୍ଜର ଅପଡେଟ୍ ପାଇଁ ପର୍ଯ୍ୟଟନ ବିଭାଗକୁ ମଧ୍ୟ ସାମିଲ କରାଯାଇଛି। ବର୍ତ୍ତମାନର ୧୫୦୦ ମିଟର ରନ୍‌ୱେକୁ ଆହୁରି ୩୦୦ ମିଟର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ୧୮୦୦ ମିଟରର ରନ୍ ୱେ ତିଆରି କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି। ଯାହା ଭବିଷ୍ୟତରେ ଏଠାରେ କମର୍ସିଆଲ ଜେଟ୍ ଏୟାରକ୍ରାଫ୍ଟର ଅବତରଣ ସହ ମାଲକାନଗିରି ଜିଲ୍ଲାର ଅର୍ଥନୀତି, ପରିବହନ ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ।

# ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ



ଥୁଆମୂଳ ରାମପୁର,୨୨।୭ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୀତାକାନ୍ତ ରଣାଙ୍କୁ ବୁଧବାର ଓଡ଼ିଶା ଭିଜିଲାନ୍ସ ଟିମ୍ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗିରଫ କରିଛି। ବିଦ୍ୟାଳୟରେ ପରିଷ୍କାର-ପରିଚ୍ଛନ୍ନତା କାର୍ଯ୍ୟ କରୁଥିବା ମା'ଧରଣୀ ସ୍ୱୟଂ ସହାୟକ ଗୋଷ୍ଠୀର ୨୦୨୬-୨୭ ଆର୍ଥିକ ବର୍ଷର ୩ ମାସର ବକେୟା ବିଲ୍ ମୁକ୍ତ କରିବା ପାଇଁ ପ୍ରଧାନଶିକ୍ଷକ ସୀତାକାନ୍ତ ରଣା ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଲ୍ ପାସ୍ ନ କରି ଲାଞ୍ଚ ଦେବାକୁ ଚାପ ପକାଯାଉଥିବାରୁ ସମ୍ପୃକ୍ତ ଏସ୍‌ଏଚ୍‌ଜି କର୍ମକର୍ତ୍ତା ଓଡ଼ିଶା ଭିଜିଲାନ୍ସର ଶରଣାପନ୍ନ ହୋଇଥିଲେ। ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ଅଧିକାରୀମାନେ ଏକ ଯୋଜନା କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଅଭିଯୋଗକାରୀ ପ୍ରଧାନଶିକ୍ଷକଙ୍କୁ ୧୦ ହଜାର ଟଙ୍କା ଦେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୧୦ ହଜାର ଟଙ୍କା ଜବତ କରାଯାଇଛି। ଘଟଣା ପରେ ଭିଜିଲାନ୍ସ ପକ୍ଷରୁ ସୀତାକାନ୍ତ ରଣାଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନରେ ଚଢ଼ଉ ଜାରି ରହିଛି। ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ, ତଦନ୍ତ ଶେଷ ହେବାପରେ ଘଟଣା ସମ୍ପର୍କରେ ଅଧିକ ବିବରଣୀ ପ୍ରକାଶ କରାଯିବ।

## ସମ୍ବେଦନହୀନ, ନିଷ୍ଠୁର ସରକାର ଗାଦି ଛାଡ଼ିବା ଉଚିତ୍

# ପୁଲିସର ଗୁଣ୍ଡାଗର୍ଦ୍ଦୀ ସରକାରଙ୍କ ଭୀରୁତାର ପରିଚୟ: କଂଗ୍ରେସ

ଭୁବନେଶ୍ୱର,୨୨।୭ (ସମିସ): ନିଟ୍ ପ୍ରଶ୍ନପତ୍ର ମାମଲାକୁ ନେଇ ଦେଶବ୍ୟାପୀ ଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ ଏବଂ ଛାତ୍ରମାନଙ୍କ ସମର୍ଥନରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତିବାଦ ଏବଂ ଶ୍ରୀ ଗାନ୍ଧୀଙ୍କ ଉପରେ କେନ୍ଦ୍ର ସରକାର ଇଙ୍ଗିତରେ ଅମାନୁଷିକ ବ୍ୟବହାର ଆଦିକୁ ନେଇ ବର୍ଷିଛି କଂଗ୍ରେସ। ବୁଧବାର କଂଗ୍ରେସ ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ



ପ୍ରବକ୍ତା ଡକ୍ଟର ହମିଦ୍ ହୁସେନ କହିଛନ୍ତି, ସାମ୍ପ୍ରତିକ ପ୍ରଶ୍ନପତ୍ର ଲିକ୍ ମାମଲା ଦେଶର କେବଳ ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୁହେଁ; ବରଂ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ସମସ୍ତ ଗଠନମୂଳକ ବିରୋଧୀ ନେତୃତ୍ୱଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଓ କ୍ରୋଧ ସୃଷ୍ଟି କରିଛି। ସାରା ଦେଶରେ ଛାତ୍ରଛାତ୍ରୀମାନେ ଏହା ବିରୋଧରେ ପ୍ରତିବାଦ କରିଛନ୍ତି ଏବଂ ଏହା ପରେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ମଞ୍ଚରେ ଏହି ପ୍ରସଙ୍ଗ ଉଠାଇଛନ୍ତି।

ଡଃ ହୁସେନ କହିଛନ୍ତି ଯେ ସଂସଦ ନିକଟରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମରାଯାଇଛି, ଆହତ କରାଯାଇଛି ଏବଂ ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଇଛି। ଛାତ୍ରୀମାନଙ୍କ ବସ୍ତ୍ରହରଣ କରାଯିବା ସହ ସେମାନଙ୍କୁ ଚୁଟି ଧରି ଘୋଷାଡ଼ି ପ୍ରତାଡ଼ିତ କରାଯାଇଛି। ପୁଲିସ ଓ ବିଜେପିର ଗୁଣ୍ଡା ହାତରେ ଲାଠି ଧରି ଏହି କାଣ୍ଡ ଭିଆଇଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦମାନେ ଏହାକୁ ବିରୋଧ କରି ଧାରଣା ଦେଇଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ବା ବହିଷ୍କାର ଏବଂ ସଂସଦରେ ଏହି ବିଷୟରେ ଆଲୋଚନା ପାଇଁ ଏଠାରେ ଦାବି କରାଯାଇଥିଲା। ହେଲେ ଦିଲ୍ଲୀ ପୁଲିସ ବଳପ୍ରୟୋଗ କରି ସେମାନଙ୍କୁ ଥାନାକୁ ନେଇଯାଇଥିଲା। ପୁଲିସ ଦ୍ୱାରା ଏଭଳି ଗୁଣ୍ଡାଗର୍ଦ୍ଦୀ କରାଇବା ସରକାରଙ୍କ ଭୀରୁତାର ପରିଚୟ ବୋଲି ସେ କହିଛନ୍ତି।

ଦଳ ପକ୍ଷରୁ କୁହାଯାଇଛି, ପ୍ରଶ୍ନପତ୍ର ଲିକ୍ ଏକ ମହାପାପ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଯଦି ଏହା ସତ୍ୟ, ତେବେ ଏହି ପାପର ମହାପାପୀଙ୍କୁ ପଦରୁ ବିଦା କରିବା ଦରକାର। ଆନ୍ଦୋଳନକାରୀ ଛାତ୍ରଛାତ୍ରୀ, ରାହୁଲ ଗାନ୍ଧୀ ଓ ବିରୋଧୀ ଦଳର ସାଂସଦମାନଙ୍କ ସହ ପୁଲିସର ବର୍ବରତା ଏବଂ ପିସିସି ସଭାପତିଙ୍କୁ ଅଟକ ରଖିବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ଏକ ଫାସିବାଦୀ ଆଭିମୁଖ୍ୟ ବୋଲି ଦଳ ଅଭିହିତ କରିଛନ୍ତି। ଆରଜିପିଆରଏସ୍ ସୁଦର୍ଶନ ଦାସ ଏବଂ ପିସିସି ପ୍ରବକ୍ତା ସୋନାଲୀ ସାହୁ ସାମ୍ବାଦିକ ସମ୍ମିଳନୀରେ କରିଥିଲେ।

## ମନଗଢ଼ା ମନ୍ତବ୍ୟ ଦେଇ ଫସିଗଲେ ବିଜେପି ସାଂସଦ

# ଭର୍ତ୍ତୃହରିଙ୍କୁ ବିଜେଡି ସାଂସଦଙ୍କ କଡ଼ା ଭର୍ତ୍ସନା

ଭୁବନେଶ୍ୱର,୨୨।୭ (ସମିସ): ନୂଆଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବର ଆକ୍ରମଣ ଘଟଣାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିଟ୍ ବିଭ୍ରାଟକୁ ନେଇ ସାରା ଦେଶରେ ଅସନ୍ତୋଷ ଚରମ ରୂପ ଧାରଣ କରିଛି। ଏହି ପ୍ରସଙ୍ଗରେ ବିଜେଡି ସୁପ୍ରିମୋ ଗତକାଲି ନୂଆଦିଲ୍ଲୀରେ ଦେଇଥିବା ମନ୍ତବ୍ୟ ଉପରେ ମନଗଢ଼ା ଟିପ୍ପଣୀ ଦେଇ ଫସିଯାଇଛନ୍ତି ବିଜେପି ସାଂସଦ ଭର୍ତ୍ତୃହରି ମହତାବ। ନବୀନଙ୍କ ସମ୍ପର୍କରେ ଅତ୍ୟନ୍ତ ଅବାନ୍ତର, ଅରୁଚିକର, ଅଶୋଭନୀୟ ଓ ନିମ୍ନରୁଚିର ମନ୍ତବ୍ୟକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିବାବେଳେ ବିଜେଡିର ସମସ୍ତ ରାଜ୍ୟସଭା ସାଂସଦ ଭର୍ତ୍ତୃହରିଙ୍କୁ ତାଙ୍କର ରାଜନୈତିକ ଜୀବନର ଇତିହାସ ସ୍ମରଣ କରାଇ ଦେଇଛନ୍ତି।

ବିଜେଡି ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ବିଜେଡି ଓ ଆମର ନେତା ନବୀନ ପଟ୍ଟନାୟକ 'କ୍ରକୋଚ' ଆନ୍ଦୋଳନକୁ ସମର୍ଥନ କରୁନାହାନ୍ତି। ମାତ୍ର ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ବର୍ବର ଆକ୍ରମଣ, ଲାଠିମାଡ଼, ରବର ବୁଲେଟ୍ ଓ ପାଣି ମାଡ଼ ଆଦି ଘଟଣାକୁ ନେଇ ଆମେ ଦୁଃଖ ପ୍ରକାଶ କରିଛୁ ଏବଂ ଆମର ନେତା ଏହାକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି। ଏହାକୁ ନେଇ ନବୀନ ପଟ୍ଟନାୟକ ଅତ୍ୟନ୍ତ ମର୍ମାହତ ବୋଲି ମଧ୍ୟ ମନ୍ତବ୍ୟ ଦେଇଛନ୍ତି। ମାତ୍ର ଭର୍ତ୍ତୃହରି ବାବୁ ସମ୍ଭବତଃ ନବୀନ ବାବୁଙ୍କ ବକ୍ତବ୍ୟକୁ ନ ଶୁଣି ଅନ୍ୟଦ୍ୱାରା ପ୍ରରୋଚିତ ହୋଇ ଏଭଳି ବକ୍ତବ୍ୟ ଦେଇଛନ୍ତି। ବିଜେପିରୁ ସାଂସଦ ହେବା ପୂର୍ବରୁ ଭର୍ତ୍ତୃହରିବାବୁଙ୍କୁ ନବୀନବାବୁଙ୍କ ୬ଥର ସାଂସଦ ପଠାଇଥିଲେ। ନବୀନ ବାବୁ ହିଂସାକୁ କେତେ ମାତ୍ରାରେ ନିନ୍ଦା ତଥା ବିରୋଧ କରନ୍ତି, ତାହା ଭର୍ତ୍ତୃହରି ବାବୁ ଭଲ ଭାବେ ଜାଣିଛନ୍ତି। ତେଣୁ ଭର୍ତ୍ତୃହରି ବାବୁଙ୍କ ମୁହଁରୁ ଏପରି କଥା ଶୋଭା ପାଏନାହିଁ। ବୋଧହୁଏ ସେ ବିଜେପିରୁ ଥିବାରୁ ଏପରି କହିଥାଇପାରନ୍ତି। ମାତ୍ର ୨୦ ତାରିଖରେ ଯେପରି ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ କରାଗଲା ସେ ସମ୍ପର୍କରେ ଭର୍ତ୍ତୃହରିବାବୁ କାହିଁକି ନିରବ ରହିଛନ୍ତି? ଗତ ୨ ବର୍ଷରେ ଓଡ଼ିଶାରେ ୨୦ଥରରୁ ଉର୍ଦ୍ଧ୍ୱ ପେପର ଲିକ୍ ଘଟଣାରେ ଭର୍ତ୍ତୃହରି କାହିଁକି ଚୁପ୍ ରହିଛନ୍ତି? ଓଡ଼ିଶାରେ ୧୭୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ମୁଦ୍ରଣ ଜନିତ ତ୍ରୁଟି ସାମ୍ନାକୁ ଆସିଛି। ଏନେଇ ସେ କାହିଁକି ଚୁପ୍ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଡ. ସଂତୃପ୍ତ ମିଶ୍ର କହିଛନ୍ତି ଯେ ଭର୍ତ୍ତୃହରି ମହତାବଙ୍କ ଅବାନ୍ତର, ଅନାବଶ୍ୟକ ଏବଂ ଅଶୋଭନୀୟ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ସେ ନବୀନ ବାବୁଙ୍କର ବକ୍ତବ୍ୟକୁ ଶୁଣିଥିଲେ ବା ପଢ଼ିଥିଲେ, ଏପରି କଥା କହି ନ ଥାନ୍ତେ। କଠିନ ପରିଶ୍ରମ କରି ଜୀବନରେ ସଫଳତା ପାଇଥିବା ଲୋକମାନେ ପରିଶ୍ରମର ମୂଲ୍ୟ କ'ଣ ତାହା ଜାଣନ୍ତି। ଏ କଥା ସେ

- ନବୀନଙ୍କ ପାଇଁ ଲୋଡ଼ାନାହିଁ ଭର୍ତ୍ତୃହରିଙ୍କ ସାର୍ଟିଫିକେଟ
- ଛାତ୍ରଛାତ୍ରୀଙ୍କୁ ନିଷ୍ଠୁକ ମାଡ଼ ସମୟରେ ନିରବତାକୁ ନେଇ ପ୍ରଶ୍ନ
- ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କାହିଁକି ଚୁପ୍ ଥିଲେ ଭର୍ତ୍ତୃହରି

ବୁଝି ପାରିବେ ନାହିଁ। ଯଦି ତାଙ୍କର ସତ୍‌ସାହସ ଅଛି, ତେବେ ସେ ଛାତ୍ରଛାତ୍ରୀଙ୍କ ସହ ଯାହା ସବୁ ଘଟିଛି ଓ ଘଟୁଛି; ସେ ସମ୍ପର୍କରେ କଟକରେ ଆସି ଓଡ଼ିଶାର ସ୍କୁଲ ଓ କଲେଜ ପିଲାଙ୍କ ନିକଟରେ ମନ୍ତବ୍ୟ ରଖନ୍ତୁ। ପ୍ରଶ୍ନପତ୍ର ଲିକ୍, ବାରମ୍ବାର ପରୀକ୍ଷା, ଲାଠି ଚାର୍ଜ ସବୁ ଠିକ୍ ବୋଲି କହନ୍ତୁ ବୋଲି ଡ଼. ମିଶ୍ର ଆହ୍ୱାନ ଦେଇଛନ୍ତି। ସାଂସଦ ଡ. ସସ୍ମିତ ପାତ୍ର କହିଛନ୍ତି ଯେ ଭର୍ତ୍ତୃହରିଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ନିନ୍ଦନୀୟ। ନିଟ୍‌ରେ ଯେଉଁ ପ୍ରକାର ଭାବରେ ସ୍କାମ୍ ଘଟିଲା ଏବଂ ସେଥିପାଇଁ ଯେ ସ୍ୱତଃପ୍ରବୃତ୍ତ ଭାବରେ ଭାରତବର୍ଷ ସାରା ଛାତ୍ରଛାତ୍ରୀମାନଙ୍କର ହୃଦୟରେ ଆବେଗ ବଢ଼ିଲା ଏବଂ ପ୍ରତିବାଦ ବଢ଼ିଲା, ସେଇ ପ୍ରତିବାଦ ସହିତ ବିଜେଡି ଓ ନବୀନ ବାବୁ ଅଛନ୍ତି। ସେହିପରି ନବୀନ ବାବୁ ଓ ବିଜୁ ଜନତା ଦଳ ପ୍ରତ୍ୟେକଟି ହିଂସାକୁ ଖଣ୍ଡନ କରି ଆସିଛନ୍ତି। ଯଦି କୌଣସି ଜାଗାରେ ଛାତ୍ରଛାତ୍ରୀମାନେ ହିଂସା କରିଛନ୍ତି ତାହା ବି ଗ୍ରହଣୀୟ ନୁହେଁ। ସେଥିପାଇଁ ଆମର ନେତା ସ୍ୱର ଉତ୍ତୋଳନ କରିଥିଲେ। ନବୀନ ବାବୁଙ୍କ କାର୍ଯ୍ୟକାଳରେ ୩୨ରୁ ଅଧିକ ମନ୍ତ୍ରୀମାନଙ୍କୁ ରିଜାଇନ୍ କରିବାକୁ ପଡ଼ିଥିଲା ନହେଲେ ସେମାନଙ୍କୁ କାଢ଼ି ଦିଆଯାଇଥିଲା। ନବୀନ ବାବୁଙ୍କ ସରକାରରେ ଯେ ଭୁଲ କରିଛି, ତାର ମନ୍ତ୍ରୀ ପଦ ଯାଇଛି। ନବୀନ ବାବୁଙ୍କୁ ଓଡ଼ିଶାବାସୀ ଭଲ ପାଆନ୍ତି। ଆଜି ଆମେ ସରକାରରେ ଥାଉ ନଥାଉ, ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥାଆନ୍ତୁ ନଥାଆନ୍ତୁ କିନ୍ତୁ ଓଡ଼ିଶାବାସୀଙ୍କ ହୃଦୟରେ ଆଜିବି ସେ ତାଙ୍କର ମୁଖ୍ୟମନ୍ତ୍ରୀ ଅଛନ୍ତି ବୋଲି ସସ୍ମିତ୍ କହିଛନ୍ତି।

ସାଂସଦ ସୁଲତା ଦେଓ କହିଛନ୍ତି ଯେ ଯିଏ ଶିକ୍ଷାର ମୂଲ୍ୟ ବୁଝେ ନାହିଁ, ସେ ଶିକ୍ଷା ସମ୍ପର୍କରେ ଜାଣିବ କିପରି? ଯିଏ ଆଜି ଏତେ ବଡ଼ ବଡ଼ କଥା କହୁଛନ୍ତି, ସେ କାହିଁକି ଓଡ଼ିଶାରେ ସ୍କୁଲ ପିଲାଙ୍କ ପଢ଼ା ବହିରେ ମାଳ ମାଳ ଭୁଲ ପ୍ରସଙ୍ଗରେ ଚୁପ୍ ରହିଛନ୍ତି। ପିଲାଙ୍କୁ ମାଡ଼ ହବ, କଣ୍ଟା ଲଗା ବାଡ଼ିରେ ପିଟା ହବ, ଆଉ ସାଧା ପୋଷାକରେ ପୋଷାକରେ ପୁଲିସ ପିଲାଙ୍କୁ ବାଡ଼େଇବେ ପିଲାଙ୍କୁ, ତାହେଲେ ତାଙ୍କୁ କେହି କିଛି କହିବେନି। ଆପଣଙ୍କର ମାନସିକତା କେମିତି ତାହା ଓଡ଼ିଶାର ସମସ୍ତ ଲୋକ ଜାଣିସାରିଲେଣି ବୋଲି ସେ ସମାଲୋଚନା ଛଳରେ କହିଛନ୍ତି। ସାଂସଦ ସୁଭାଶିଷ ଖୁଣ୍ଟିଆ ମଧ୍ୟ ଭର୍ତ୍ତୃହରିଙ୍କ ବୟାନର କଡ଼ା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ନବୀନ ବାବୁ ଏପରି ଏକ ନେତୃତ୍ୱ ଯେ ଓଡ଼ିଶାର ସ୍ୱାର୍ଥ ପାଇଁ, ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ, ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ଏବଂ ଆଗାମୀ ଦିନରେ ଦେଶର ଭବିଷ୍ୟତଙ୍କ ସହିତ ଠିଆ ହୋଇଛନ୍ତି। ନବୀନ ବାବୁଙ୍କ ବ୍ୟକ୍ତିତ୍ୱକୁ ସାରା ଭାରତବର୍ଷ ଜାଣିଛି ଏବଂ ସର୍ବା ସଦାସର୍ବଦା ସେ ସବୁବେଳେ ନ୍ୟାୟର ସହିତ ରହିଛନ୍ତି। ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ଆପଣଙ୍କୁ ଉଚିତ ଜବାବ ଦେବେ। ଆପଣଙ୍କ ଏ କୁମ୍ଭୀର କାନ୍ଦଣା ଏବଂ ନବୀନ ବାବୁଙ୍କ ବିରୁଦ୍ଧରେ ମନ୍ତବ୍ୟକୁ ନେଇ ରାଜ୍ୟବାସୀ ଆପଣଙ୍କୁ କ୍ଷମା କରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ପ୍ରଶାସନର ଟେନସନ ବଢ଼ାଉଛି କୁମିଆପାଲି

# ସରକାରୀ ପରିଚୟପତ୍ର ସହ ଯୋଜନା ଦସ୍ତାବିଜ ଫେରାଇଲେ



ବଲାଙ୍ଗିର,୨୨।୭ (ସମିସ): ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ପ୍ରଭାବିତ କୁମିଆପାଲି ଗ୍ରାମବାସୀ ଏବେ ପ୍ରଶାସନର ଟେନସନ ବଢ଼ାଇ ଚାଲିଛନ୍ତି। ବିସ୍ଥାପିତ ହେବାକୁ ସଂପୂର୍ଣ୍ଣ ଭାବେ ଗ୍ରାମର ୮୪ ପରିବାର ମନା କରିଦେଇଛନ୍ତି। ବୁଧବାର ଦ୍ୱିତୀୟ ଦିନରେ ସେମାନେ ନିଜ ପରିଚୟ ପତ୍ର ସହ ସମସ୍ତ ସରକାରୀ ଯୋଜନା ଦସ୍ତାବିଜକୁ ପ୍ରଶାସନ ଆଗରେ ଫୋପାଡି ନିଜକୁ ସରକାରୀ ପଘାରୁ ମୁକ୍ତ କରିଥିବା ଘୋଷଣା କରିଛନ୍ତି। ଅର୍ଥାତ ଯେହେତୁ ତାଙ୍କ କଥା ପ୍ରଶାସନ ଶୁଣିବା ବଦଳରେ ସେମାନଙ୍କୁ ଜବରଦସ୍ତି ବିସ୍ଥାପିତ କରିବାକୁ ଚେଷ୍ଟା କରୁଛି ତେଣୁ ସମସ୍ତ ସରକାରୀ ଦସ୍ତାବିଜ ପ୍ରଶାସନକୁ ଫେରାଇ ନିଜ ଭାଗ୍ୟକୁ ଆଦରି ନିଜ ଭରସାରେ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଆଦିବାସୀମାନଙ୍କ ଭଳି ଜଙ୍ଗଲରେ ରହିବେ; କିନ୍ତୁ ବିସ୍ଥାପିତ ହେବେ ନାହିଁ ବୋଲି କହିଛନ୍ତି। ସେମାନଙ୍କ ଜିଦ ଭାଙ୍ଗିବାରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ବିଫଳ ହୋଇଛି।

ଆମେ ଆଦିବାସୀ ଲୋକ ଆଜ୍ଞା। ଜଙ୍ଗଲରେ ରହିଆସିଛୁ। ଭୋଟ୍ ଦେଉଛୁ ବୋଲି ସରକାରୀ ଯୋଜନାରେ ସହାୟତା ମିଳୁଛି; କିନ୍ତୁ ବଦଳରେ ସରକାର ଆମ ବେକରେ ପଘା ପକାଇଛି। ମେଣ୍ଢା ଭଳି ଯୁଆଡେ ଚାହୁଁଛି ସେଆଡେ ନେଇ ପୁଣି ଛାଡିଦେଉଛି। ଆମେ ମୁର୍ଖ ଲୋକ ସତ; ହେଲେ ମେଣ୍ଢା ଭଳି ଆଉ ରହିବୁନି। ଆଜି ଭୋଟର ପତ୍ରଠାରୁ ଆରମ୍ଭ କରି ଆୟୁଷ୍ମାନ କାର୍ଡ ପର୍ଯ୍ୟନ୍ତ ସବୁ ଫେରାଇ ସବୁ ବନ୍ଧନରୁ ନିଜକୁ ମୁକ୍ତ କଲୁ। ଆମେ ଆଜିଠାରୁ ନିଜ ହିସାବରେ ରହିବୁ। ମରିଲେ ବି ଆମର କ୍ଷତି ଆଉ ବଞ୍ଚିଲେ ବି ଆମର କ୍ଷତି। ମରିଲେ କି କିଛି ହେଲେ ସରକାରଙ୍କ କିଛି ସହାୟତା ଗ୍ରହଣ କରିବୁ ନାହିଁ। ବୁଧବାର କୁମିଆପାଲି ଗାଁର ଡୋଲାମଣୀ ବରିହା ସରକାରଙ୍କୁ ଏହି ଚେତାବାନୀ ଦେଇ କହିଛନ୍ତି। ମଙ୍ଗଳବାର ଦ୍ୱିତୀୟ ଦିନରେ କୁମିଆପାଲି ଗାଁକୁ ପୁଲିସ ଫୋର୍ସ ସହ ପ୍ରଶାସନ ବିସ୍ଥାପିତ କରିବାକୁ ଯାଇଥିବା ବେଳେ ଗ୍ରାମବାସୀ ଆଜି ମଧ୍ୟ ପ୍ରତିବାଦ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ, ଉପଜିଲ୍ଲାପାଳ ଆଲୋକ ପଟେଲ, ଏସଡିପିଓ ସରୋଜ ଉପାଧ୍ୟୟ ପ୍ରମୁଖ କୁମିଆପାଲିରେ ଆନ୍ଦୋଳନରତ ଥିବା ୮୪ ପରିବାରକୁ ବିସ୍ଥାପିତ ହେବାକୁ ଅନୁରୋଧ କରିଥିଲେ।

# ହାଇଟେକ୍ ହସ୍ପିଟାଲରେ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା

ରାଉରକେଲା,୨୨।୭ (ସମିସ)



ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଜଣେ ରୋଗୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ଉତ୍ତେଜନା ମଙ୍ଗଳବାର ଦ୍ୱିତୀୟ ଦିନରେ ମଧ୍ୟ ଜାରି ରହିଛି। ମୃତକଙ୍କ ପରିବାର ସଦସ୍ୟ ଓ ସମର୍ଥକମାନେ ହସ୍ପିଟାଲ ପରିସରରେ ମୃତଦେହ ରଖି ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ। ସୂଚନାଯୋଗ୍ୟ ଯେ ସେକ୍ଟର-୧୮ ବସ୍ତିର ଜଣେ ୧୮ ବର୍ଷୀୟ ଯୁବକ ବିଭିନ୍ନ ରୋଗରେ ପୀଡ଼ିତ ହେବା ପରେ ତାଙ୍କୁ ଚିକିତ୍ସା ପାଇଁ ହାଇଟେକ ମେଡିକାଲରେ ପରିବାର ପକ୍ଷରୁ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇ ପରିବାର ଓ ସମ୍ପର୍କୀୟଙ୍କ ପକ୍ଷରୁ ଡାକ୍ତରଖାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଉଚିତ ନ୍ୟାୟ ଦାବି କରି ସେମାନେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ଗ୍ରହଣ କରିବାକୁ ଅସ୍ୱୀକାର କରିଥିଲେ।

ବିକ୍ଷୋଭ ସମୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଏପରିକି ହସ୍ପିଟାଲ ପରିସରରେ ଉତ୍ତ୍ୟକ୍ତମାନେ ବ୍ୟାପକ ଭଙ୍ଗାରୁଜା କରିବା ସହ ଡାକ୍ତରଖାନାର କିଛି କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଫଳରେ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଥିଲା। ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ଖବର ପାଇ ରଘୁନାଥପାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ସେଠାରେ ପୁଲିସ ବଳ ମୁତୟନ ରହିଛନ୍ତି। ତେବେ ମୃତକଙ୍କ ପରିବାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରଥମ ସୂଚନା ରିପୋର୍ଟ (ଏଫ୍ଆଇଆର୍) ଦାଖଲ କରାଯାଇ ନଥିବାରୁ ପୁଲିସର ତଦନ୍ତ ପ୍ରକ୍ରିୟା ବିଳମ୍ବିତ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ହସ୍ପିଟାଲ କର୍ତ୍ତୃପକ୍ଷ ଚିକିତ୍ସାରେ ଅବହେଳା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ହସ୍ପିଟାଲ ସୂତ୍ରରୁ ପ୍ରକାଶ ଯେ, ରୋଗୀ ଜଣକ ଏକାଧିକ ଗୁରୁତର ରୋଗରେ ପୀଡ଼ିତ ଥିଲେ। ଚିକିତ୍ସକମାନେ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ଘଟଣାକୁ ନେଇ ଅଞ୍ଚଳରେ ଏପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିବା ବେଳେ ପ୍ରଶାସନ ସମଗ୍ର ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ସମସ୍ତଙ୍କୁ ଶାନ୍ତି ବଜାୟ ରଖିବାକୁ ଅପିଲ କରାଯିବା ସହ ପରିସ୍ଥିତିର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି।

■ ଏଏଆଇ ଓ ସେଲ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

## ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ



**ରାଉରକେଲା, ୨୨।୭ (ସମିସ):** ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ଓ ପରିଚାଳନା ପାଇଁ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ଏବଂ ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ) ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି। ଏହି ଚୁକ୍ତିନାମା ସ୍ୱାକ୍ଷର ବେଳେ ଏଏଆଇ ଅଧ୍ୟକ୍ଷ ବିପିନ କୁମାର ଏବଂ ସେଲର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏଏଆଇ ଏବଂ ସେଲ ମଧ୍ୟରେ ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣ କାର୍ଯ୍ୟ ନେଇ ହୋଇଥିବା ଚୁକ୍ତିନାମା ଦ୍ୱାରା ରାଉରକେଲା ବିମାନବନ୍ଦରର ନବକଳେବର ହେବା ସହ ପୂର୍ବାପେକ୍ଷା ଏହାର ଦୈନିକ ପରିଚାଳନା ଅଧିକ ଦକ୍ଷ, ସୁରକ୍ଷିତ ଓ ପ୍ରଭାବଶାଳୀ ହୋଇପାରିବ ବୋଲି ଆଶା କରାଯାଉଛି। ଏହାସହ ଆଗାମୀ ଦିନରେ ରାଉରକେଲା ବିମାନବନ୍ଦରର ଭିତ୍ତିଭୂମି ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ। ରାଉରକେଲା ବିମାନବନ୍ଦର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ରାଉରକେଲାରୁ ଦେଶର ବଡ ବଡ ସହରକୁ ବୃହତ୍ ବିମାନ ଚଳାଚଳ ସମ୍ଭବ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

## ଦୋକାନ ସ୍ଥାୟିତ୍ୱ ନେଇ କୃତଜ୍ଞତା ଜ୍ଞାପନ

**ରାଉରକେଲା, ୨୨।୭ (ସମିସ):** ଇସ୍ପାତ ଟାଉନସିପ୍ ଅନ୍ତର୍ଗତ ଇସ୍ପାତ ମାର୍କେଟର ୩୫ଟି ଉଠା ଦୋକାନୀକୁ ଆର୍ଏସପି ପକ୍ଷରୁ ସ୍ଥାୟୀ କରାଯାଇଛି। ଦୀର୍ଘ ୨୫ ବର୍ଷର ଉଦ୍ୟମ ପରେ ପ୍ରାକ୍ତନ ମାର୍କେଟ କମିଟିର ସଭାପତି ଶଙ୍କର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳଙ୍କ ନିରନ୍ତର ପ୍ରୟାସ ଫଳରେ ଆଜି ଆରଏସପି କର୍ତ୍ତୃପକ୍ଷ ଉକ୍ତ ଦୋକାନ ଗୁଡ଼ିକୁ ସ୍ଥାୟୀତ୍ୱ କରି ସ୍ୱୀକୃତିପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାକ୍ତନ ସଭାପତି ଶଙ୍କର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସହର ସେବା ପ୍ରଶାସନର ମୁଖ୍ୟ ମହାପ୍ରବନ୍ଧକ ତପନ ଜି କାନେକର ଓ ସଞ୍ଜୀବ ବେହେରାଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ପ୍ରତିନିଧି ଦଳରେ ମୁରଲୀଧର ମିଶ୍ର, ଭଗବାନ ବିଶ୍ୱାଳ, ଚୁନିଲାଲ ଭୌମିକ, ଅଶୋକ ଦାଶ, ନନ୍ଦଲାଲ ଦତ୍ତ, ମନୋଜ ଦଳାଇ, ହରିହର ଦଳାଇ, ରମେଶ ପାତ୍ର, ମଙ୍ଗୁଳି ବେହେରା, ବିନୋଦ ଚୌଧୁରୀ ପ୍ରମୁଖ ଦୋକାନୀ ଭାଇ ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଇସ୍ପାତ ମାର୍କେଟରେ ଥିବା ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଦୋକାନୀ ଭାଇ ସ୍ଥାୟୀ ଭାବେ ନିଜ ଜୀବିକା ନିର୍ବାହ କରୁଥିବା ବେଳେ କିଛି ଉଠା ଦୋକାନୀଙ୍କୁ ସ୍ଥାୟୀ କରାଯାଇଥିଲା। ତେବେ ସେଥିମଧ୍ୟରୁ ପ୍ରାୟ ୩୫ଟିରୁ ଉର୍ଦ୍ଧ୍ୱ ଦୋକାନ ସ୍ଥାୟୀ କରିବା ପାଇଁ ବାରମ୍ବାର ଦାବି କରାଯାଇଥିଲା।

## ସେକ୍ଟର-୧୯ ନୀଲମ୍ ରେଷ୍ଟୁରାଣ୍ଟ ଉଚ୍ଛେଦ

**ରାଉରକେଲା,୨୨।୭ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଟାଉନ୍ ସର୍ଭିସେସ୍ ବିଭାଗ ପକ୍ଷରୁ ବୁଧବାର ସେକ୍ଟର-୧୯ ସ୍ଥିତ ନୀଲମ ରେଷ୍ଟୁରାଣ୍ଟର ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ କରାଯାଇଛି।



ସୂଚନାଯୋଗ୍ୟ ଯେ, ସେକ୍ଟର-୧୯ର ଆରଟିୟୁ-୧୮ ଅଞ୍ଚଳରେ ଥିବା ୦.୨୫ ଏକର ଜମିକୁ ଏମ୍/ଏସ୍ ନୀଲମ ରେଷ୍ଟୁରାଣ୍ଟର ମାଲିକ ଜୟଲାଲ ବକ୍ସୀଙ୍କୁ ୨୯ ନଭେମ୍ବର ୧୯୯୬ ଠାରୁ ୩୩ ବର୍ଷ ପାଇଁ ସବ୍-ଲିଜର ନବୀକରଣ ଅନୁମୋଦନ କରାଯାଇଥିଲା। କିନ୍ତୁ ସବ୍-ଲିଜର ସର୍ତ୍ତାବଳୀର ବାରମ୍ବାର ଉଲ୍ଲଙ୍ଘନ କରାଯିବା ଯୋଗୁଁ ନବୀକରଣ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇ ପାରିନଥିଲା ଏବଂ ତ୍ରିପାକ୍ଷିକ ସବ୍-ଲିଜ୍ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇ ପାରିନଥିଲା। ଆରଏସପି ପକ୍ଷରୁ କୁହାଯାଇଛି ଯେ, ସବ୍-ଲିଜଧାରୀ ବିନା ଅନୁମତିରେ ଜମିର ଦଖଲ ତୃତୀୟ ପକ୍ଷକୁ ହସ୍ତାନ୍ତର କରିବା ସହ ଆରଏସପିର ପୂର୍ବ ଅନୁମୋଦନ ବିନା ବ୍ୟବସାୟିକ କମ୍ପ୍ଲେକ୍ସ ନିର୍ମାଣ କରିଥିଲେ। ଫଳରେ ଏହି ଅନିୟମିତତାକୁ ଦୃଷ୍ଟିରେ ରଖି ୨୦୧୮ ମସିହାରେ ଆରଏସପି ପକ୍ଷରୁ ସମ୍ପୃକ୍ତ ପ୍ରତିଷ୍ଠାନର ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିଲା। ବାରମ୍ବାର ସୁଯୋଗ ଦିଆଯିବା ସତ୍ତ୍ୱେ ସବ୍-ଲିଜଧାରୀ ଉଲ୍ଲଙ୍ଘନଗୁଡ଼ିକର ସଂଶୋଧନ କରିନଥିବାରୁ ଆରଏସପି ପକ୍ଷରୁ ୧୩ ଜୁନ୍ ୨୦୨୬ରେ ସବ୍-ଲିଜ୍ ବାତିଲ କରାଯାଇଥିଲା ଏବଂ ୩୦ ଦିନ ମଧ୍ୟରେ ଜମି ଖାଲି କରି ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜମି ଖାଲି ନକରିବାରୁ ପବ୍ଲିକ୍ ପ୍ରେମିସେସ୍ (ଅନଧିକୃତ ଦଖଲଦାରଙ୍କ ଉଚ୍ଛେଦ) ଆଇନ, ୧୯୭୧ ଅନୁଯାୟୀ ଇଷ୍ଟେଟ୍ ଅଫିସରଙ୍କ ସମ୍ମୁଖରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।

ଶୁଣାଣି ସମୟରେ ସବ୍-ଲିଲଧାରୀ ନିଜ ପକ୍ଷରୁ ସର୍ତ୍ତ ଉଲ୍ଲଙ୍ଘନ କରିଥିବା ସ୍ୱୀକାର କରିବା ସହ 'ଯେଉଁ ଅବସ୍ଥାରେ ଅଛି ସେହି ଅବସ୍ଥାରେ' ଜମି ଫେରସ୍ତ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ଇଷ୍ଟେଟ୍ ଅଫିସର ଉଚ୍ଛେଦ ଆଦେଶ ଜାରି କରିବା ସହ ୪ ଲକ୍ଷ ୮୬ ହଜାର ଟଙ୍କା କ୍ଷତିପୂରଣ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶକୁ ପାଳନ କରି ସବ୍-ଲିଲଧାରୀ ନିର୍ଦ୍ଧାରିତ କ୍ଷତିପୂରଣ ରାଶି ଜମା କରିବା ସହ ୨୨ ଜୁଲାଇ ୨୦୨୬ରେ ଜମିର ଖାଲି ଦଖଲ ରାଉରକେଲା ଇସ୍ପାତ କାରଖାନାକୁ ହସ୍ତାନ୍ତର କରିଥିବା ଜଣାପଡିଛି।

## କଲଚରାଲ ଏକାଡେମୀ ରାଉରକେଲାର ପତ୍ରପତ୍ରିକା ଦିବସ



**ରାଉରକେଲା,୨୨।୭ (ସମିସ):** କଲଚରାଲ ଏକାଡେମୀ ପରିସରରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ଓ ରଜନୀକାନ୍ତ ଦାସଙ୍କ ସ୍ମୃତି ଦିବସ ଅବସରରେ ୩୫ତମ ପତ୍ରପତ୍ରିକା ଦିବସ ପାଳିତ ହୋଇଯାଇଛି। ବିଷ୍ଣୁପ୍ରିୟା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଲକ୍ଷ୍ମୀନାରାୟଣ ହୋତା ଯୋଗଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ସାମାଜିକ କର୍ମୀ ସରୋଜ ମୁଖ୍ୟବକ୍ତା ଭାବରେ ଯୋଗଦେଇ 'ଆଜିର ସମ୍ବାଦପତ୍ର, ସାହିତ୍ୟ ଓ ବୌଦ୍ଧିକ ନିରବତା' ସଂପର୍କରେ ଆଲୋଚନା କରିଥିଲେ। ''ନବପତ୍ର'ର ମୁଖ୍ୟ ସମ୍ପାଦକ ଡ. ପ୍ରଭାତ ମଲ୍ଲିକ ନବପତ୍ରର ଐତିହାସିକ ଦାୟିତ୍ୱକୁ ସ୍ୱୀକାର କରିଥିଲେ। ବରିଷ୍ଠ ସଦସ୍ୟ ତଥା କବି ଡ. କୃପାସିନ୍ଧୁ ନାୟକ ରଜନୀକାନ୍ତ ଦାସଙ୍କ ସ୍ମୃତିରେ ''ଚୀର ପ୍ରଣାମ' ଶୀର୍ଷକର ଏକ କବିତା ପାଠ କରିଥିଲେ। ସମ୍ପାଦନା ମଣ୍ଡଳୀର ଅନ୍ୟତମ ସଦସ୍ୟ ବଳରାମ ରାଉଳ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ କରିଥିଲେ କଲଚରାଲ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର। ଏହି କାର୍ଯ୍ୟକ୍ରମରେ ରାଉରକେଲା ସହରର ବିଶିଷ୍ଟ ବୁଦ୍ଧିଜୀବୀ, କବି, ଲେଖକ ବବିତା ମହାପାତ୍ର, ବିଜୟ ରାୟ, ପରେଶ ବିଶ୍ୱାଳ, ଲକ୍ଷ୍ମିନାରାୟଣ ପଟ୍ଟନାୟକ, ପ୍ରତାପ ପଣ୍ଡା, ପ୍ରଶାନ୍ତ ପତି, ରମେଶ ପାତ୍ର, ଆର୍ତ୍ତତ୍ରାଣ ମହାପାତ୍ର, ରଶ୍ମୀ ସାହୁ, ବାସନ୍ତି ପାତ୍ର, ଅଶୋକ ପଟ୍ଟନାୟକ, ଆଲୋକ ବୋଷ, ଗୋକୁଳାନନ୍ଦ ଦାଶ, ବସନ୍ତ ଦାସ, ଗୌତମ ଦାସ, ମନୋଜ ମଲ୍ଲିକ, ରାଜେଶ ରାୟ, ପ୍ରଫୁଲ୍ଲ ସେଠୀ, ସୁକାନ୍ତ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟତମ ସମ୍ପାଦକ ଅକ୍ଷୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପିରେ ଅବସର-ପୂର୍ବ କର୍ମଚାରୀ ସଶକ୍ତୀକରଣ କର୍ମଶାଳା

**ରାଉରକେଲା,୨୨।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ସିପିଟିଆଇ ଠାରେ ଏକ ଅବସର-ପୂର୍ବ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନୀ' ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଅଧିବେଶନରେ ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ (ରକ୍ଷଣାବେକ୍ଷଣ) ଏସ୍ଏସ୍ ରାୟଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସଏସଏମର ଭାରପ୍ରାପ୍ତ ମହା ପ୍ରବନ୍ଧକ ସିଆର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାରଖାନାର ୬୮ ଜଣ ଅଧିକାରୀ




ଏବଂ କର୍ମଚାରୀ, ଯେଉଁମାନେ ଜୁଲାଇ ମାସରେ ସ୍ୱେଚ୍ଛାକୃତ ଅବସର ଆବେଦନ ମାଧ୍ୟମରେ ସେବାନିବୃତ୍ତ ହେବେ ଏହି ଅଧିବେଶନରେ ଯୋଗ ଦେଇଥିଲେ। 'ରୋଶନୀ'ର ଅଧିବେଶନଗୁଡ଼ିକରେ ଏକ ସୁଗମ ଅବସରକାଳୀନ ପରିବର୍ତ୍ତନ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ଏକ ବ୍ୟାପକ ପରିସର ଅନ୍ତର୍ଭୁକ୍ତ ଥିଲା। ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ଶିବାଲକର ଉକ୍ତ ଅଧିବେଶନରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ଏବଂ ଅବସର ପରବର୍ତ୍ତୀ ସୁସ୍ଥ ଜୀବନ ପାଇଁ ରଣନୀତି ବିଷୟରେ ଆଲୋଚନା କରିଥିଲେ।

ସାଇବର ସୁରକ୍ଷା ସମସ୍ୟା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଉପମହାପ୍ରବନ୍ଧକ (ସିଏଣ୍ଡ ଆଇଟି) ଭିପି ଆର୍ଯ୍ୟ ଆଲୋଚନା କରିଥିଲେ, ଯେଉଁଠାରେ ଡିଜିଟାଲ ଯୁଗରେ ଇଣ୍ଟରନେଟର ସୁବିଧା ବିଷୟରେ ବ୍ୟାଖ୍ୟା କରାଯାଇଥିଲା ଏବଂ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଡିଜିଟାଲ ଉପସ୍ଥିତିକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ସାଇବର ବିପଦ ଏବଂ ସୁରକ୍ଷା ଜଗତ ବିଷୟରେ ଧାରଣା ପ୍ରଦାନ କରାଯାଇଥିଲା। ଅର୍ଥ ସମ୍ବନ୍ଧୀୟ ଅଧିବେଶନରେ ଉପ ପ୍ରବନ୍ଧକ (ଅର୍ଥ ଏବଂ ବିତ୍ତ) ଡିକେ ଦାଶ ସୁଗମ ଚୂଡ଼ାନ୍ତ ଆର୍ଥିକ ଭୁକ୍ତି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଥିକ ସ୍ଥିରତା ନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ଅର୍ଥ ପରିଚାଳନା ପାଇଁ ପ୍ରକ୍ରିୟାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ସହକାରୀ ମହା ପ୍ରବନ୍ଧକ (ଅର୍ଥ ଏବଂ ବିତ୍ତ) ପପୁ କୁମାର ଆର୍ଥିକ ସୁରକ୍ଷା ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପର୍ଯ୍ୟାୟ ସହିତ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଏବଂ ସକ୍ରିୟ ଜୀବନଯାପନ କରିବା ପାଇଁ ସକାରାତ୍ମକ ମାନସିକତା ପ୍ରସ୍ତୁତି ଆବଶ୍ୟକତା ଉପରେ ସହକାରୀ ମହା ପ୍ରବନ୍ଧକ (ସିପି-୨ ବାବୁଲା ନାହାକ ଆଲୋଚନା କରିଥିଲେ। କାରଖାନାର କ୍ୱାର୍ଟର ଖାଲି କରିବା ଏବଂ ରଖିବା ନୀତିର ବିବରଣୀ ଉପରେ ଉପ ପ୍ରବନ୍ଧକ (ଟାଉନ ସର୍ଭିସେସ୍) ଭରତ ମହାନ୍ତ ଆଲୋଚନା କରିଥିବା ବେଳେ ସହକାରୀ ମହା ପ୍ରବନ୍ଧକ (ଏଚଆର-ଟିଏ, ଜି, ଇଆର ଏଣ୍ଡ ସି) ଅବିନାଶଙ୍କ ଦ୍ୱାରା ସେଲ୍ ମେଡିକ୍ଲେମ୍ ସ୍କିମ୍ ଏବଂ ଏନପିଏସ୍ ଉପରେ ମଧ୍ୟ ତଥ୍ୟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସହ ପ୍ରବନ୍ଧକ (ଏଚଆର-ଇଆର ଏଣ୍ଡ ସି) ଏସପି ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଉପ ପ୍ରବନ୍ଧକ (ଏଚଆର- ଇଆର ଏଣ୍ଡ ସି) ଏସକେ ନାୟକ, ଶ୍ରମ ପରିଦର୍ଶକ, କେକେ ପରିଡ଼ା ଏବଂ ଅବିନାଶଙ୍କ ତତ୍ତ୍ୱାବଧାନରେ ଏଚ୍ଆର-ଇଆର ଟିମ୍ ସହିତ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ 'ରୋଶନୀ' କର୍ମଶାଳାର ଉଦ୍ଦେଶ୍ୟ ହେଉଛି ସେବା ନିବୃତ୍ତ ହେଉଥିବା କର୍ମଚାରୀମାନଙ୍କୁ ସକାରାରକତା, ଉତ୍ସାହ ଏବଂ ପ୍ରସ୍ତୁତି ସହିତ କମ୍ପାନୀରୁ ଅବସରକୁ ଗ୍ରହଣ କରିବା ପାଇଁ ଏକ ବ୍ୟାପକ ଭାବରେ ପ୍ରସ୍ତୁତ କରିବା।

■ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

## ଆର୍‌ଡିସିଙ୍କ ରାଜନୈତିକ ଦଳ ସହିତ ବୈଠକ



**ରାଉରକେଲା,୨୨।୭ (ସମିସ):** ସୁନ୍ଦରଗଡର ସଦ୍‌ଭାବନା ଭବନ ଠାରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସମ୍ବଲପୁର ସଂଗ୍ରାମ କେଶରୀ ମହାପାତ୍ରଙ୍କ ଦ୍ୱାରା ସମସ୍ତ ରାଜନୈତିକ ଦଳ ସହିତ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଜିଲ୍ଲାରେ ଚାଲିଥିବା ଏସ୍ଆଇଆର୍ ପ୍ରକ୍ରିୟା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକଳାପ ଗୁଡ଼ିକ ଉପରେ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଜିଲ୍ଲାରେ ଚାଲିଥିବା ଏସ୍ଆଇଆର୍ ପ୍ରକ୍ରିୟା ଉପରେ ନିଜର ସନ୍ତୋଷ ପ୍ରକଟ କରିଥିଲେ ଏବଂ ଉପସ୍ଥିତ ଥିବା ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ କ୍ଷେତ୍ରସ୍ତରୀୟ କୌଣସି ସମନ୍ୱୟର ଅଭାବ କିମ୍ବା ଅନ୍ୟ କୌଣସି ଅସୁବିଧା ରହିଥିଲେ ତାହା ଜଣାଇବାକୁ କହିଥିଲେ। ସେହିଭଳି ଯଦି ଅବଶିଷ୍ଟ ୭ ପ୍ରତିଶତ ଅନୁପସ୍ଥିତ, ସ୍ଥାନାନ୍ତର ମୃତ ତାଲିକା (ଏଏସଡି ତାଲିକା) ମଧ୍ୟରେ କୌଣସି ଯୋଗ୍ୟ ଭୋଟର ଥାଆନ୍ତି, ତେବେ ତାଙ୍କୁ ତୁରନ୍ତ ଚିହ୍ନଟ କରି ଭୋଟର ତାଲିକାରେ ସାମିଲ କରିବାରେ ସହଯୋଗ କରିବାକୁ ସମସ୍ତ ରାଜନୈତିକ ଦଳ ମାନଙ୍କୁ ପ୍ରସାଶନ ପକ୍ଷରୁ ଅନୁରୋଧ କରାଯାଇଛି। ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବିଜେପିରୁ କୁସୁମ ଟେଟେ, ଭେଷଜ ରଥ, କୁଳଦୀପ ସିଂ, ସୁରେନ୍ଦ୍ର ଦେହୁରୀ, ବିଜୁ ଜନତା ଦଳରୁ ଜୟନାରାୟଣ ତ୍ରିପାଠୀ ଓ ଅମୀୟ ପ୍ରଧାନ ଏବଂ କଂଗ୍ରେସ ପକ୍ଷରୁ ଅଜିତ ପ୍ରସାଦ ଓ ପର୍ଶୁରାମ ସରାଫ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପିରେ ନୂତନ ମାଇକ୍ରୋ ପେଲେଟ୍ ପ୍ଲାଣ୍ଟ ଉଦ୍‌ଘାଟିତ

**ରାଉରକେଲା,୨୨।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାରେ ବାର୍ଷିକ ୦.୧୮ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ମାଇକ୍ରୋ ପେଲେଟ୍ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆର୍ଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ଅତ୍ୟାଧୁନିକ ସୁବିଧାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ଖଣି ବିକାଶ) ବିକେ ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ଏମଏମ) ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମପି ସିଂ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଏସ୍ ପାଲଚୌଧୁରୀ, ନିର୍ବାହୀ ନିର୍ଦ୍ଦେଶକ (ଏଫଏଣ୍ଡଏ)ର ଅତିରିକ୍ତ ଦାୟିତ୍ୱରେ ଥିବା ମୁଖ୍ୟ ମହାପ୍ରବନ୍ଧକ (ଏଫଏଣ୍ଡଏ) ରାଜେଶ ଦାସଗୁପ୍ତା, ମେସର୍ସ ଶ୍ରୀଜଗନ୍ନାଥ ଷ୍ଟିଲ୍ସ ଆଣ୍ଡ ପାୱାର ଲିମିଟେଡର ସିଏମଡି ପ୍ରଶାନ୍ତ ଆହଲୁୱାଲିଆ, କାରଖାନାର ମୁଖ୍ୟ ମହାପ୍ରବନ୍ଧକଗଣ ଏବଂ ବହୁ ବରିଷ୍ଠ ଅଧିକାରୀ ଗଣ ଉପସ୍ଥିତ ଥିଲେ। ସେଲ୍ ମଧ୍ୟରେ ଏ ଧରଣର ପ୍ରଥମ ଏହି ମାଇକ୍ରୋ ପେଲେଟ୍ ପ୍ଲାଣ୍ଟ, ମେସର୍ସ ଶ୍ରୀଜଗନ୍ନାଥ ଷ୍ଟିଲ୍ସ ଆଣ୍ଡ ପାୱାର ଲିମିଟେଡ୍ ଦ୍ୱାରା ନିର୍ମାଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଭିତ୍ତିରେ ପ୍ରତିଷ୍ଠା କରାଯାଇଛି। ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ସମୟରେ ନିର୍ଗତ ବର୍ଜ୍ୟବସ୍ତୁକୁ ଆରଏସପିର ସିଣ୍ଟର ପ୍ଲାଣ୍ଟଗୁଡିକରେ ବ୍ୟବହାର ପାଇଁ ମୂଲ୍ୟଯୁକ୍ତ ମାଇକ୍ରୋ ପେଲେଟରେ ପରିଣତ କରିବା, ସେହିପରି ଚକ୍ରାକାର ଅର୍ଥନୀତି ଏବଂ ପରିବେଶର ସ୍ଥିରତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି ଏବଂ ଗୁରୁତ୍ୱପୁର୍ଣ ଯେ ଏହା ଧାର୍ଯ୍ୟ ସମୟସୀମା ପୂର୍ବରୁ କାର୍ଯ୍ୟକ୍ଷମ ହୋଇଛି। ଉଲ୍ଲେଖନୀୟ ଯେ, ଏହି ପ୍ଲାଣ୍ଟ ଏସଏମଏସ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ ସ୍ଲଜ୍, ଇଏସପି ଏବଂ ବ୍ୟାଗ୍ ଫିଲ୍ଟର ଧୂଳି, ଏବଂ ପରିତ୍ୟକ୍ତ ଥିବା ଅନ୍ୟାନ୍ୟ ମାଇକ୍ରୋନ-ଆକାରର ଲୌହଯୁକ୍ତ ପଦାର୍ଥ ଭଳି ବର୍ଜ୍ୟବସ୍ତୁଗୁଡିକୁ ପ୍ରକ୍ରିୟାକରଣ କରିବ। ଏକ ବିଶେଷଜ୍ଞ ଏଗ୍ଲୋମେରେସନ ପ୍ରକ୍ରିୟା ମାଧ୍ୟମରେ, ଏହି ସାମଗ୍ରୀଗୁଡିକ ୧ ରୁ ୬ ମିମି ଆକାରର ମାଇକ୍ରୋ ପେଲେଟରେ ପରିଣତ ହେବ, ଯାହା ସିଣ୍ଟର ତିଆରି



ପ୍ରକ୍ରିୟାରେ ବ୍ୟବହାର ପାଇଁ ଉପଯୁକ୍ତ। ଏହି ସୁବିଧା କାର୍ଯ୍ୟକ୍ଷମ ହେବା ଆରଏସପିର ସ୍ୱଚ୍ଛ, ସବୁଜ ଏବଂ ଅଧିକ ସ୍ଥାୟୀ କାର୍ଯ୍ୟ ପ୍ରଣାଳୀ ଦିଗରେ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ଅଟେ। ବର୍ଜ୍ୟବସ୍ତୁ ନିଷ୍କାସନ ସହିତ ଜଡିତ ପରିବେଶ ଚିନ୍ତାକୁ ହ୍ରାସ କରିବା ବ୍ୟତୀତ, ଏହି ପ୍ଲାଣ୍ଟ ଲୁହା, କ୍ୟାଲସିୟମ ଅକ୍ସାଇଡ୍ ଏବଂ ମ୍ୟାଗ୍ନେସିୟମ ଅକ୍ସାଇଡ୍ ଭଳି ମୂଲ୍ୟବାନ ଉପାଦାନଗୁଡିକର ପୁନରୁଦ୍ଧାର ଏବଂ ପୁନର୍ବ୍ୟବହାରକୁ ସକ୍ଷମ କରିବ, ଯାହା ଦ୍ୱାରା କଞ୍ଚାମାଲ ବ୍ୟବହାର ହ୍ରାସ ପାଇବା ସଙ୍ଗେ ସଙ୍ଗେ ସାମଗ୍ରିକ ପ୍ରକ୍ରିୟା ଦକ୍ଷତା ବୃଦ୍ଧି ପାଇବ। ସେଣ୍ଟର ଫର୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଇଟି), ରାଞ୍ଚି, ଏହି ପ୍ରକଳ୍ପର ପରାମର୍ଶଦାତା ଥିଲା।

## ବେଦବ୍ୟାସ ସେତୁ ପ୍ରକଳ୍ପ ପାଇଁ ୬୨.୭୬ କୋଟି ଟଙ୍କାର ଟେଣ୍ଡର ସମ୍ପନ୍ନ



**ରାଉରକେଲା, ୨୨।୭ (ସମିସ):** ରାଉରକେଲାର ବହୁ ପ୍ରତୀକ୍ଷିତ ବେଦବ୍ୟାସ ସେତୁ ପ୍ରକଳ୍ପ ପାଇଁ ୬୨.୭୬ କୋଟି ଟଙ୍କାର ଟେଣ୍ଡର ସମ୍ପନ୍ନ ହୋଇଛି।

ଭୁବନେଶ୍ୱରର ଗୁରୁ ମହାରାଜ ନାମକ ଏକ କମ୍ପାନୀକୁ ଏହି ଟେଣ୍ଡର ମିଳିଥିବା ସୂଚନା ମିଳିଛି। ସୂଚନା ମୁତାବକ ଏହି ସମ୍ପ୍ରସାରଣ କାର୍ଯ୍ୟ ଓବି ଏଣ୍ଡ ସିସି ଦ୍ୱାରା କରାଯିବ। ଟେଣ୍ଡର ଚୂଡାନ୍ତ କରିବା ପାଇଁ ଖୁବ ଶୀଘ୍ର ଟେଣ୍ଡର କମିଟି ବୈଠକ ଅନୁଷ୍ଠିତ ହେବ। ବେଦବ୍ୟାସ ସେତୁ ନିର୍ମାଣ ହେଲେ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବା ସହ ସାଧାରଣ ଲୋକଙ୍କୁ ବଡ଼ ସୁବିଧା ମିଳିବ ବୋଲି ଆଶା କରାଯାଉଛି।

# ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ

ରାଉରକେଲା,୨୨।୭ (ସମିସ)




ରାଉରକେଲାର ପ୍ରତିଷ୍ଠିତ ସାହିତ୍ୟ-ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟର ଅନନ୍ୟ କଥାକାର, ଐତିହାସିକ ତଥା ରାଜନୀତିଜ୍ଞ ସୁରେନ୍ଦ୍ର ମହାନ୍ତିଙ୍କ ୧୦୪ତମ ଜନ୍ମ ବାର୍ଷିକୀ ସଂଘର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ସୁରେନ୍ଦ୍ର ମହାନ୍ତିଙ୍କ କନ୍ୟା ଲୋପାମୁଦ୍ରା ମହାନ୍ତି ଯୋଗ ଦେଇ କହିଲେ ସୁରେନ୍ଦ୍ର ମହାନ୍ତିଙ୍କ ରଚନାବଳୀରେ ଓଡ଼ିଆ ଜାତିର ବିଭବ, ଅସ୍ମିତା, ଐତିହ୍ୟ ଓ ଆତ୍ମ ପରିଚୟର ଅତି ଜୀବନ୍ତ ତଥା ଗଭୀର ଆଲେଖ୍ୟ ଦେଖିବାକୁ ମିଳେ। ସେ କେବଳ କାହାଣୀ କହିନାହାନ୍ତି ବରଂ ଓଡ଼ିଆ ଜାତିର ସ୍ୱାଭିମାନ ଓ ସଂସ୍କୃତିକୁ ସାହିତ୍ୟରେ ଅମର କରିଛନ୍ତି। ମୁଖ୍ୟବକ୍ତା ଭାବେ ଅନ୍ୟତମ ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ ଯୋଗ ଦେଇ ସୁରେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ରଚିତ ''ଓଡ଼ିଆ ସାହିତ୍ୟର ଆଦିପର୍ବ', ''ମଧ୍ୟପର୍ବ' ଓ ''ଉତ୍ତରପର୍ବ' ଓଡ଼ିଆ ଜାତିର ଭାଷା, ସାହିତ୍ୟ ଓ ଆଧ୍ୟାତ୍ମିକତାର ଏକ ମାଇଲଖୁଣ୍ଟ। ସାରଳା ଦାସଙ୍କଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ଚିନ୍ତାଚେତନାର ବିକାଶକୁ ସେ ବୈଜ୍ଞାନିକ ତଥା ସାଂସ୍କୃତିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରି ଓଡ଼ିଆ ଜାତିକୁ ତା'ର ସମୃଦ୍ଧ ସାହିତ୍ୟିକ ସମ୍ପଦ ସହ ପରିଚିତ କରାଇଛନ୍ତି। ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ମଞ୍ଚ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପରେଶ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଏବଂ ସ୍ମିତା ମିଶ୍ର ଓ ତ୍ରିଲୋଚନ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଗଳ୍ପ ଓ କବିତାପାଠ କାର୍ଯ୍ୟକ୍ରମରେ ସଞ୍ଜୀବ କୁମାର ଭୋଇ ସୁରେନ୍ଦ୍ର ମହାନ୍ତିଙ୍କ ରଚିତ ଏକ କ୍ଷୁଦ୍ର ଗଳ୍ପ ପାଠ ପରେ ଅଜୟ କୁମାର ମହାନ୍ତି, ଉପେନ୍ଦ୍ର କୁମାର ବସ୍ତିଆ, ସତ୍ୟନାରାୟଣ ଦାଶ, ଅର୍ଚ୍ଚନା ପାତ୍ର, ବିଜୟିନୀ ଜେନା, ଗୌତମ ଦାସ, ରଶ୍ମି ସାହୁ, ସ୍ମିତା ମିଶ୍ର, ତ୍ରୀଲୋଚନ ସ୍ୱାଇଁ ପ୍ରମୁଖ କବିମାନେ ସ୍ୱରଚିତ କବିତାମାନ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ, ସମ୍ପାଦକ ଘନଶ୍ୟାମ ଦଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ପାଠାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, କ୍ରୀଡ଼ା ସମ୍ପାପାଦକ ଅରବିନ୍ଦ ପାତ୍ର, ନାରାୟଣ ଚନ୍ଦ୍ର ମହନ୍ତ, ପରିକ୍ଷୀତ ଗୁରୁ, ରଶ୍ମି ସାହୁ, ଧରଣୀଧର ସାମଲ, ବରୁଣ ନାହାକ, ଶୁଭ୍ରାଂଶୁ ମହାପାତ୍ର ପ୍ରମୁଖ ସହାୟତା କରିଥିବା ବେଳେ, ଡାକ୍ତର କୃପାସିନ୍ଧୁ ନାୟକ, ଡ. ନଗେନ କୁମାର ଦାସ, ଅକ୍ଷୟ କୁମାର ସାମଲ, ଆଲୋକ ବୋଷ, ପ୍ରମୋଦ କୁମାର ପତି, ବିଜୟ କୁମାର ରାୟ, ପ୍ରମୋଦ କୁମାର ପତି, ଅବନୀ ମହାନ୍ତି, ଜଗନ୍ନାଥ ରାଉତ, କୁଞ୍ଜବିହାରୀ ରାଉତ, ପରେଶ କୁମାର ବିଶ୍ୱାଳ, କାଶୀନାଥ ପାତ୍ର, ଇନ୍ଦୁମତୀ ମହାପାତ୍ର ପ୍ରମୁଖ ସାହିତ୍ୟ ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ।

# ହୀରାକୁଦର ଆଉ ୨ ଗେଟ୍ ଖୋଲିଲା

**ସମ୍ବଲପୁର, ୨୨।୭ (ସମିସ) :** ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ରେ କଲମା ଡ୍ୟାମ ଓ ବ୍ୟାରେଜରୁ ଜଳ ନିଷ୍କାସନ ପରେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଗତ ଦୁଇଦିନରେ ୧୦ଟି ଗେଟ୍ ଖୋଲାଯାଇଥିବାବେଳେ ଆଜି ଆଉ ୨ଟି ଗେଟ୍ ଖୋଲାଯାଇଛି। ଏବେ ମୋଟ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ୧୦ଟି ଗେଟ୍ ଦେଇ ଆରମ୍ଭ ହୋଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାସହ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ଗେଟ୍ ଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୬୨ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୮ଟି ଏବଂ ଡାହାଣ ପାର୍ଶ୍ୱର ୪ଟି ଏହିପରି ମୋଟ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨, ୨୬, ୧୩୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨, ୦୨, ୦୬୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧, ୮୧, ୮୮୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୧୬୮୩୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୧୦୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୧, ୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୯, ୭୬୭ କ୍ୟୁସେକ୍, ଖଇରମାଲଠାରେ ୩, ୫୫, ୦୦୦ କ୍ୟୁସେକ୍, ବାରମୁଲଠାରେ ୧, ୭୩, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧, ୯୬, ୦୨୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩୪.୮୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୩୬.୪୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

# ଶଙ୍କର ପ୍ରସାଦ ପାଇବେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ

**ସମ୍ବଲପୁର, ୨୨।୭ (ସମିସ) :** ଆସନ୍ତା ଅଗଷ୍ଟ ୧ ତାରିଖ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ୧୪ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶଙ୍କର ପ୍ରସାଦ ଦତ୍ତ ପାଇବେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ। ବୁଧବାର ଏନେଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଘୋଷଣା କରାଯାଇଛି। ବଲାଙ୍ଗୀରରେ ଜନ୍ମଗ୍ରହଣ କରିଥିବା ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶଙ୍କର ପ୍ରସାଦ ଦତ୍ତ ବାପା ସ୍ୱର୍ଗତ ବିଭୂତି ଭୂଷଣ ଦତ୍ତ ଓ ମା ମିନତୀରାଣୀ ଦତ୍ତଙ୍କଠାରୁ ପ୍ରାରମ୍ଭିକ ସଙ୍ଗୀତ ଶିକ୍ଷାପରେ ସ୍ୱର୍ଗତ ରଫିକ୍ ଖାନ, ଗୁରୁ ସ୍ୱର୍ଗତ ଚିତ୍ତରଞ୍ଜନ ମହାନ୍ତି, ସ୍ୱର୍ଗତ ଅଶୋକ ପଟ୍ଟନାୟକ ଓ ସ୍ୱର୍ଗତ ବିଭୁତେନ୍ଦ୍ର ସିଂଦେଓ, ଗୁରୁ ଅରୁଣ ପ୍ରସନ୍ନ ସେଠ, ସ୍ୱର୍ଗତ ଫକୀର ମୋହନ ପଟ୍ଟନାୟକ, ସ୍ୱର୍ଗତ ପ୍ରଭୁଦତ୍ତ ପ୍ରଧାନଙ୍କ ଠାରୁ ସଙ୍ଗୀତ ଶିକ୍ଷା କରିଥିଲେ। ୧୯୭୩ ମସିହାରେ ଆକାଶବାଣୀ ସମ୍ବଲପୁରରୁ ସମ୍ବଲପୁରୀ ଲୋକସଙ୍ଗୀତ ଏବଂ ୧୯୮୭ ମସିହାରେ ଆକାଶବାଣୀ କଟକରୁ ସୁଗମ ସଙ୍ଗୀତ ପାଇଁ ଗାୟକ ଭାବେ ସ୍ୱୀକୃତି ପାଇଥିଲେ। ମାଲିକେ ମୋର ଆନୁଅଛେ ଜର ଭମରା, ବଏଁଶୀଟା କିଏ ନେଇଗଲାରେ, ଗୁଡ଼ର ପଏଁରୀ ବାଜେ ରାଇଁଝାଇଁରେ, ଜୁଡେ



ମାଏଝୀର ଘୁନା, ଶଶୁର ଘର୍‌କେ ଜଏଁଗଲା ନୂଆଁଖାଇ, ବାଏର ତରେ ତରେ ଗଲାରେ ଭାଲୁ ଖସଖସ, ନାଇଁ ବଜା ବେନୁ ଆରୁ କାହ୍ନୁରେ ଆଦି ପ୍ରଭୃତି ପ୍ରାୟ ୩ ହଜାର ସମ୍ବଲପୁରୀ ଗୀତ ଶ୍ରୀ ଦତ୍ତ ଗାଇଛନ୍ତି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ୨୦୧୩ରୁ ପ୍ରତିବର୍ଷ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଏବଂ ଆଜୀବନ ସାଧନା ପାଇଁ ଜଣେ ବହୁମୁଖୀ ପ୍ରତିଭାଙ୍କୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇ ଆସୁଛି ବୋଲି ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ ଏବଂ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି।

# ହ୍ୟାଣ୍ଡଲୁମ୍ ସିଟିର ଇନରହ୍ୱିଲ୍ କ୍ଲବ୍‌ର ଅଧିଷ୍ଠାନ ସମାରୋହ




**ସମ୍ବଲପୁର, ୨୨।୭ (ସମିସ) :** ସ୍ଥାନୀୟ ମହାନଦୀ କ୍ଲବ୍‌ଠାରେ ବୁଧବାର ସମ୍ବଲପୁର ହ୍ୟାଣ୍ଡଲୁମ୍ ସିଟି ଇନରହ୍ୱିଲ୍ କ୍ଲବର ଅଧିଷ୍ଠାନ ସମାରୋହ ଅନୁଷ୍ଠିତ ହୋଇଛି। ପୂର୍ବତନ ଆସୋସିଏସନ୍ ସମ୍ପାଦକ, ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା କୃଷ୍ଣା ମହାନ୍ତି ମୁଖ୍ୟଅତିଥି ଥିଲେ। ପୂର୍ବତନ ସଭାପତି ଜୟଶ୍ରୀ ରାୟଗୁରୁ, ସଭାପତି ବବିତା ପାଢ଼ୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ଏବଂ ପୂର୍ବତନ ସଚିବ ମିନତି ପଣ୍ଡା, ସଚିବ ସୂର୍ଯ୍ୟକାନ୍ତି ମେହେରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କ୍ଲବ୍‌ରେ ୬ ଜଣ ନୂତନ ସଦସ୍ୟା ସାମିଲ ହୋଇଛନ୍ତି। ଏହି ଅବସରରେ ଦୁଇଜଣ ଅସହାୟ ଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସମ୍ବଲପୁର ହ୍ୟାଣ୍ଡଲୁମ୍ ସିଟି ଇନରହ୍ୱିଲ୍ କ୍ଲବର ବୁଲେଟିନ୍ 'ଓଡ଼ିଶା'କୁ ମୁଖ୍ୟଅତିଥି ଓ ଅନ୍ୟମାନେ ଉନ୍ମୋଚନ କରିଥିଲେ।

# ଆଇନ ମହାବିଦ୍ୟାଳୟରେ ଚାରାରୋପଣ

**ସମ୍ବଲପୁର, ୨୨।୭ (ସମିସ) :** ସ୍ଥାନୀୟ ଲଜପତ ରାୟ ଆଇନ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀକାନ୍ତ ଦାସ ପ୍ରଥମେ ଚାରାରୋପଣ କରି ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସମାଜ ଏବଂ ମହାବିଦ୍ୟାଳୟ ପକ୍ଷରୁ ମିଳିତ ଭାବରେ ଆୟୋଜନ କରାଯାଇଥିଲା। ବରିଷ୍ଠ ନାଗରିକ ସମାଜର ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ସମେତ ରତ୍ନଭୂଷଣ ପୁରୁଷେଠ, ପ୍ରମୋଦ ପଟ୍ଟନାୟକ, ଶମ୍ଭୁ ଭୂଷଣ ସେନ, ରାମନାରାୟଣ ପାଢ଼ୀ, ପ୍ରମୋଦ ମହାପାତ୍ର, ମନୋଜ ପଣ୍ଡା, ରାହାସ ବିହାରୀ ପଣ୍ଡା, ପରେଶ ଚନ୍ଦ୍ର ଦାନୀ, ଦୀନବନ୍ଧୁ ପଣ୍ଡା ପ୍ରମୁଖଙ୍କ ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଯୋଗ ଦେଇଥିଲେ।

# ବାଗଡ଼ିଆପଡ଼ାରେ ରାସ୍ତା ପାଇଁ ରାସ୍ତାରୋକ

**ସମ୍ବଲପୁର, ୨୨।୭ (ସମିସ)**

ସମ୍ବଲପୁର ମହାନଗର ନିଗମ ଅଧୀନ ୱାର୍ଡ ନଂ. ୨୮ ସଂକର୍ମା ବାଗଡ଼ିଆପଡ଼ାର ଲୋକେ ଯିବାଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ବଲପୁରରୁ ପୁରୁଣା ବାମଣ୍ଡାକୁ ସଂଯୋଗୀକରଣ ପାରମ୍ପରିକ ରାସ୍ତାର ଅଣ୍ଡରପାସକୁ ବନ୍ଦ କରିବା ନିଷ୍ପତ୍ତିକୁ ବିରୋଧ କରି ଏହି ରାସ୍ତାରେ ନିର୍ଭରଶୀଳ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ସରଲାକାନିରୁ ସେରସୁଆଁତଲ ପର୍ଯ୍ୟନ୍ତ ବାଗଡ଼ିଆପଡ଼ା ଦେଇ ଯାଇଥିବା ରାସ୍ତା ଉପରେ ପ୍ରାୟ ୨୦ଟି ଗ୍ରାମର ଲୋକ ନିତ୍ୟ ଯାତାୟାତ, ଶିକ୍ଷା, ସ୍ୱାସ୍ଥ୍ୟସେବା, ବ୍ୟବସାୟ ଏବଂ ଜରୁରୀକାଳୀନ ସେବା ପାଇଁ ଏହି ରାସ୍ତା ଉପ ନିର୍ଭରଶୀଳ। ଲୋକଙ୍କର ଅଭିଯୋଗ ସତ୍ତ୍ୱେ ମୂଳ ରାସ୍ତାକୁ ମରାମତି କରିବା ପରିବର୍ତ୍ତେ ରେଳବାଇ କର୍ତ୍ତୃପକ୍ଷ ଏକ ବିକଳ୍ପ ରାସ୍ତା ନିର୍ମାଣ କରିଛନ୍ତି। ଏଥିପାଇଁ ଲୋକମାନଙ୍କୁ ୧ରୁ ଦେଢ଼ କିଲୋମିଟର ବୁଲିକି ଯିବାକୁ ପଡୁଛି। ଆଜି ଗ୍ରାମବାସୀ ବାଗଡ଼ିଆପଡ଼ା ନିକଟରେ ରାସ୍ତା ଅବରୋଧ କରି ନୂତନ ରାସ୍ତା ବଦଳରେ ପାରମ୍ପରିକ ରେଳ ଅଣ୍ଡରପାସର ମରାମତି ଦାବି କରିଥିଲେ। ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଉକ୍ତ ରାସ୍ତାରେ ଥିବା ରେଳ ଅଣ୍ଡରପାସ୍‌ରେ ବର୍ଷା ପାଣି ଜମି ରହୁଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ଏହି ରାସ୍ତାରେ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସମେତ ଜନସାଧାରଣ ସହରକୁ ଯିବାଆସିବା ପାଇଁ ବ୍ୟବହାର କରିଥାନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବାଗଡ଼ିଆପଡ଼ା ଦେଇ ଯାଇଥିବା ରାସ୍ତାଟି ସମ୍ବଲପୁର ସହରରୁ ସିଧାସଳଖ ପାରମାଣପୁରକୁ ସଂଯୋଗ କରୁଥିବାବେଳେ ଏହି ରାସ୍ତାରେ ଥିବା ସଂକର୍ମା, ଗମ୍ଭାରୀକଁଟା, ନୂଆଁପାଲି, ତବଲା, ସେରସୁଆଁତଲ ଆଦି ଅନେକ ଗ୍ରାମକୁ ସଂଯୋଗ କରୁଛି। ଲଇଡ଼ା, କୁଲାବିରା, ଝାରସୁଗୁଡ଼ା, ବାମରା, ଗଡ଼ପୋଷ ଆଦି ଅଞ୍ଚଳକୁ ଯାଉଥିବା ଲୋକେ ମଧ୍ୟ ଏହି ରାସ୍ତା ବ୍ୟବହାର କରିଥାନ୍ତି। ଏହାର ଅପରପାର୍ଶ୍ୱରେ ନାଳ ଉପରେ ଯାତାୟାତ ପାଇଁ ହ୍ୟୁମ୍‌ପାଇପ୍ ପକାଇ କଲଭର୍ଟ ନିର୍ମାଣ କରାଯାଇଛି। ଯାହା ପ୍ରତିବର୍ଷ ବର୍ଷାଦିନେ



ବନ୍ୟାଜଳରେ ବୁଡ଼ିଯାଇ ଅପରପାର୍ଶ୍ୱସ୍ଥ ଗ୍ରାମ ଗୁଡ଼ିକୁ ଯୋଗାଯୋଗ ବିଚ୍ଛିନ୍ନ କରି ଦେଇଥାଏ। ଫଳରେ ଲୋକେ ହଇରାଣ ହୋଇଥାନ୍ତି। ଉଲ୍ଲେଖଯୋଗ୍ୟ ଯେ, କିଛିଦିନ ତଳେ ପ୍ରବଳ ବର୍ଷାରେ ଏହି ନାଳରେ ବନ୍ୟାଜଳରେ ଭାସିଯାଇ ଅଞ୍ଚଳର ସୁରେଶ ଚନ୍ଦ୍ର ମହାରଣା (୫୫)ଙ୍କ ମୃତ୍ୟୁ ହୋଇଥିଲା। ଶତାଧିକ ପୁରୁଷ ଓ ମହିଳା ରାସ୍ତାରୋକ କରି ନୂତନ ରାସ୍ତା ବଦଳରେ ସିଧାସଳଖ ରହିଥିବା ପୁରୁଣା ରେଳ ଅଣ୍ଡରପାସ୍‌କୁ ମରାମତି କରି ଯାତାୟତ ଉପଯୋଗୀ କରିବାକୁ ଦାବି ଜଣାଇଥିଲେ। ଘଟଣାସ୍ଥଳରେ ରେଳବିଭାଗ କର୍ମଚାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରେଳବିଭାଗ ପକ୍ଷରୁ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ହଟିଥିଲା।



ସମ୍ବଲପୁର : ଆଡ଼ପ ମଣ୍ଡପରେ ପଞ୍ଚମ ଦିନ, ନୃସିଂହ ଶେଷନାଗ ବେଶରେ ଶ୍ରୀ ଶ୍ରୀ ବ୍ରହ୍ମପୁରା ମହାପ୍ରଭୁ

# ଗଣ୍ଡାପଡ଼ାକୁ ରାସ୍ତା ନିର୍ମାଣ ଦାବି

**ସମ୍ବଲପୁର, ୨୨।୭ (ସମିସ):** ଧନକଉଡ଼ା ବ୍ଲକ ଗଡ଼ପଡ଼ାକୁ ରାସ୍ତା ନିର୍ମାଣ ଦାବିରେ ଆଜି ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ପଡ଼ାବାସୀ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଧନକଉଡ଼ା ବ୍ଲକ କିଳାସୀମା ଗ୍ରାମପଞ୍ଚାୟତ ବଳବସପୁର ଗାର ଗଣ୍ଡାପଡ଼ାକୁ ଏବେ ପର୍ଯ୍ୟନ୍ତ ରାସ୍ତ ନିର୍ମାଣ ହୋଇନାହି। ବଳବସପୁର ଗ୍ରାମର ବିଭିନ୍ନ ରାସ୍ତା ନିର୍ମାଣ ହୋଇ ସାରିଛି। ହେଲେ ଏବେ ସୁଦ୍ଧା ଗଣ୍ଡାପଡ଼ାର ରାସ୍ତା କାଦୁଅ ହୋଇରହିଛି। ତେଣୁ ରାସ୍ତା ନିର୍ମାଣ କରିବା ନେଇ ଧନକଉଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ପଡ଼ାର ଏକ ପ୍ରତିନିଧି ଦଳ ଭେଟି ଅଭିଯୋଗ



କରିଛନ୍ତି। ଦାବି ପତ୍ର ଦେବା ବେଳେ ୱାର୍ଡମେମ୍ବର ଲକ୍ଷ୍ମୀନାରାୟଣ କରାଲି, ଯୋଗିନ୍ଦ୍ର ଜୟଡାଲା, ଟିକେଶ୍ୱର ଓ ଜଗଦିଶ କରାଲି ପ୍ରମୁଖ ଉପସ୍ଥିତ ଥିଲେ।

# ଚିତ୍ରକଳା ପ୍ରଦର୍ଶନୀ 'ମଣିମା' ଉଦ୍‌ଯାପିତ

**ସମ୍ବଲପୁର, ୨୨।୭ (ସମିସ) :** ସ୍ଥାନୀୟ ଗୌରୀଶଙ୍କର ପାର୍କସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ, ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଶାର ବିଶିଷ୍ଟ କଳାକାରମାନଙ୍କ ସମୂହ ଚିତ୍ରକଳା ପ୍ରଦର୍ଶନୀ 'ମଣିମା' ଆଜି ଉଦ୍‌ଯାପିତ ହୋଇଯାଇଛି। ଚିତ୍ରଶିଳ୍ପୀ ସୁଧାଂଶୁ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଆନ୍ତର୍ଜାତିକ କଳାକାର, ସଂଗ୍ରହାଧ୍ୟକ୍ଷ ଏବଂ ଚଳଚିତ୍ର ନିର୍ମାତା ଆଶିଷ ପହି ମୁଖ୍ୟଅତିଥି ଏବଂ ସ୍ୱତନ୍ତ୍ର ବକ୍ତା ଭାବରେ ଯୋଗଦାନ କରି ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର କଳା ଏବଂ କଳାକାରମାନଙ୍କ ଚାହିଦା କେମିତି ବୃଦ୍ଧି ପାଇବ, ସମାଜରେ କେମିତି ଚିତ୍ରକଳା ଗ୍ରହଣୀୟ ହୋଇ ପାରିବ ସେନେଇ ମତାମତ ଉପସ୍ଥାପନ କରିଥିଲେ। ଚିତ୍ରଶିଳ୍ପୀ ପବିତ୍ର ମୋହନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଦର୍ଶନୀରେ ନୟନ ମଲ୍ଲିକ, ସୁଧାଂଶୁ ନାୟକ, ପବିତ୍ର ମୋହନ ଶତପଥୀ, ପ୍ରଶାନ୍ତ ମାଝୀ, ଗୌରୀ ଶଙ୍କର ସିଂ, ସଞ୍ଜୟ ସାହୁ, କେଦାର ନାୟକ, କୁଲଦୀପ ବର୍ମା, ରଞ୍ଜିତା ମିଶ୍ର, ଦୀପିକା



ଦେ, ସୁଶାନ୍ତ ମେହେର, ଛବିଳ ଦଳାଇ, ଅନୁରେଖା ଜେନା, ପ୍ରଭୁ ଦୟାଲ ଟୀର୍କୀ, ନମିତା ବଡ଼ପଣ୍ଡା, ନୀଳକଣ୍ଠ ତାଣ୍ଡି, ପୁରୁଷୋତ୍ତମ ମିଶ୍ର, ଲିଙ୍କନ ନାୟକ, ତୃପ୍ତିମୟୀ ମେହେର, ସୁଜାତା ବେହେରା, ପ୍ରଭାସ ମେହେର, ରାଧାରାଣୀ ପଣ୍ଡା, ଶୁଭ୍ରସ୍ମିତା ମେହେର, କ୍ରିଷ୍ଣାରାଣୀ ପଟେଲ, ମନପ୍ରୀତ କୌର, ଜିତେନ୍ଦ୍ରୀୟ ବେହେରା, ନିବେଦିତା ବେହେରା, ଅଂଶୁମିତା ନାୟକ, ଯତୀନ ପାଢ଼ୀ, ଭବାନୀ ଶଙ୍କର ପ୍ରଧାନ, ମନୋଜ ପ୍ରଧାନ, ସଞ୍ଜୟ ମହାରଣା, ପୂର୍ଣ୍ଣଚନ୍ଦ୍ର ମେହେର, ମନୀଷ ବିଶ୍ୱାଳ, ଲୋକନାଥ ସାହାଣୀ, ଭାଗବତ ପ୍ରସାଦ ମିଶ୍ର, ପ୍ରାପ୍ତି ପଣ୍ଡା, ବିକାଶ ମାଝୀ, ସତ୍ୟନାରାୟଣ ମେହେର, କସ୍ତୁରୀ ପଟେଲ, ମଧୁସ୍ମିତା ନାୟକ, ଜାଗୃତି ନାଏକ, ବିଶ୍ୱ ରଞ୍ଜନ ସାହୁ ପ୍ରମୁଖଙ୍କ ଚିତ୍ରକୃତୀ ସ୍ଥାନ ପାଇ ଦର୍ଶକ ତଥା କଳାପ୍ରେମୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ପ୍ରଦର୍ଶନୀ ଆୟୋଜନରେ ଆଞ୍ଚଳିକ ଆର୍ଟ ଗ୍ୟାଲେରୀର ପରିଚାଳକ ବିଦ୍ୟାପତି ପ୍ରଧାନ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୨୨।୭ (ସମିସ) :** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସ ଦିନ ସକାଳ ୫ଟାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ରାମଧୂନ ପରିବେଷଣ କରାଯିବ। ପରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପୂର୍ବାହ୍ଣ ୯ଟା ୧୫ ମିନଟ୍‌ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡରେ ଅଭିବାଦନ ଗ୍ରହଣ କରିବେ। ରିଜର୍ଭ ପୁଲିସ ଲାଇନ୍ ପଡ଼ିଆରେ ହେବାକୁ ଥିବା ପରେଡ୍‌ରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ। ଏଥିସକାଶେ ଅଗଷ୍ଟ ୧୧, ୧୨ ଏବଂ ୧୩ ତାରିଖ ରିଜର୍ଭ ଇନ୍ସପେକ୍ଟରଙ୍କ ତତ୍ତ୍ୱାବଧାନରେ ପରେଡ ଅଭ୍ୟାସ ଅନୁଷ୍ଠିତ ହେବ। ଏହାପୂର୍ବରୁ ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କୁ ନେଇ



ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବ। ମୁଖ୍ୟ ଉତ୍ସବରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକ ଉକ୍ତଦିନ ସକାଳ ୭ଟାରୁ ସାଢ଼େ ୭ଟା ମଧ୍ୟରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରିଜର୍ଭ ପୁଲିସ ଲାଇନ ପଡ଼ିଆରେ ସାଜସଜ୍ଜା, ବ୍ୟାରିକେଡ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀ ଶିବିର ବ୍ୟବସ୍ଥା ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ପ୍ରସ୍ତୁତି ବୈଠକକୁ ସଂଯୋଜନା କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍କୁଲ ଓ କଲେଜର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ, ସମାଜସେବୀ, ଶିକ୍ଷାବିତ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ଯୁବକ ମୃତ

**ରେଢ଼ାଖୋଲ, ୨୨।୭ (ସମିସ) :** ସମ୍ବଲପୁର -କଟକ ୫୫ ନଂ ଜାତୀୟ ରେଢ଼ାଖୋଲ ବ୍ଲକ ଅଧୀନ ଲୁହାପଙ୍କ ପଞ୍ଚାୟତ ଅଧୀନ ବେତଗଡ଼ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏଥିରେ ବାଇକ୍ ସହ ଯୁବକ ଜଣଙ୍କ ଛିଟିକି ପଡ଼ିଥିଲେ। ଫଳରେ ଯୁବକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତକ ଯୁବକ ଜଣଙ୍କ କିଶୋରନଗର ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ପୁଲିସ ପହଞ୍ଚି ଶବ ଜବତ କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ପଠାଇ ଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

# ଘରଭାଙ୍ଗି ମହିଳାଙ୍କୁ ଆକ୍ରମଣ କଲା ଦନ୍ତା

**ରେଢ଼ାଖୋଲ, ୨୨।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅଧୀନ ଚାରମାଳ ଥାନା ଅଧୀନ ପଲସାମାଳ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଦୁଇଟି ଦନ୍ତାହାତୀ ଉପଦ୍ରବ ସୃଷ୍ଟି କରିଛନ୍ତି। ହାତୀ ଦୁଇଟି ଗ୍ରାମରେ ପ୍ରବେଶ କରି ଗ୍ରାମର ବାସିନ୍ଦା ଅର୍ଜୁନ ସୁନାଙ୍କ ଘରକୁ ଭାଙ୍ଗି ଦେବା ସହ ଭଗବତୀ ମୁଖି ନାମକ ଜଣେ ମହିଳାଙ୍କୁ ଆକ୍ରମଣ କରିଥିଲେ। ସୌଭାଗ୍ୟ କ୍ରମେ ମହିଳା ଜଣଙ୍କ ହାତୀ ଆକ୍ରମଣରେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହା ଜାଣିବା ପରେ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ହାତୀ ଦୁଇଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇବା ପାଇଁ ବିଭାଗ ପକ୍ଷରୁ ଟିମ୍ ନିୟୋଜିତ କରାଯାଇଥିବା ଜଣାପଡ଼ିଛି।

# ଏଟିଏମ୍ ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟ୍




**ରେଢ଼ାଖୋଲ, ୨୨।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅଧୀନ ନାକଟିଦେଉଳ ବ୍ଲକ ଛକସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଟିଏମରୁ ମଙ୍ଗଳବାର ରାତି ୧୦ ଟାରୁ ୧୦.୩୦ ମଧ୍ୟରେ ଦୁର୍ବୃତ୍ତମାନେ ଏଟିଏମ୍ ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟି ନେଇ ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଦୁର୍ବୃତ୍ତମାନେ ପ୍ରଥମେ ଏଟିଏମ୍ ଏବଂ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାରେ କଳା ରଙ୍ଗର ସ୍ପ୍ରେ ମାରି ସୁଯୋଗର ଅପେକ୍ଷାରେ ରହିଥିଲେ। ପରେ ଏଟିଏମ୍‌କୁ ଭାଙ୍ଗି ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ। ସକାଳେ ଘଟଣା ଜଣାପଡ଼ିବା ପରେ ନାକଟିଦେଉଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସେପଟେ ସମ୍ବଲପୁର ଜିଲ୍ଲା ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରି ପ୍ରମାଣ ସଂଗ୍ରହ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପୁଲିସ ଆଖପାଖ ଦୋକାନର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି।

## ତୁରେଇ ସ୍କୁଲ୍ ବିବାଦର ସାମୟିକ ସମାଧାନ

# ଦୁଇଦିନ ପରେ ଖୋଲିଲା ତାଲା; ପାଠ ପଢ଼ାଇବେ ସିଆର୍‌ସିସି

**କୁଚିଣ୍ଡା, ୨୨।୭ (ସମିସ)**

ବାମରା ବ୍ଲକ ଅଧୀନ ତୁରେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଧରିତ୍ରୀ ମଞ୍ଜରୀ ପିଙ୍ଗଙ୍କ ବଦଳିକୁ କେନ୍ଦ୍ର କରି ଗତ ଦୁଇଦିନ ଧରି ଚାଲିଥିବା ଅଚଳାବସ୍ଥାର ସାମୟିକ ସମାଧାନ ହୋଇଛି। ବୁଧବାର ବିଭାଗୀୟ ଅଧିକାରୀମାନେ ବିଦ୍ୟାଳୟରେ ପହଞ୍ଚି ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିବା ପରେ ପ୍ରାୟ ଦିନ ୨ଟାରେ ବିଦ୍ୟାଳୟର ମୁଖ୍ୟ ଫାଟକରୁ ତାଲା ଖୋଲାଯାଇଥିଲା।

ସୂଚନା ଅନୁସାରେ, ଶିକ୍ଷୟିତ୍ରୀ ଧରିତ୍ରୀ ମଞ୍ଜରୀ ପିଙ୍ଗଙ୍କ ବଦଳିକୁ ବିରୋଧ କରି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସୋମବାରଠାରୁ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହାଫଳରେ ଦୁଇ ଦିନ ଧରି ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଘଟଣାର ଗୁରୁତ୍ୱକୁ ଦେଖି ବାମରା ଏବିଇଓ କିଶୋର ଚନ୍ଦ୍ର ଅର୍କ ଏବଂ ସିଆରସିସି ହୃଦାନନ୍ଦ ବେହେରା ବିଦ୍ୟାଳୟରେ ପହଞ୍ଚି ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଆନ୍ଦୋଳନକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ବେଳେ ଅଭିଭାବକମାନେ ବଦଳି ଆଦେଶ ବାତିଲ କରିବା କିମ୍ବା ବଦଳି ହୋଇଥିବା ଶିକ୍ଷୟିତ୍ରୀଙ୍କ ସ୍ଥାନରେ ତୁରନ୍ତ ଅନ୍ୟଜଣେ ଶିକ୍ଷକ ନିଯୁକ୍ତ କରିବାକୁ ଦାବି ଦୋହରାଇ ଥିଲେ। ତେବେ ଶିକ୍ଷା ବିଭାଗ ପକ୍ଷରୁ ବଦଳି ଆଦେଶ ବାତିଲ କିମ୍ବା ତୁରନ୍ତ ନୂତନ ଶିକ୍ଷକ ନିଯୁକ୍ତି ସମ୍ଭବ ନୁହେଁ ବୋଲି ସ୍ପଷ୍ଟ କରାଯାଇଥିଲା। ଏଥିରେ ଆନ୍ଦୋଳନକାରୀମାନେ ଅସନ୍ତୁଷ୍ଟ ରହିବା ପରେ ଶେଷରେ ସାମୟିକ ବ୍ୟବସ୍ଥା ସ୍ୱରୂପ ତୁରେଇ ସିଆରସିସି ହୃଦାନନ୍ଦ ବେହେରା ବଦଳି ହୋଇଥିବା ଶିକ୍ଷୟିତ୍ରୀଙ୍କ ସ୍ଥାନରେ ପାଠପଢ଼ା ଦାୟିତ୍ୱ ନେବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଆଶ୍ୱାସନ ପରେ ଆନ୍ଦୋଳନକାରୀମାନେ ବିଦ୍ୟାଳୟର ତାଲା ଖୋଲି ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ତେବେ ଏହି ଘଟଣା ବାମରା ଅଞ୍ଚଳରେ ଶିକ୍ଷକ ଅଭାବ ସମସ୍ୟାକୁ ପୁଣିଥରେ ସାମ୍ନାକୁ ଆଣିଛି। ୧୮୬ ଜଣ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ସ୍ଥାୟୀ ଭାବେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଶିକ୍ଷା ବିଭାଗର ଶିକ୍ଷକ ଅଭାବ ଦୂର କରିବାରେ ଅସମର୍ଥତା ବର୍ତ୍ତମାନ ଅଞ୍ଚଳରେ ଆଲୋଚନାର ପ୍ରମୁଖ ବିଷୟ ପାଲଟିଛି।

# ସଂସ୍କାର ଭାରତୀ ପକ୍ଷରୁ ବାର୍ଷିକ ସାଧାରଣ ସଭା


**ସମ୍ବଲପୁର, ୨୨।୭ (ସମିସ) :** ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ସଂସ୍କାର ଭାରତୀ ସମ୍ବଲପୁର ଜିଲ୍ଲା ଏବଂ ସଂସ୍କାର ଭାରତୀ ସମ୍ବଲପୁର ମହାନଗର ପକ୍ଷରୁ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି।




ସମ୍ବଲପୁର ଜିଲ୍ଲା ସଭାପତି ଡଃ ମୋହିତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଶେଷ ଅତିଥି ଭାବେ ଡ. ଶ୍ୟାମ ସୁନ୍ଦର ଧର, ନିମନ୍ତ୍ରିତ ଅତିଥି ଭାବେ ଉତ୍କଳ ପଶ୍ଚିମ ପ୍ରାନ୍ତ ଦୃଶ୍ୟକଳା ପ୍ରମୁଖ ପଞ୍ଚାନନ ବାରିକ, ବରଗଡ଼ ଜିଲ୍ଲା ସଭାପତି ନବ ମହତ୍ତମ ଯୋଗ ଦେଇଥିଲେ। ବିଶିଷ୍ଟ ପାଲା ଗାୟକ ରାଧେଶ୍ୟାମ ପଣ୍ଡାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡ. ସ୍ୱାଇଁ ସମ୍ବଲପୁର ଜିଲ୍ଲା ସଂସ୍କାର ଭାରତୀ ପରିବାର ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆଗାମୀବର୍ଷ କାର୍ଯ୍ୟକ୍ରମ ଖସଡ଼ା ସମ୍ବନ୍ଧରେ ଆଲୋକପାତ କରିଥିବାବେଳେ ପଶ୍ଚିମ ପ୍ରାନ୍ତ ଲୋକକଳା ସଂଯୋଜକ ରଞ୍ଜନ କୁମାର ସାହୁ ବିବରଣୀ ପାଠ କରିଥିଲେ। ଅଗଷ୍ଟ ୧୬ ତାରିଖରେ ବରଗଡ଼ରେ ହେବାକୁ ଥିବା ପଶ୍ଚିମ ପ୍ରାନ୍ତ ବାର୍ଷିକ ସାଧାରଣ ସଭା ବିଷୟରେ ଆଲୋଚନା କରାଯାଇଥିଲା। ସଭାରେ ପଶ୍ଚିମ ପ୍ରାନ୍ତର ମାତୃଶକ୍ତି ପ୍ରମୁଖ ଦୀପାଳି ଚୌଧୁରୀ, ପଶ୍ଚିମ ପ୍ରାନ୍ତ ଉପସଭାପତି ନମିତା ବଡ଼ପଣ୍ଡା, ପଶ୍ଚିମ ପ୍ରାନ୍ତ ଲୋକକଳା ସଂଯୋଜକ ରଞ୍ଜନ ସାହୁ, ରତନ ପୁଜାହାରୀ, ସଂସ୍କାର ଭାରତୀ ସମ୍ପାଦକ ମହେଶ ପଟେଲ, ଭୋଳା ଶଙ୍କର ମହନ୍ତମ, କୃଷ୍ଣଚନ୍ଦ୍ର ବାଗ, ଚନ୍ଦ୍ର ବହାଦୁର, ଗୋବର୍ଦ୍ଧନ ଗୌଡ଼, ସୁଶୀଲ ଦାଶ, ମନୋଜ ପ୍ରଧାନ, ଅମିତ ପତି, ସଙ୍ଗୀତା ଭୋଇ, ସୁମିତ ପଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଗୋଲାପ'ର ନାମ ବଦଳିଗଲେ ମଧ୍ୟ ମହକ ଅକ୍ଷୁଣ୍ଣ ରହିବ।
-ୱିଲିୟମ ସେକ୍ସପିୟର

## ଶିକ୍ଷା ବ୍ୟବସ୍ଥାର ବିକଳ ବାସ୍ତବତା

ଏକକ ଶିକ୍ଷକ ବା ବିଦ୍ୟାଳୟ ପିଛା ଜଣେ ମାତ୍ର ଶିକ୍ଷକ/ଶିକ୍ଷୟିତ୍ରୀ ଏକ ବିଚିତ୍ରମୟ ପ୍ରସଙ୍ଗ। କିନ୍ତୁ ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ବିଡ଼ମ୍ବନା ହେଲା ଏଭଳି ଉଦ୍‌ବେଗଜନକ ସ୍ଥିତି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ୟୁଡାଇଜ୍ ପକ୍ଷରୁ ପ୍ରକାଶିତ ସଦ୍ୟତମ ତଥ୍ୟାନୁଯାୟୀ ଓଡ଼ିଶାରେ ଚଳିତ ଶିକ୍ଷା ବର୍ଷରେ ୧୪୫୮ଟି ବିଦ୍ୟାଳୟ ଏକକ ଶିକ୍ଷକରେ ଚାଲିଛି। ଆହୁରି ଉଦ୍‌ବେଗଜନକ ତଥ୍ୟ ହେଉଛି ୨୦୨୪-୨୫ରେ ଏକକ ଶିକ୍ଷକ ବିଶିଷ୍ଟ ବିଦ୍ୟାଳୟ ସଂଖ୍ୟା ୧୦୮୯ ଥିବା ବେଳେ ୨୦୨୫-୨୬ ଶିକ୍ଷାବର୍ଷ ସୁଦ୍ଧା ଆଉ ୩୬୯ଟି ବିଦ୍ୟାଳୟ ଏହି ଅବାଞ୍ଛିତ ତାଲିକାରେ ଯୋଡ଼ି ହୋଇଯାଇଛି। ଅପରପକ୍ଷରେ ଏକକ ଶିକ୍ଷକ ବିଦ୍ୟାଳୟରେ ୨୦୨୪-୨୫ ରେ ୪୭, ୯୪୦ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଗତବର୍ଷ ସେମାନଙ୍କ ସଂଖ୍ୟା ଥିଲା ୫୯, ୬୭୨। ଅର୍ଥାତ୍ ଆଉ ୧୧, ୭୩୨ ଜଣ ପିଲା ଯୋଡ଼ି ହୋଇଛନ୍ତି। ଏଥିରୁ ପାଠପଢ଼ାର ମାନ କିଭଳି ରହୁଥିବ ତାହା ଅନୁମେୟ। ତେଣୁ ବୋଧହୁଏ ରାଜ୍ୟ ସରକାର ନୂତନ ଭାବେ ମୁଦ୍ରିତ ପାଠ୍ୟପୁସ୍ତକକୁ ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ କରିବାକୁ ସେତେଟା ଗୁରୁତ୍ୱ ଦେଇନାହାନ୍ତି। ବରଂ ପିଲାମାନେ ଇଂରାଜୀ ଓ ଘରୋଇ ମାଧ୍ୟମ ମୁହାଁ ହୁଅନ୍ତୁ ବୋଲି ପରୋକ୍ଷରେ ଚାହୁଁଛନ୍ତି। ଏହାଦ୍ୱାରା ଘରୋଇ ବିଦ୍ୟାଳୟ ମାଲିକ ଓ ସରକାରୀ ବାବୁଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଆହୁରି ରଙ୍ଗିନ ହୋଇପାରିବ।

ଏହା କେବଳ ରାଜ୍ୟର ସ୍ଥିତି ନୁହେଁ। ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥା ପ୍ରାୟତଃ ଭୁଶୁଡ଼ି ପଡ଼ିଛି। କେଉଁଠି ପାଠପଢ଼ା ପାଇଁ ଗୃହ ନାହିଁ ତ କେଉଁଠି ଶିକ୍ଷକ ନାହାନ୍ତି। ଆଉ କେଉଁଠି ପିଲା ଆସୁନାହାନ୍ତି। ନୂତନ ଜାତୀୟ ଶିକ୍ଷା ନୀତି ଯେଉଁ ଆଭିମୁଖ୍ୟକୁ ଗୁରୁତ୍ୱ ଦେଇଥିଲେ ତାହା ବସ୍ତୁତଃ ଦୂରେଇ ଯାଉଛି। ଅଧିକନ୍ତୁ କେନ୍ଦ୍ର ସରକାର ମଧ୍ୟ ଦେଶର ସରକାରୀ ବା ସର୍ବସାଧାରଣ ଶିକ୍ଷା ବ୍ୟବସ୍ଥା ପ୍ରତି ଯତ୍ନଶୀଳ ନୁହନ୍ତି। ପରୀକ୍ଷା ମୂଲ୍ୟାଙ୍କନରେ ବିଭ୍ରାଟ, ପ୍ରଶ୍ନପତ୍ର ପ୍ରଘଟ ଆଦି ଘଟଣାରେ ସରକାର ଉତ୍ତରଦାୟିତ୍ୱ ନେବାକୁ ଅମଙ୍ଗ ଥିବା କାରଣରୁ ଏବେ ରାଜଧାନୀ ଦିଲ୍ଲୀ ଦୋହଲୁଛି। ଏଭଳି ପରିସ୍ଥିତିରେ ଆଉ ଏକ ଆଶ୍ଚର୍ଯ୍ୟଚକିତ କଲା ଭଳି ଖବର ଆସିଛି। ବିଗତ ୧୦ ବର୍ଷ ଭିତରେ ୪୫ଟି ଜାତୀୟ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ଦୁଇଟିରେ ତଦନ୍ତ ହୋଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇଜଣ ଅଭିଯୁକ୍ତ ଇତିମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭାକୁ ଜନପ୍ରତିନିଧି ଭାବେ ନିର୍ବାଚିତ ହୋଇଛନ୍ତି।

ଦେଶର ଶିକ୍ଷା ବ୍ୟବସ୍ଥା ପ୍ରତି କେନ୍ଦ୍ର ସରକାର କେତେ ଉଦାସୀନ ଓ ସମ୍ବେଦନଶୂନ୍ୟ ତାହା ଉପରୋକ୍ତ ତଥ୍ୟ ବ୍ୟତୀତ ବଜେଟ୍ ବ୍ୟୟବରାଦରୁ ମଧ୍ୟ ପ୍ରତିଫଳିତ ହେଉଛି। 'ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି' ସଂସ୍ଥାର 'ଇକୋନୋମିକ୍ ଆଉଟ୍‌ଲୁକ୍' ତଥ୍ୟ ଅନୁଯାୟୀ ପ୍ରତିବର୍ଷ ବଜେଟ୍ ଅଟକଳ ହାରାହାରି ୧୦.୪% ହାରରେ ବୃଦ୍ଧି ପାଉଛି। ଅଥଚ ଶିକ୍ଷା ମନ୍ତ୍ରଣାଳୟର ବଜେଟ୍ ଅଟକଳ ହାର ହ୍ରାସ ପାଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ଦେଶର ସାମଗ୍ରିକ ବଜେଟ୍ ବ୍ୟୟ ଅଟକଳରେ ଶିକ୍ଷା ମନ୍ତ୍ରଣାଳୟର ଭାଗ ୪.୬% ଥିବା ବେଳେ ୨୦୨୫-୨୬ରେ ତାହା ୨.୫%କୁ ହ୍ରାସ ପାଇଛି। ଉଭୟ ଗଣଶିକ୍ଷା ବାବଦ ବ୍ୟୟଅଟକଳ ୧୨ ବର୍ଷରେ ୫୦% ଏବଂ ଉଚ୍ଚଶିକ୍ଷା ବଜେଟ୍ ଅଟକଳ ୬୦% ହ୍ରାସ ପାଇଛି। ଅପରପକ୍ଷରେ ଭିତ୍ତିଭୂମି ବାବଦ ବ୍ୟୟ ବରାଦ ତିନିଗୁଣା ବୃଦ୍ଧି ପାଇଛି। ଏନ୍‌ଡିଏ ସରକାର ଦକ୍ଷତା ବିକାଶ ଜରିଆରେ ବିଶ୍ୱଗୁରୁ ହେବାର ସ୍ଲୋଗାନ୍ ଦେଉଛନ୍ତି। ଅପରପକ୍ଷରେ ଦକ୍ଷତା ବିକାଶ ମନ୍ତ୍ରଣାଳୟ ୨୦୧୫-୧୬ରେ ମୋଟ ବ୍ୟୟ ଅଟକଳର ମାତ୍ର ୦.୦୬% ପାଇଥିବା ବେଳେ ୨୦୨୫-୨୬ରେ ପାଇଛି ୦.୦୫%।

ଭିତ୍ତିଭୂମିରେ ଅଧିକରୁ ଅଧିକ ବ୍ୟୟ କରି ମଧ୍ୟ ଶିକ୍ଷା ଓ ଦକ୍ଷତା ବିକାଶରେ ବ୍ୟୟ ବରାଦକୁ ଗୌଣ କଲେ ଫଳ କ'ଣ ହୁଏ ତାହା ଏବେ ଭାରତର ବିଭିନ୍ନ ସ୍ଥାନରେ ହଜାର ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ସଡ଼କ, ସୁଡ଼ଙ୍ଗ, ବ୍ରିଜ୍ ଆଦି ଭୁଶୁଡ଼ି ପଡୁଥିବାରୁ ଖବରରୁ ପ୍ରମାଣିତ। ନିକଟରେ ଭାରତରେ ଅନୁଷ୍ଠିତ ଏଆଇ ବିଶ୍ୱ ଶିଖର ସମ୍ମିଳନୀରେ ଆମ ଦେଶର ଗୋଲଗୋଟିଆ ବିଶ୍ୱବିଦ୍ୟାଳୟ ଚୀନ୍ ନିର୍ମିତ ଏକ ରୋବୋଟ୍ ପ୍ରଦର୍ଶନ କରି ଲୋକହସା ହୋଇଥିଲା। ଶିକ୍ଷା ଓ ତାଲିମ୍‌କୁ ଅଣଦେଖା କଲେ ଏଭଳି ହଟହଟା ଓ ଲଜ୍ଜିତ ହେବାକୁ ପଡ଼େ, ତାହା ସରକାର ବୋଧହୁଏ ବୁଝିବା ସ୍ଥିତିରେ ନାହାନ୍ତି। ଅପରପକ୍ଷରେ ଆମଠାରୁ ଦୁଇବର୍ଷ ବିଳମ୍ବରେ ସ୍ୱାଧୀନତା ପାଇଥିବା ଚୀନ୍ ଆଜି ଅର୍ଥନୀତି, କାରିଗରୀ କୌଶଳରେ ଆମଠାରୁ କାହିଁ କେତେ ଆଗରେ। ଏହାର ମୂଳ ଭିତ୍ତି ଥିଲା ଶିକ୍ଷା। ପ୍ରଥମରୁ ହିଁ ଚୀନ୍ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରେ ସରକାରୀ ପୁଞ୍ଜି ନିବେଶ କରି ପ୍ରାଥମିକ ଓ ବୈଷୟିକ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବାର ଯୋଜନା କରିଥିଲା। ଏହାର ସୁଫଳ ଏବେ ବିଶ୍ୱବାସୀ ଦେଖୁଛନ୍ତି।

ଭାରତରେ ଶିକ୍ଷା ବ୍ୟବସ୍ଥା ପ୍ରତି ଉଦାସୀନତାର ପରାଭବ ବିଳମ୍ବରେ ହେଲେ ମଧ୍ୟ କେନ୍ଦ୍ର ସରକାର ଏବେ ଭୋଗୁଛନ୍ତି। ଜେନ୍‌ଜେଡ୍‌ଙ୍କ ମନରେ ଥିବା ସୁପ୍ତ ଆକ୍ରୋଶ ଏବେ ବ୍ୟାପକ ବିକ୍ଷୋଭର ରୂପ ନେଇ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏବେ ମଧ୍ୟ ସମୟ ଅଛି। ସରକାର ଯଥାଶୀଘ୍ର ନିଜର ତ୍ରୁଟି ସୁଧାରି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣନ୍ତୁ। ପ୍ରଶ୍ନ ପତ୍ର ପ୍ରଘଟ ମହାପାପ ଏବଂ ପାପୀଙ୍କୁ ଦଣ୍ଡ ମିଳିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଶିକ୍ଷାରେ ବ୍ୟବସ୍ଥାଗତ ତ୍ରୁଟି ମଧ୍ୟ ଆହୁରି ଜଘନ୍ୟ ପାପ ପଦବାଚ୍ୟ। ଏଥିପାଇଁ ଉତ୍ତରଦାୟୀମାନଙ୍କୁ ଦଣ୍ଡିତ କରାଯିବ ତ? ଏହି ପ୍ରଶ୍ନ ଏବେ ଦେଶର ସମ୍ବେଦନଶୀଳନ ଜନତା ପଚାରୁଛନ୍ତି। ତଦନ୍ତର ପରିସରକୁ କେବଳ ରୂପାୟନ କ୍ଷେତ୍ରରେ ସୀମିତ ନ କରି ଯୋଜନା ସ୍ତରକୁ ମଧ୍ୟ ପ୍ରସାରିତ କରିବାକୁ ପଡ଼ିବ ଏବଂ କ୍ଷୟକ୍ଷତିକୁ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ସମ୍ପତ୍ତିରୁ ଭରଣା କରିବାକୁ ସରକାର ନିର୍ଦ୍ଦେଶ ଦେବାକୁ ହେବ। ସର୍ବୋପରି ଶିକ୍ଷା ବ୍ୟବସ୍ଥା ପ୍ରତି ସମ୍ବେଦନଶୀଳ ହୋଇ ଅଧିକ ବ୍ୟୟ ବରାଦ ନ କଲେ ଆଉ ମାତ୍ର ଅଳ୍ପ କିଛି ବର୍ଷ ପରେ ବାଂଲାଦେଶ ଓ ପାକିସ୍ତାନର ଚିତ୍ର ଭାରତରେ ମଧ୍ୟ ଦେଖିବାକୁ ମିଳିବ।

## ଗଣତନ୍ତ୍ର: ଏକ ଦୃଷ୍ଟିପାତ

ରତ୍ନାକର ସେଠୀ




ଅନେକ ଲୋକ କହନ୍ତି ଶାସନ ପଦ୍ଧତି ମଧ୍ୟରେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା। ଗଣତନ୍ତ୍ର ଶାସନରେ ଲୋକମାନେ ନିଜକୁ ନିଜେ ଶାସନ କରିଥା'ନ୍ତି। ଅର୍ଥାତ୍ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ତେଣୁ ଗଣତନ୍ତ୍ର ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନ ପାରେ। ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ ସଂଗେ ସଂଗେ ସମଷ୍ଟିଗତ ପ୍ରଗତି ହିଁ ଏହି ଶାସନର ସ୍ୱାଭାବିକ ପରିଣତି ବୋଲି ଯୁକ୍ତି କରାଯାଇଥାଏ।

ବର୍ତ୍ତମାନ କିନ୍ତୁ ଗଣତନ୍ତ୍ର ଶାସନ ଏକ ସଂଖ୍ୟାର ଖେଳ। ଯେଉଁ ଦଳ ବା ମେଣ୍ଟକୁ କୁହୁକ ସଂଖ୍ୟା ସ୍ପର୍ଶ କରେ ସେ ସରକାର ଗଠନ କରେ। ଗଣତନ୍ତ୍ର ମୁଣ୍ଡଗଣତି କରେ, କିନ୍ତୁ ମୁଣ୍ଡର ମସଲାକୁ ବିଚାର କରେ ନାହିଁ। ଏହି ଶାସନରେ ଅଶିକ୍ଷିତ, ଅଜ୍ଞ, ଅଯୋଗ୍ୟ ଲୋକମାନେ ମଧ୍ୟ ଦକ୍ଷ, ବିଜ୍ଞ ଓ ବିଚାରବନ୍ତ ଲୋକମାନଙ୍କ ସହ ସମାନ ବୋଲି ଗଣ୍ୟ ହୁଅନ୍ତି। ଲୋକମାନଙ୍କୁ ଗଣତନ୍ତ୍ର ଏହିପରି ଆଖିଠାର ମାରି ପ୍ରଶ୍ନବାଚୀ ସୃଷ୍ଟି କରେ। ଆମ ଦେଶରେ ଜନସାଧାରଣଙ୍କ ଅଭିଜ୍ଞତାରୁ ଜଣାଯାଏ ଗଣତନ୍ତ୍ର ଶାସନ କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ-ଅଛୁଆଁ ପୀଠସ୍ଥଳୀ ଭାରତରେ ସାମାଜିକ ନ୍ୟାୟ ଲଙ୍କାରେ ହରି ଶବ୍ଦ ପରି। ପୁଞ୍ଜିପତିର ବିଶାଳ ପ୍ରସାଦ ଓ ଭିକାରିର ପତ୍ରକୁଡ଼ିଆ ତଥା ରାସ୍ତାକଡ଼ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନାର ବିଳାସ। କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର ଚିଲିକା ମାଛ ପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ। ଆଉ ମଧ୍ୟ ସମଷ୍ଟିଗତ ପ୍ରଗତି ଆକାଶ କଇଁଆ ପରି କପୋଳକଳ୍ପିତ। ତେଣୁ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠେ ଗଣତନ୍ତ୍ର ବୋଲି ଯାହା ଘୋଷଣା କରାଯାଏ ତାହା ବୋଧହୁଏ ସତ୍ୟ ନୁହେଁ।

ଗଣ ଦ୍ୱାରା ଶାସନ ଅର୍ଥ ନୁହେଁ ଜନତା ସମସ୍ତେ ବ୍ୟକ୍ତିଗତ ଭାବରେ ସିଧାସଳଖ ଶାସନ କର୍ତ୍ତା ହେବେ ଏବଂ ନିଜେ ନିଜକୁ ଶାସନ କରି ବସିବେ। ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ। ଗଣତନ୍ତ୍ର ଶାସନ ପ୍ରତ୍ୟକ୍ଷ ନ ହୋଇ ପରୋକ୍ଷ ହେବା ହିଁ ସ୍ୱାଭାବିକ। ଶାସନ କର୍ତ୍ତା ସିଧାସଳଖ ଜନତାର ପ୍ରତିନିଧ ହୋଇଥା'ନ୍ତି। ଲୋକ ପ୍ରତିନିଧିଙ୍କୁ ସେମାନେ ନିଜେ ବାଛନ୍ତି। ତାଙ୍କ ହାତରେ ଶାସନ କ୍ଷମତା ଅର୍ପଣ କରିଥା'ନ୍ତି। ଲୋକ ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶରେ ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଭୋଟଦାତାମାନେ ଲୋକ ପ୍ରତିନିଧି ହେବା ପାଇଁ ଉପଯୁକ୍ତ। ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଦୋଷଗୁଣ, କ୍ରିୟାକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା ଓ ସଚ୍ଚୋଟପଣିଆ, ଦକ୍ଷତା ଆଦି ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ବ୍ୟକ୍ତିକୁ ହିଁ ପ୍ରତିନିଧି ରୂପେ ବାଛି ନେଇଥା'ନ୍ତି। ଯେଉଁ ଦେଶରେ ଜନତା ନିଜ ଅଧିକାର ଓ କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ପ୍ରଚାର ବ୍ୟବସ୍ଥା ବିଶେଷ ଭାବରେ କାର୍ଯ୍ୟ କରିଥାଏ। ଏପରି ଦେଶମାନଙ୍କରେ ଶାସନ କ୍ଷମତା ପାଇବା ଆଶାରେ ଜନତାର ପ୍ରତିନିଧି ହେବାକୁ ବିରାଡ଼ି ବୈଷ୍ଣବ ପରି ବାହାରି ପଡ଼ିଥା'ନ୍ତି। ନିଜେ ନିଜର ପେଁକାଳି ବଜାଇ ସଭା ସମିତିରେ ଛାତିପଟି ବାହୁସ୍ଫୋଟ ଓ ଧୂଆଁବାଣ ଛାଡ଼ି ଉଡ଼ାଟିଆ ଲୋକଙ୍କ ସାହାଯ୍ୟରେ ତୁମ୍ବ ବାଡ଼େଇ ଥା'ନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ କୁତ୍ସାରଟନା କରିଥା'ନ୍ତି। ଲୋକଙ୍କୁ ଭୟ ଦେଖାଇ ପ୍ରଚାର ବେଳରେ ଧଳାକୁ କଳା ଓ କଳାକୁ ଧଳା କରିବାକୁ ଚେଷ୍ଟା କରିଥା'ନ୍ତି। ଯେଉଁଠାରେ ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ନାହିଁ, ସେଠାରେ ପ୍ରଚାର ବ୍ୟବସ୍ଥା ହିଁ ଜୟ ହୋଇଥାଏ।

ରାଜନୈତିକ ଲୋକମାନଙ୍କର ପ୍ରଧାନ ଲକ୍ଷ୍ୟ ହେଉଛି କ୍ଷମତା ହାସଲ କରିବା। ତେଣୁ ଦଳୀୟ କନ୍ଦଳ, ରାଜନୈତିକ ହିଂସା, ପ୍ରତିହିଂସା, ହତ୍ୟା, ନିରୀହ ଲୋକଙ୍କୁ ଭୟ ପ୍ରଦର୍ଶନ ଇତ୍ୟାଦି ଦୈନନ୍ଦିନ ବ୍ୟାପାରରେ ପରିଗଣିତ ହୋଇଛି। ପ୍ରତିଦିନ ନୂତନ ନୂତନ ଦଳ ଗଠିତ ହେଉଛି। ତା' ଫଳରେ ଶାସନ କ୍ଷେତ୍ରରେ ସଂକଟ ସୃଷ୍ଟି ହେଉଛି। ବ୍ରିଟିଶ ଶାସନ କାଳରେ ଜାତୀୟ ସଂହତି ସ୍ୱାଧୀନତାର ପରବର୍ତ୍ତୀ କାଳରେ ଚୂର୍ଣ୍ଣିଭୂତ ହୋଇଯାଇଛି। କେବଳ ରାଜନୈତିକ ସ୍ୱାର୍ଥ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଦିନକୁ ଦିନ ସଂପ୍ରସାରିତ କରାଯାଉଛି। ଭୋଟ ଲୋଭରେ ବିଭିନ୍ନ ଜାତିର ମୌଳିବାଦୀମାନଙ୍କୁ ଉତ୍ସାହିତ କରାଯାଉଛି। କେତେକ ସଂଖ୍ୟାଲଘୁ ସମ୍ପ୍ରଦାୟ ନେତା ଜାତୀୟତା ବିରୋଧ କାର୍ଯ୍ୟରେ ଲିପ୍ତ ଥିଲେ ମଧ୍ୟ ଆଇନ ଅନୁସାରେ ଦୋଷୀମାନଙ୍କ ପ୍ରତି ଦଣ୍ଡବିଧାନ କରାଯାଇ ପାରୁନାହିଁ। ଏହାଫଳରେ ଉଗ୍ରବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସବୁଠାରୁ ଦୁଃଖର କଥା ରାଜନୈତିକ ଲୋକ ଅପରାଧୀ ଓ ଅସାମାଜିକ ତତ୍ତ୍ୱଙ୍କୁ ସାଥୀ କରି ଭୋଟରେ ଜୟଯୁକ୍ତ ହେବାକୁ ଚେଷ୍ଟା କରୁଛନ୍ତି। ରାଜନୀତି ଜୀବନରେ ସାଧୁତା, ଚରିତ୍ରବତ୍ତା ଓ ମୂଲ୍ୟବୋଧ ନରହିବାରୁ ସମଗ୍ର ସାମାଜିକ ଜୀବନ ଭ୍ରଷ୍ଟ ହୋଇଯାଇଛି। ବାହୁବଳ ଦେଖାଇ ବହୁ ଅପରାଧୀ ପ୍ରତିନିଧି ଭାବେ ନିର୍ବାଚିତ ହୋଇ ଯାଇଛନ୍ତି।

ଭାରତରେ ରାଜନୈତିକ ଘଟଣାବଳୀର ସମୀକ୍ଷା କଲେ ଏକ ବିକଳ ଚିତ୍ର ଦେଖିବାକୁ ମିଳିଥାଏ। କ୍ଷମତାସୀନ ନେତୃବୃନ୍ଦ କୋଟି କୋଟି ଟଙ୍କାର ଦୁର୍ନୀତିରେ ଲିପ୍ତ ରହିବା, ସେମାନଙ୍କୁ ଦଣ୍ଡ ଦିଆଯାଇ ନପାରିବା, ଦୁର୍ନୀତିଗ୍ରସ୍ତ ବୋଲି ଅଭିଯୁକ୍ତ ହେଲେ ମଧ୍ୟ ନୈତିକ ଦୃଷ୍ଟିରୁ ପଦତ୍ୟାଗ ନକରି ବାହୁବଳରେ କ୍ଷମତାକୁ ଜାବୁଡ଼ି ଧରିବା, ଗିରଫ ବେଳେ ମଧ୍ୟ ଜେଲଖାନାରେ ଥାଇ ରାଜ୍ୟଶାସନ କରିବା ଆସ୍ପର୍ଦ୍ଧା ପ୍ରକାଶ କରିବା ସାଧୁ ଲୋକପ୍ରତିନିଧିଙ୍କଠାରୁ ଆଶା କରାଯାଏ ନାହିଁ। ଆଧୁନିକ ଗଣତନ୍ତ୍ର ରାଷ୍ଟ୍ରରେ ଗଣତନ୍ତ୍ରଙ୍କ ଶାସନ ବଦଳି ନାହିଁ। କେବଳ ପ୍ରତିନିଧିମାନେ ବଦଳି ଯାଇଛନ୍ତି। ଭୋଟ ନ ପାଇବା ପୂର୍ବରୁ ସେମାନେ ବଡ଼ ବଡ଼ ପ୍ରତିଶ୍ରୁତି ପ୍ରଦାନ କରିଥା'ନ୍ତି। ଭୋଟ ସରିଗଲା ପରେ ତାଙ୍କର ପ୍ରତିଶ୍ରୁତି ପାଣିଫୋଟକା ପରି ଫାଟି ଯାଇଥାଏ। କ୍ଷମତା ହାତରେ ପଡ଼ିଗଲେ ସେମାନେ କ୍ଷମତାର ଉପଯୁକ୍ତ ବ୍ୟବହାର କରି ନଥା'ନ୍ତି। ଯେଉଁଠି ଶିକ୍ଷିତ ଭୋଟ ଦାତାମାନେ ଉଦାସୀନ ସେଇଠି ଅନେକ କ୍ଷେତ୍ରରେ ଲୋକପ୍ରତିନିଧିଙ୍କର ଜୟ ହୋଇଥାଏ। ପ୍ରତିନିଧି ଯେତେବେଳେ ନିଜ ହାତରେ କ୍ଷମତା ପାଇଥା'ନ୍ତି, ସେତେବେଳେ ସେମାନେ ସ୍ୱର୍ଗକୁ ଟାଳି ଦେଇଥା'ନ୍ତି। ଗରିବ ଦେଶର ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିଲା ବେଳେ କେତେବେଳେ ଉଦରସ୍ଥ କରନ୍ତି ତ ପୁଣି କେତେବେଳେ ପକେଟସ୍ଥ କରିଥା'ନ୍ତି। ମାଙ୍କଡ଼ ଓ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିଲା ନ୍ୟାୟରେ ତରାଜୁର ଦିପାଖ ଓଜନ ସମାନ କରୁ କରୁ ଗୋଟିଏ ପଟୁ ପଳାଏ ଉଦରସ୍ଥ କରନ୍ତି ତ ସେମାନଙ୍କ ମଧ୍ୟରୁ କେତେଜ ମାଙ୍କଡ଼ ଚିତ୍ ମାରି ରାଜନୈତିକ ପଟ୍ଟ ପରିବର୍ତ୍ତନ କରିଥା'ନ୍ତି।

ଯଥା ସମୟରେ ରାଜନୀତି ଖେଳ ଭାଙ୍ଗି ଯାଇଥାଏ। ପୁଣି ନୂତନ ଅଭିନୟ ଓ ନୂତନ ଖେଳ ଆରମ୍ଭ ହୋଇଥାଏ। ସେଥିରେ କେବଳ ସମୟର ବ୍ୟବଧାନ ଫରକ ରହିଥାଏ। ସେହି ଜନତା, ସେହି ପ୍ରତିନିଧି ସେହି ଖେଳ ଚାଲିଥାଏ। ଗଧିଆ ମେଣ୍ଢାର ପୋଷାକରେ ମେଣ୍ଢାଙ୍କ ଗହଣରେ ମେଣ୍ଢାଶାଳ ଭିତରେ ପଶି ଗୋଟିକ ପରେ ଗୋଟିଏ ମେଣ୍ଢା ଖାଇବାକୁ ଆରମ୍ଭ କରି ଦେଇଥାଏ। ଗଣତନ୍ତ୍ର ଶାସନରେ ସେପରି ହେବା ଉଚିତ ନୁହେଁ। ଯେପର୍ଯ୍ୟନ୍ତ ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବ ସେପର୍ଯ୍ୟନ୍ତ ଗଣତନ୍ତ୍ରର ସଫଳତା ବିଡ଼ମ୍ବନା ମାତ୍ର।

ଅଧ୍ୟାପକ(ବି.ଆର. ବିଜ୍ଞାନ ମହାବିଦ୍ୟାଳୟ)
ହାଟସାହି(କେନ୍ଦ୍ରାପଡ଼ା), ମୋ: ୯୦୯୦୧୫୩୦୭୬

## ଜୀବନ ପାଇଁ କଳା

ପ୍ରଶାନ୍ତ ମିଶ୍ର

ଫ୍ରାନ୍ସର ଦାର୍ଶନିକ ଭିକ୍ଟର କୁଜନ୍ ଊନବିଂଶ ଶତାବ୍ଦୀରେ ପ୍ରଥମେ 'କଳା ପାଇଁ କଳା' ବାକ୍ୟାଂଶଟିକୁ ବ୍ୟବହାର କରିଥିଲେ। ସେ ସମୟର ଅନ୍ୟ ସୌନ୍ଦର୍ଯ୍ୟବାଦୀଙ୍କ ଭଳି କୁଜନଙ୍କର ବି ବିଶ୍ୱାସ ଥିଲା ଯେ କଳା ଚିରକାଳ ସ୍ୱାଧୀନ। ଔଚିତ୍ୟ ସହିତ ଏହାର କୌଣସି ସମ୍ପର୍କ ନାହିଁ। ଉଦ୍ଦେଶ୍ୟ ସାଧନ କି ବାର୍ତ୍ତା ପ୍ରଦାନ କଳାର କାର୍ଯ୍ୟ ନୁହେଁ। ତେବେ ଥିଓଫିଲ ଗୌଟିୟରଙ୍କ ଦ୍ୱାରା 'କଳା ପାଇଁ କଳା' ବାକ୍ୟାଂଶଟି ଏକ ସ୍ଲୋଗାନରେ ପରିଣତ ହୋଇଥିଲା। ବହୁ କବି ଲେଖକ କେବଳ ଶୈଳୀସର୍ବସ୍ୱ, ସୌନ୍ଦର୍ଯ୍ୟପ୍ରଧାନ ରଚନାରେ ମନୋନିବେଶ କରିଥିଲେ ଏହାର ପ୍ରଭାବରେ। ସେମାନଙ୍କର ଯୁକ୍ତି ଥିଲା - ଯାହା ସୁନ୍ଦର ତାହା ପ୍ରୟୋଜନୀୟ କି ବ୍ୟବହାର ଉପଯୋଗୀ ନୁହେଁ। ସବୁ ବ୍ୟବହାର ଉପଯୋଗୀ ପ୍ରୟୋଜନୀୟ ଜିନିଷ ଅସୁନ୍ଦର। କାରଣ ସେହି ଜିନିଷମାନଙ୍କ ସହ ମଣିଷର ଆକାଂକ୍ଷା, ଅଭିଳାଷ ଓ ସ୍ୱାର୍ଥପରତା ଜଡ଼ିତ। ବାସ୍ତବରେ ସୁନ୍ଦର ଜିନିଷର ଅସ୍ତିତ୍ୱ ହିଁ ମୂଲ୍ୟବାନ। ତାହା କୌଣସି ବାହ୍ୟିକ ଅନୁମୋଦନର ଅପେକ୍ଷା ରଖେନାହିଁ। ଆମେ ଏଭଳି ଚିନ୍ତାଧାରାର ସମର୍ଥକ ଭାବେ ଫ୍ରାନ୍ସର ପ୍ରତୀକବାଦୀ କବି ଶାର୍ଲ ବୋଦଲେୟାର, ଷ୍ଟେଫାନ ମାଲାର୍ମେ, ପଲ୍ ଭାରଲେନ୍, ଆର୍ଥର ର୍‌ୟାଂବୋ ପ୍ରମୁଖଙ୍କୁ ନେଇପାରିବା। ଓସ୍କାର ୱାଇଲ୍ଡ ବି 'କଳା ପାଇଁ କଳା' ମତବାଦର ଜଣେ ଦୃଢ଼ ସମର୍ଥକ ଥିଲେ।

ଏକଦା ବନ୍ଧୁ ବେର୍ଣ୍ଣଲ୍ କ୍ଲେଗଙ୍କୁ ପତ୍ର ଲେଖି ଜଣାଇଥିଲେ ଯେ - କଳା ଏକ ଅଦରକାରୀ ଜିନିଷ। ଏହାର ଲକ୍ଷ୍ୟ କେବଳ ସାମୟିକ ମିଜାଜ(ମୁଡ୍) ସୃଷ୍ଟି କରିବା। ନିର୍ଦ୍ଦେଶ ଦେବା କି କୌଣସି କାର୍ଯ୍ୟକୁ ପ୍ରଭାବିତ କରିବା ଏହାର ଉଦ୍ଦେଶ୍ୟ ନୁହେଁ। ନିଜର ଆନନ୍ଦ ପାଇଁ ଫୁଲ ଫୁଟିଥାଏ। ତାକୁ ଦେଖି ଆନନ୍ଦର ଏକ ମୁହୂର୍ତ୍ତକୁ ଆମେ ଉପଭୋଗ କରିଥାଉ। ଏଇଠି ପ୍ରଶ୍ନ ଉଠେ - କଳା ଯଦି ଅଦରକାରୀ, ଫୁଲ ଭଳି ନିଜର ଆନନ୍ଦ ପାଇଁ ହିଁ ଫୁଟେ, ତେବେ ତା'କୁ ଫୁଟାଇବାର ଆବଶ୍ୟକତା କ'ଣ? ସୌନ୍ଦର୍ଯ୍ୟବାଦୀମାନେ ଏତେ ଲେଖାଲେଖି କରୁଥିଲେ କାହିଁକି? ଲେଖିବା ପଛରେ ନିଶ୍ଚୟ ସେମାନଙ୍କର କିଛି ଅଭିପ୍ରାୟ ଥିଲା। ଉଭୟ ଶାରୀରିକ ଓ ମାନସିକ ଶ୍ରମ ବି ସେମାନେ ସ୍ୱୀକାର କରିଥିଲେ ଲେଖିବା ପାଇଁ। ପୃଷ୍ଠଭୂମିରେ ସେମାନଙ୍କର ତତ୍କାଳୀନ ସମାଜ ମଧ୍ୟ ରହିଥିଲା। କୌଣସି ଶୂନ୍ୟସ୍ଥାନରେ ସେମାନେ ନିଜ ନିଜର ରଚନାକୁ ରୂପରେଖ ଦେଇ ନଥିଲେ। ତେଣୁ ମନେହୁଏ 'କଳା ପାଇଁ କଳା' ଏକ ଉଦ୍ଭଟ ବିଚାର; ସମାଜ-ନିରପେକ୍ଷ, ଉଦ୍ଦେଶ୍ୟମୁକ୍ତ କଳାସୃଷ୍ଟି ସମ୍ଭବ ନୁହେଁ।

କଳା ପାଇଁ କଳା ସୃଷ୍ଟିର ଉଦ୍ୟମ ବି କୌଣସି ନା କୌଣସି ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହୋଇଥାଏ। ସ୍ଥଳବିଶେଷରେ ଏକ ରାଜନୈତିକ କାର୍ଯ୍ୟ ବି। ରାମାୟଣ, ମହାଭାରତ, ଇଲିଆଡ୍, ଓଡ଼ିଶୀ ଭଳି ବିଶ୍ୱବିଖ୍ୟାତ ମହାକାବ୍ୟ ସବୁ ରାଜନୀତି-ଆଧାରିତ। ଓସ୍କାର ୱାଇଲ୍ଡ କଳା 'ଅଦରକାରୀ'(ୟୁଜଲେସ୍) ବୋଲି ମତ ରଖିଥିଲେ ବି ନୀତି ନୈତିକତାକୁ ନେଇ ନିଜ ସୃଷ୍ଟି ଜରିଆରେ ସେ ଅନେକ କଥା କହିଛନ୍ତି। ତାଙ୍କ କଳା ପାଇଁ କଳା ସୃଷ୍ଟିର ଉଦ୍ୟମକୁ ପିଠି କରି କଳା ଜୀବନ ସହିତ ଯୋଡ଼ି ହୋଇଯାଇଛି। ଜୀବନ ପାଇଁ ହିଁ କଳାର ସୃଷ୍ଟି। ସାହିତ୍ୟ ଏକ କଳା ଭାବେ କେବଳ ସୌନ୍ଦର୍ଯ୍ୟ ଉପଭୋଗ କି ମନୋରଞ୍ଜନ ସକାଶେ ଉଦ୍ଦିଷ୍ଟ ନୁହେଁ। ଏହା ମଣିଷ ଓ ତା' ସମାଜର ହିତ ସହ ସମ୍ପୃକ୍ତ। ସାମାଜିକ ବାସ୍ତବତାକୁ ପ୍ରତିଫଳିତ କରିବା ସହିତ ସାହିତ୍ୟ ସ୍ଥିତାବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସ୍ୱର ଉତ୍ତୋଳନ କରିଥାଏ ଏବଂ ଆବଶ୍ୟକ ସ୍ଥଳେ କ୍ରାନ୍ତିର କଥା କହିଥାଏ।

ମାକ୍ସିମ୍ ଗର୍କିଙ୍କ ମା' ସମାଜବାଦୀ ବାସ୍ତବତାର ଭିତ୍ତିସ୍ଥାପନକାରୀ ଏକ ଉପନ୍ୟାସ। ଏହା ଜଣେ ଶ୍ରମଜୀବୀ ମହିଳାଙ୍କ କଥା କହେ, ଯିଏ ନିଜ ସନ୍ତାନର ବୈପ୍ଳବିକ କାର୍ଯ୍ୟକଳାପ ଓ ସଂଘର୍ଷ ଦ୍ୱାରା ଅନୁପ୍ରାଣିତ ହୋଇ ନିଜେ ବିପ୍ଳବରେ ସହାୟତା କରିବାକୁ ଆଗେଇ ଆସିଥିଲେ। ଜନସାଧାରଣଙ୍କ ଭିତରେ କ୍ରାନ୍ତି - ଅନୁକୂଳ ରାଜନୈତିକ ଚେତନା ଜାଗ୍ରତ କରିବା ଉକ୍ତ ଉପନ୍ୟାସର ଉଦ୍ଦେଶ୍ୟ ଥିଲା। ନିକୋଲାଇ ଅସ୍ତ୍ରୋଭସ୍କିଙ୍କ 'ହାଉ ଦ ଷ୍ଟିଲ୍ ୱାଜ୍ ଟେଂପେର୍ଡ' ଏକ ଆତ୍ମଜୀବନୀମୂଳକ ରଚନା। ଜଣେ ଗରିବ ଯୁବକ ପାଭେଲ୍ ଏହାର ମୁଖ୍ୟ ଚରିତ୍ର। ବଲସେଭିକ୍ ବିପ୍ଳବରେ ଭାଗ ନେଇ ସେ ଉଦାହରଣ ସୃଷ୍ଟି କରିଥିଲା। କ୍ରାନ୍ତି ପାଇଁ ଉତ୍ସର୍ଗୀକୃତ ଜୀବନ ହିଁ ଅର୍ଥପୂର୍ଣ୍ଣ - ସମ୍ଭବତଃ ଏହି ବିଶ୍ୱାସକୁ ଜନସାଧାରଣଙ୍କ ଭିତରେ ଉଜାଗର କରିବା ପାଇଁ ଅସ୍ତ୍ରୋଭସ୍କି ଉପନ୍ୟାସଟି ଲେଖିଥିଲେ। ରୁଷୀୟ କ୍ରାନ୍ତିର କବି ବିଖ୍ୟାତ 'କ୍ଲାଉଡ୍ ଇନ୍ ଟ୍ରାଉଜର୍ସ' କବିତାର ରଚୟିତା ମାୟକୋଭସ୍କି, ଚୀନ୍ ସାହିତ୍ୟରେ ଆଧୁନିକତାର ଭଗୀରଥ ତଥା 'ଡାଏରୀ ଅଫ୍ ଏ ମ୍ୟାଡମ୍ୟାନ୍'ର ଲେଖକ ଲୁ ସୁନ୍, ଏପିକ୍ ଥିଏଟରର ସୃଷ୍ଟିକର୍ତ୍ତା କବି ଓ ନାଟ୍ୟକାର ବର୍ତ୍ତୋଲ ବ୍ରେଖ, ଇଂରେଜ ନାଟ୍ୟକାର ବର୍ଣ୍ଣାଡ଼ ଶ', ଚିଲ୍ଲିର ଗଣକବି ପାବ୍ଲୋ ନେରୁଦା ପ୍ରଭୃତିଙ୍କୁ ବି ଜୀବନ ପାଇଁ କଳାସୃଷ୍ଟିର ପକ୍ଷଧର ଭାବେ ଅକୁଣ୍ଠ ଗ୍ରହଣ କରା ଯାଇପାରେ।

ଆମ ଓଡ଼ିଆ ସାହିତ୍ୟରେ ବି ଜୀବନ ପାଇଁ କଳାସୃଷ୍ଟିର ବହୁ ଉଜ୍ଜ୍ୱଳ ଉଦାହରଣ ରହିଛି। ନିଜ ଜୀବନକୁ ନର୍କରେ ଫିଙ୍ଗି ଜଗତ ଉଦ୍ଧାରର କାମନା କରିଥିବା କବି ଭୀମ ଭୋଇ ସମ୍ଭବତଃ ଏହାର ଶ୍ରେଷ୍ଠତମ ଉଦାହରଣ। ପରବର୍ତ୍ତୀ ସମୟରେ ଫକୀର ମୋହନ ସେନାପତି, ଭଗବତୀ ଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଗୋଦାବରୀଶ ମହାପାତ୍ର, ଅନନ୍ତ ପଟ୍ଟନାୟକ, ରଘୁନାଥ ଦାସ, ମନମୋହନ ମିଶ୍ର, ରବି ସିଂ, ବ୍ରଜନାଥ ରଥଙ୍କ ସମେତ ଅନ୍ୟ ଅନେକ କବି ଓ ଲେଖକ ଏହି ଧାରାକୁ ଆଗେଇ ନେଇଛନ୍ତି। ସେମାନଙ୍କ ରଚନା ଓଡ଼ିଆ ସାହିତ୍ୟକୁ ଅଧିକ ଜନାଭିମୁଖୀ କରିଛି। 'କଳା ପାଇଁ କଳା' - ନାଇଜେରୀୟ ଲେଖକ ଚିନୁଆ ଆଚିବିଙ୍କ ଭାଷାରେ କହିଲେ - 'ଡିଓଡରାଇଜ୍ଡ ଡଗ୍ ସିଟ୍'। ଅନ୍ୟ ପକ୍ଷରେ 'ଜୀବନ ପାଇଁ କଳା' ବାର୍ତ୍ତାବାହୀ। ସେଥିପାଇଁ ବୋଧେ ଜେମ୍ସ ବାଲ୍‌ଡୱିନ୍ କହିଥିଲେ - ୱାନ୍ କାଣ୍ଟ ରାଇଟ୍ ଏ ଲାଇନ୍ ୱିଥ୍‌ଆଉଟ୍ ଏ ମେସେଜ୍।

କାଶୀନଗର(ଗଜପତି),
ମୋ: ୭୮୭୩୫୭୩୫୬୯

## ଶିଳାଭିଲେଖ ଓ ଶ୍ରୀଜଗନ୍ନାଥ

ପଣ୍ଡିତ ଦୈତ୍ୟାରି ମହାପାତ୍ର

ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ସଂସ୍କୃତ ସାହିତ୍ୟ ଓ ଅଭିଲେଖରେ ଶ୍ରୀଜଗନ୍ନାଥ ଓ ତାଙ୍କ କ୍ଷେତ୍ର ସମ୍ପର୍କରେ ବହୁ ଐତିହାସିକ ତଥ୍ୟର ସନ୍ଧାନ ମିଳେ। ଅନଙ୍ଗଭୀମଦେବଙ୍କ ଲିଙ୍ଗରାଜ ମନ୍ଦିର ଶିଳାଲେଖ ଏ କ୍ଷେତ୍ରରେ ପ୍ରଥମ ବୋଲି କୁହାଯାଏ। ଅନଙ୍ଗଭୀମଦେବଙ୍କ ରାଜତ୍ୱର ୨୩ଅଙ୍କ ବା ୧୨୩୦ଖ୍ରୀଷ୍ଟାବ୍ଦରେ ରଚନା କରାଯାଇଥିବା ଉକ୍ତ ଶିଳାଲେଖରେ ଚତୁର ସାଗର ପର୍ଯ୍ୟନ୍ତାଧିପତି ଭାବରେ ସମ୍ମାନିତ ଅନଙ୍ଗଭୀମଦେବ ନିଜକୁ ଭଗବତ ପୁରୁଷୋତ୍ତମପୁତ୍ର ଓ ରାଜପୁତ୍ର ବା ରାଉତ ଭାବରେ ଘୋଷଣା କରିଛନ୍ତି ଏବଂ ରାଜତ୍ୱର ଶେଷଭାଗରେ ଶ୍ରୀଜଗନ୍ନାଥଙ୍କର ପରମ ସେବକ ଭାବେ ରାଜକାର୍ଯ୍ୟ ସମ୍ପାଦନ କରିଛନ୍ତି। ତାଙ୍କ ରାଜତ୍ୱର ୩୪ଅଙ୍କରେ (ଖ୍ରୀ୧୨୩୮) ଲିଙ୍ଗରାଜ ମନ୍ଦିରରେ ଖୋଦିତ ଅନ୍ୟ ଏକ ଶିଳାଲେଖରେ ସମଗ୍ର ଓଡ଼ିଶାକୁ 'ପୁରୁଷୋତ୍ତମ ସାମ୍ରାଜ୍ୟ' ଭାବରେ ଘୋଷଣା କରାଯାଇଛି। ଗଙ୍ଗବଂଶର ପ୍ରସିଦ୍ଧ ନରପତି (ଖ୍ରୀ୧୨୩୮-୧୨୬୪)ରେ କପିଳାସ ପର୍ବତ ଶିଖରରେ ଅବସ୍ଥିତ ଶିଖରେଶ୍ୱର ଶିବ ମନ୍ଦିର ଗାତ୍ରରେ ଖୋଦିତ ଅନ୍ୟ ଏକ ଅଭିଲେଖରେ ନିଜକୁ 'ଶ୍ରୀପୁରୁଷୋତ୍ତମ ପୁତ୍ରଃ' ଭାବେ ଅଭିହିତ କରିଥିଲେ।

ମଧ୍ୟପ୍ରଦେଶର ସାତନା ଜିଲ୍ଲାରେ ମୌହାର ଗ୍ରାମରୁ ଆବିଷ୍କୃତ ଦଶମ ଶତାବ୍ଦୀର ଏକ ତାମ୍ରଲେଖରେ ଉଡ୍ରଦେଶ (ଓଡ଼ିଶା) ଜଗନ୍ନାଥଙ୍କ କୀର୍ତ୍ତି ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ତାମ୍ରଲେଖର ପଞ୍ଚତ୍ରିଂଶ ଶ୍ଳୋକରେ କୁହାଯାଇଛି- 'ସମୁଦ୍ର ମଜ୍ଜନାନ୍ନୁନଂ ମୋଡ୍ରେଷୁ ପୁରୁଷୋତ୍ତମ, ଦୃଷ୍ଟା ତୁ କାନ୍ତି କେଭୂୟଃ ପୁରାଗଚ୍ଛତ୍ୟାଂ ଶିଶୁ।' ଏହି ଶତାବ୍ଦୀରେ ଦଣ୍ଡୀ ମହାଦେବୀଙ୍କ ଦ୍ୱାରା ପ୍ରଦତ୍ତ ଏକ ଦାନପଟାରେ ଗ୍ରହୀତା ଭଟ୍ଟପୁତ୍ର ପୁରୁଷୋତ୍ତମଙ୍କ ନାମ ରହିଥିବା ଜଣାଯାଏ - 'ଶ୍ରୀକେଦାରେ ପ୍ରୟାଗେ ଚ ପୁଷ୍କରେ ପୁରୁଷୋତ୍ତମେ, ଭୀମେଶ୍ୱରେ ନର୍ମଦାୟାଂ ଶ୍ରୀଗୋପାଳପୁରେ ତଥା।'

ଦ୍ୱାଦଶ ଶତାବ୍ଦୀର ପ୍ରାରମ୍ଭରେ ମାଳବ ରାଜାଙ୍କର ଏକ ଶିଳାଲିପିରେ ଶ୍ରୀଜଗନ୍ନାଥ ଧାମର ନାମୋଲ୍ଲେଖ ରହିଛି। ସମ୍ଭବତଃ ଏହି ଶିଳାଲେଖ ଖ୍ରୀ୧୧୦୪ରେ ଲେଖାଯାଇ ଏଥିରେ ସମୁଦ୍ର ଓ ପୁରୁଷୋତ୍ତମ କ୍ଷେତ୍ରର ନାମ ଉଲ୍ଲେଖ ରହିଛି।

ଗଙ୍ଗବଂଶର ପ୍ରତିଷ୍ଠାତା ଓ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାତା ଚୋଳଗଙ୍ଗଦେବଙ୍କ ପ୍ରଦତ୍ତ ଅଭିଲେଖରେ ଶ୍ରୀଜଗନ୍ନାଥଙ୍କ ସ୍ତୁତି ବର୍ଣ୍ଣିତ ହୋଇଛି। ଚୋଳଗଙ୍ଗଦେବଙ୍କ ପୌତ୍ର ୨ୟ ରାଜରାଜ ଦେବଙ୍କ ଦାସଗୋବା ତାମ୍ର ଶାସନରେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ସ୍ଥଳରେ ବର୍ଣ୍ଣନା କରାଯାଇଛି। ରାଜା କପିଳେନ୍ଦ୍ରଦେବଙ୍କ ଗୋପୀନାଥପୁର ଅଭିଲେଖାରେ ଶ୍ରୀଜଗନ୍ନାଥ ଧାମ ଓ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗରେ ଉଲ୍ଲେଖ ଅଛି। ଚନ୍ଦ୍ରାଦେବୀଙ୍କ ଅନନ୍ତ ବାସୁଦେବ ମନ୍ଦିର ଅଭିଲେଖରେ ଶ୍ରୀକୃଷ୍ଣ ରୂପୀ ଶ୍ରୀଜଗନ୍ନାଥଙ୍କୁ ସ୍ତୁତିଛଳରେ ନିମ୍ନମତେ ବର୍ଣ୍ଣନା କରାଯାଇଛି-

'ତିର୍ତ୍ଥୀର୍ଥମଣ୍ଡନାଖ୍ୟସ୍ୟ ତୀରେ ନାନାବନୀଘନେ, ଶ୍ରୀକୃଷ୍ଣ ଶ୍ରୀବଳାବାସ ବାସିତେ ନନ୍ଦନାୟତେ।'

ଏତଦ୍‌ବ୍ୟତୀତ ରାଜରାଜ ୧ମଙ୍କ କାଳ ଡିଣ୍ଡିମ ତାମ୍ରପତ୍ର ନାଗପୁର ଶିଳାଲେଖ, ଗୋପାଳଦେବଙ୍କ ପୂଜାରିପାଲି ଅଭିଲେଖ, ମହ୍ଲାର ଶିଳାଲେଖ, ରତନପୁରରୁ ଆବିଷ୍କୃତ ପୃଥ୍ୱୀଦେବ ୨ୟଙ୍କ ଅଭିଲେଖ, ଜଲ୍ଲାଲ ୨ୟଙ୍କ ଶିଳାଲେଖ, ରତନଦେବ ୩ୟଙ୍କ ଖରୋଦଶିଳାଲେଖ, ପ୍ରତାପମଲ୍ଲଙ୍କର ପେଣ୍ଡ୍ରାବନ୍ଧ ତାମ୍ରଲେଖ ଗୁଡ଼ିକରେ ଶ୍ରୀଜଗନ୍ନାଥ କ୍ଷେତ୍ରର ବହୁଳ ବର୍ଣ୍ଣନା କରାଯାଇଛି।

ସଂସ୍କୃତ ଅଭିଲେଖ ପରି ବହୁ ଓଡ଼ିଆ ଅଭିଲେଖରେ ଶ୍ରୀଜଗନ୍ନାଥ କ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ଲୀଳା, ରୂପ, ଗୁଣ ସମ୍ପର୍କରେ ବହୁ ତଥ୍ୟର ଉଲ୍ଲେଖ କରାଯାଇଛି। ଦ୍ୱିତୀୟ ଭାନୁଦେବ (ଖ୍ରୀ୧୩୦୮-ଖ୍ରୀ୧୩୨୭)ଙ୍କ ରାଜତ୍ୱର ୧୩ଶ ବର୍ଷରେ ଖୋଦିତ ଅଭିଲେଖ ହେଉଛି ସର୍ବପ୍ରଥମ ଓଡ଼ିଆ ଅଭିଲେଖ। ଏଥିରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀଦେବାଧିଦେବ ରୂପେ ଅଭିହିତ କରାଯାଇଛି। ରାଜା ୨ୟଭାନୁଦେବ ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ଶାସକରାଜା ରୂପେ ଘୋଷଣା କରିଛନ୍ତି। ଗଜପତି କପିଳେଶ୍ୱର ଦେବ (ଖ୍ରୀ୧୪୩୫-୧୪୬୭) ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଥିଲେ ବୋଲି ତାଙ୍କ ଅଭିଲେଖରୁ ଜଣାଯାଏ। ଖ୍ରୀ୧୪୩୬ରେ ଶ୍ରୀଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରରେ ଖୋଦିତ ଶିଳାଲେଖରୁ ଜଣାଯାଏ ଯେ ତାଙ୍କ ରାଜତ୍ୱର ଚତୁର୍ଥ ଅଙ୍କରେ ଶ୍ରୀପୁରୁଷୋତ୍ତମ କଟକରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସମୟରେ ମନ୍ଦିରର ବହୁ କର୍ମଚାରୀଙ୍କ ଉପସ୍ଥିତିରେ ସେ ଓଡ଼ିଶାରେ ଚଳି ଆସୁଥିବା ଲବଣକର ମୁକ୍ତ କଲେ ବୋଲି ଶପଥ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଅନ୍ୟ କେହି ରାଜା ଏହି ନୀତିକୁ ଲଙ୍ଘନ କଲେ ଶ୍ରୀଜଗନ୍ନାଥଙ୍କ ନିକଟରେ ଦ୍ରୋହୀ ହେବେ ବୋଲି ଘୋଷଣା କରିଥିଲେ। ଖ୍ରୀ୧୪୫୯ରେ ପୁରୀ ଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଖୋଦିତ ଅନ୍ୟ ଏକ ଶିଳାଲେଖ ମାଧ୍ୟମରେ କପିଳେନ୍ଦ୍ରଦେବଙ୍କର ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଘୋଷଣାପତ୍ର ଖୋଦିତ ହୋଇଛି। ଖ୍ରୀ ୧୪୬୪ରେ ଜୟବିଜୟ ଦ୍ୱାରର ବାମ ପାର୍ଶ୍ୱରେ ଖୋଦିତ ଶିଳାଲେଖାରୁ ଜଣାଯାଏ କପିଳେନ୍ଦ୍ର ଦେବ ତାଙ୍କ ହୃଦୟର ଦାରୁଣ ଦୁଃଖ ଜଗନ୍ନାଥଙ୍କ ନିକଟରେ ଗୁହାରି କରିଛନ୍ତି।

ଶ୍ରୀପୁରୁଷୋତ୍ତମ ଦେବଙ୍କ ଜଗନ୍ନାଥ ମନ୍ଦିର ଜୟବିଜୟ ଦ୍ୱାରରେ ବାମ ପାର୍ଶ୍ୱରେ ଥିବା ଶିଳାଲେଖରୁ ଜଣାଯାଏ ସେ ମହାପ୍ରଭୁଙ୍କ ସେବକ ବ୍ରାହ୍ମଣମାନଙ୍କୁ ଯେଉଁ ଦାନ କରିଥିଲେ ତାହାକୁ ପୁଣି ଦୃଢ଼ ଭାବେ ଅନୁମୋଦନ କରାଇଥିଲେ। ଦାନ କରାଯାଇଥିବା ଭୂସମ୍ପତ୍ତିକୁ ଯେ ଚୋରି କରିବ ସେ ଜଗନ୍ନାଥଙ୍କ ନିକଟରେ ଅପରାଧୀ ହେବ ବୋଲି ଘୋଷଣା କରିଥିଲେ। ଜୟବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଖ୍ରୀ୧୪୬୭ରେ ଖୋଦିତ ଏକ ଶିଳାଲେଖରେ ଶ୍ରୀକ୍ଷେତ୍ରକୁ ପୁରୁଷୋତ୍ତମଦେବଙ୍କର ଶୁଭ ଆଗମନ ସକାଶେ ସେ ମଣି, ମୁକ୍ତା, ହୀରା, ନୀଳା, ପ୍ରଭୃତି ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଛନ୍ତି ବୋଲି ଜଣାଯାଏ। ପ୍ରତାପରୁଦ୍ର ଦେବଙ୍କ ଜୟବିଜୟ ଦ୍ୱାର ଶିଳାଲେଖରୁ ଜଗନ୍ନାଥଙ୍କ ପୂଜା ବେଳେ ଗୀତଗୋବିନ୍ଦ ନାଟ ପ୍ରସଙ୍ଗ ଘୋଷଣା କରାଯାଇଛି। ନାଟୁଣୀ ଗୀତଗୋବିନ୍ଦ ଛଡ଼ା ଅନ୍ୟ ଗୀତି ଶିଖିପାରିବେ ନାହିଁ, ଗାଇପାରିବେ ନାହିଁ ଅନ୍ୟ କୌଣସି ବିଷୟ ନାଟ ହୋଇପାରିବ ନାହିଁ ବୋଲି ସେଥିରେ ନିର୍ଦ୍ଦେଶ ରହିଛି। ଓଡ଼ିଶାର ଗଜପତିମାନଙ୍କର ରାଜତ୍ୱ ବାସ୍ତବରେ ଜଗନ୍ନାଥଙ୍କର ରାଜତ୍ୱ ଥିଲା ବୋଲି ଓଡ଼ିଆ ଶିଳାଲେଖଗୁଡ଼ିକ ଅଦ୍ୟାପି ପ୍ରମାଣ ଯୋଗାଇଥା'ନ୍ତି।

ଭଦ୍ରକ, ମୋ: ୮୭୬୩୫୪୮୨୦୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କେନ୍ଦୁଝରେ ପାଲଟିଛି ସୁନ୍ଦରଗଡ଼ ଜିଲ୍ଲାର ଡମ୍ପିଂୟାର୍ଡ

## ଜରିମାନା ଆଦାୟରେ ନାହିଁ ଆନ୍ତରିକତା; ସମନ୍ୱୟର ଅଭାବ

■ ଚିଠିରେ କାମ ସାରିଦେଲା ପିସିବି; ଜିଲ୍ଲା ପ୍ରଶାସନ ଚୁପ୍
■ ବିଷାକ୍ତ ହେଉଛି ପରିବେଶ; ବଢୁଛି ଶିଳ୍ପ ବର୍ଜ୍ୟବସ୍ତୁର ବିପଦ



କେନ୍ଦୁଝର,୨୨।୭(ସମିସ): କଳକାରଖାନା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଡମ୍ପିଂୟାର୍ଡ ରହିଛି; ମାତ୍ର ଅନେକ ଶିଳ୍ପ ବର୍ଜ୍ୟବସ୍ତୁ ଡମ୍ପିଂୟାର୍ଡରେ ନ ପକାଇ ଅନଧିକୃତ ସ୍ଥାନରେ ପକାଉଥିବାରୁ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ୫୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଭଦ୍ରସାହି-ରୁଗୁଡି-ଗୁଆଲି-ଟଣ୍ଟୋ ଆଦି ଅଞ୍ଚଳରେ ଥିବା ସରକାରୀ ଜମି, ଜଙ୍ଗଲ ଜମି ଏବଂ ବେସରକାରୀ ଜମିରେ ଶିଳ୍ପ ଆବର୍ଜନା ନିୟମିତ ପଡୁଛି। ପ୍ରତିଦିନ ବିଭିନ୍ନ ଶିଳ୍ପରୁ ବହୁ ସଂଖ୍ୟାରେ ହାଇୱା ଗାଡିରେ ପାଉଁଶ ଆସି ପଡୁଛି। ଶିଳ୍ପ ବର୍ଜ୍ୟବସ୍ତୁ ପଡିବା ଦ୍ୱାରା ବାୟୁ ଏବଂ ଜଳ ପ୍ରଦୂଷଣ ହେଉଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ପ୍ରଶାସନ ଗୁରୁତର ସହ ନେଉ ନ ଥିବାରୁ ପରିବେଶବିତ୍‌ମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ସୁନ୍ଦରଗଡ ଜିଲ୍ଲା କୋଇଡା ତହସିଲ ଅଞ୍ଚଳରେ ଥିବା ଏକ ଷ୍ଟିଲ କାରଖାନାରୁ ଦୈନନ୍ଦିନ ଶହ ଶହ ଗାଡିରେ କାରଖାନା ପାଉଁଶ ଆସି ବଡବିଲ ତହସିଲର ବିଭିନ୍ନ ଅଞ୍ଚଳରେ ପଡୁଛି। ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ଜିଲ୍ଲାପାଳଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଦିଆଯାଇଥିଲେ ମଧ୍ୟ ଫଳ ଶୂନ୍। ଶିଳ୍ପ ଆବର୍ଜନା ବର୍ଷା ଜଳ ସହ ମିଶି ଭୂତଳ ଜଳ, ଚାଷ ଜମି ଓ ନଦୀନାଳକୁ ପ୍ରଦୂଷିତ କରୁଛି। ମାଟିର ଉର୍ବରତା ହ୍ରାସ ସହ ପାନୀୟଜଳ ଦୂଷିତ ହେଉଛି। ବର୍ଜ୍ୟ କଳାଗୁଣ୍ଡ ଏବଂ ପାଉଁଶ ବର୍ଷାରେ ଧୋଇ ଚାଷ ଜମି, ଜଙ୍ଗଲ ଜମି ଏବଂ ଗୋଚର ଜମିରେ ପଡୁଛି। ଫଳରେ ଗୋରୁଗାଈ ଏବଂ ବନ୍ୟପ୍ରାଣୀ ଏହାକୁ ଖାଇ ରୋଗରେ ପଡୁଛନ୍ତି। ଏପରି କାର୍ଯ୍ୟକଳାପ ଯୋଗୁଁ ପରିବେଶର ଭୟଙ୍କର କ୍ଷତି ହେବା ସହ ଚାଷ ଜମି ଓ ଜଳସ୍ରୋତ ପ୍ରଦୂଷିତ ହେଉଛି ଏବଂ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ଟାସ୍କ ଫୋର୍ସ ଗଠନ ସହିତ ସଂପୃକ୍ତ କଂପାନୀ ଓ ପରିବହନକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯିବାକୁ ମତ ପ୍ରକାଶ ହୋଇଛି।

■ ନବବଧୂଙ୍କୁ ଯୌତୁକ ନିର୍ଯାତନା ଓ ହତ୍ୟା ମାମଲା

## ସ୍ୱାମୀ, ଶାଶୂ ଓ ଶଶୁରଙ୍କୁ ଆଜୀବନ ଜେଲ୍

କଟକ,୨୨।୭(ସମିସ): ଯୌତୁକ ପାଇଁ ନବବଧୂଙ୍କୁ ନିର୍ଯାତନା ଓ ହତ୍ୟା ସଂକ୍ରାନ୍ତ ଏକ ମାମଲାରେ କଟକ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତ ଅଭିଯୁକ୍ତ ସ୍ୱାମୀ ଅଲ୍ଲାରଖା ଖାନ୍, ଶଶୁର ଦିଲ୍ଲୀପ ଖାନ୍ ଏବଂ ଶାଶୂ ଜହର ବିବି ଓରଫ୍ ବେବିନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ଆଜୀବନ ଜେଲ ଓ ୫ ହଜାର ଟଙ୍କା ଲେଖାଁଏ ଜରିମାନାରେ ଦଣ୍ଡିତ କରିଛନ୍ତି ଅଦାଲତ। ଆଇପିସିର ଧାରା ୩୦୪ ବି/୩୪, ୪୯୮-ଏ, ଯୌତୁକ ନିରୋଧ ଆଇନର ଧାରା ୪ ଅଧୀନରେ ତିନି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ୨୦୧୫ ନଭେମ୍ବର ୮ ତାରିଖରେ ମୁସଲିମ୍ ରୀତିନୀତି ଅନୁଯାୟୀ ମସ୍ତାରୀ ବିବି (ମୁସ୍ତାରୀ ବିବି)ଙ୍କ ସହ ଅଲ୍ଲାରଖା ଖାନ୍‌ଙ୍କ ବିବାହ ହୋଇଥିଲା। କନ୍ୟା ପକ୍ଷ ପକ୍ଷରୁ ନଗଦ ୫୦ହଜାର ଟଙ୍କା, ସୁନା ଗହଣା ଏବଂ ଘରକରଣା ସାମଗ୍ରୀ ଦିଆଯାଇଥିବା ବେଳେ ବାକି ୧୦ହଜାର ଟଙ୍କା ପରେ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ବିବାହର କିଛି ଦିନ ପରେ ବାକି ୧୦ହଜାର ଟଙ୍କା ପାଇଁ ସ୍ୱାମୀ, ଶଶୁର ଓ ଶାଶୂ ମିଶି ମସ୍ତାରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବିବାହର ମାତ୍ର ତିନି ମାସ ପରେ, ୨୦୧୬ ଫେବୃଆରୀ ୧୧ ତାରିଖ ସକାଳେ ସୁତାହାଟସ୍ଥିତ ଶାଶୂଘରୁ ମସ୍ତାରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ ବେକରେ ଗଭୀର କ୍ଷତ ଚିହ୍ନ ରହିଥିଲା ଏବଂ ଅଭିଯୁକ୍ତ ପରିବାର ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ମୃତକଙ୍କ ମା'ଙ୍କ ଏତଲା ଆଧାରରେ ଲାଲବାଗ ଥାନାରେ ମାମଲା ରୁଜୁ ହୋଇଥିଲା। ଅଦାଲତରେ ୧୯ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଅଦାଲତ ଆଜୀବନ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି।

## ଏସ୍‌ସି, ଏସ୍‌ଟି ମାମଲା ପାଇଁ ଖୋଲିବ ୬ ଟି ସ୍ୱତନ୍ତ୍ର କୋର୍ଟ

ଭୁବନେଶ୍ୱର,୨୨।୭(ସମିସ): ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଶୀଘ୍ର ଆଇନଗତ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିରୋଧ) ଆଇନ, ୧୯୮୯ ଅଧୀନରେ ଆସୁଥିବା ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ଏବଂ ଦଣ୍ଡବିଧାନ ପାଇଁ ରାଜ୍ୟର ୬ଟି ଜିଲ୍ଲାରେ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଓ ସହମତି କ୍ରମେ ଏହି କୋର୍ଟଗୁଡ଼ିକ ସ୍ଥାପନ କରାଯାଇଛି।

ଏହି ନୂତନ ସ୍ୱତନ୍ତ୍ର କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-କମ୍-ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବେ। ଏଗୁଡ଼ିକ ଭଦ୍ରକ, ଗଞ୍ଜାମ (ବ୍ରହ୍ମପୁର), ଯାଜପୁର, କେନ୍ଦ୍ରାପଡ଼ା, ଓ ପୁରୀ ରାଜସ୍ୱ ଜିଲ୍ଲା ଏବଂ ଖୋର୍ଦ୍ଧା ରାଜସ୍ୱ ସବ-ଡିଭିଜନ୍ ପରିସୀମା ମଧ୍ୟରେ କାର୍ଯ୍ୟକାରୀ ହେବ। ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହେବା ଦ୍ୱାରା ବହୁ ଦିନରୁ ପଡ଼ିରହିଥିବା ମାମଲାଗୁଡ଼କର ତ୍ୱରିତ ନିଷ୍ପତ୍ତି ହୋଇପାରିବ। ପୁଲିସ ମୁଖ୍ୟାଳୟର ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍‌ର ନିରନ୍ତର ସମୀକ୍ଷା ଓ ପ୍ରୟାସ ଫଳରେ ଏହି ପ୍ରସ୍ତାବ ସାକାର ହୋଇପାରିଛି। ଏଡିଜିପି ଯତୀନ୍ଦ୍ର କୋୟଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ପ୍ରଚେଷ୍ଟା ବଳରେ ପେଣ୍ଡିଂ ମାମଲାର ସଠିକ୍ ଆକଳନ କରାଯାଇ ଗୃହ ବିଭାଗ ମାଧ୍ୟମରେ ହାଇକୋର୍ଟଙ୍କ ଆବଶ୍ୟକୀୟ ସ୍ୱୀକୃତି ହାସଲ କରାଯାଇପାରିଛି। ଏହି ଆନୁଷ୍ଠାନିକ ବିଜ୍ଞପ୍ତି ପରେ, ଗୃହ ବିଭାଗ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କୁ ଏହି ନୂତନ କୋର୍ଟଗୁଡ଼ିକ ପାଇଁ ବିଚାରପତି ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ ଅଧିକ ମାମଲା ପେଣ୍ଡିଂ ଥିବା ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଆଗାମୀ ଦିନରେ ଏହିପରି ସ୍ୱତନ୍ତ୍ର କୋର୍ଟ ଓ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ନେଇ ସରକାର ବିଚାର କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଡ଼କରୁ ସଂସଦ...

ଦଳର ସାଂସଦ କଳା ପୋଷାକ ପିନ୍ଧି ସଂସଦ ପରିସରରେ ପ୍ରତିବାଦ ଆନ୍ଦୋଳନ କରିଛନ୍ତି। କଂଗ୍ରେସ ସାଂସଦଙ୍କ ସହ ସମାଜବାଦୀ ପାର୍ଟି ସମେତ ଅନ୍ୟ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇଛନ୍ତି। ଆଜି ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଏହି ପ୍ରସଙ୍ଗରେ ପ୍ରବଳ ହଟ୍ଟଗୋଳ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା କହିଥିଲେ ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ରାଜ୍ୟସଭାରେ ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ଶିକ୍ଷା ମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ସଂସଦ ଚଳାଇ ଦିଆଯିବ ନାହିଁ। ଏହାକୁ ନେଇ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଟ୍ଟଗୋଳ ଜାରି ରହିବାରୁ ସଂସଦକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଉଭୟ ସଦନରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ। ତେବେ କେଉଁ ନିୟମ ଅନୁସାରେ ଆଲୋଚନା ହେବ, ସେନେଇ ବାଚସ୍ପତି ସର୍ବଦଳୀୟ ବୈଠକ ପରେ ନିଷ୍ପତ୍ତି ନେବେ। ଏପଟେ ବିଜେପି କଂଗ୍ରେସର ପ୍ରତିବାଦକୁ ସମାଲୋଚନା କରି ଅଭିଯୋଗ କରିଛି ଯେ, ଦଳ ଛାତ୍ରଛାତ୍ରୀଙ୍କୁ ରାଜନୈତିକ ସ୍ୱାର୍ଥରେ ବ୍ୟବହାର କରୁଛି।

### ମନାକଲେ ସୁପ୍ରିମକୋର୍ଟ...

ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ବେଞ୍ଚରେ ଆଜି ଆବେଦନକାରୀ ଏହି ମାମଲା ଉଠାଇ ଏହାର ତୁରନ୍ତ ଶୁଣାଣି କରିବାକୁ କହିଥିଲେ। ତେବେ ଏହାର ତୁରନ୍ତ ଶୁଣାଣି କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ମନା କରିଦେଇଥିଲେ। ପୁଲିସ ବର୍ବରତାର ଭିଡିଓ ଦେଖିବାକୁ ସେ କହିବାରୁ ପ୍ରଧାନ ବିଚାରପତି କହିଲେ ଯେ ଏଥିପାଇଁ ସମୟ ନାହିଁ। ଏହା ଉପରେ ସମୟ ନଷ୍ଟ ନକରିବାକୁ ସେ କହିଥିଲେ। ଅନ୍ୟପକ୍ଷରେ ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଡିକେ. ଉପାଧ୍ୟାୟଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ଘଟଣାକୁ ଗୁରୁତର ସହ ନେଇ ସମସ୍ତ ସିସିଟିଭି ଫୁଟେଜ୍ ଏବଂ ଭିଡିଓ ରେକର୍ଡିଂକୁ ସୁରକ୍ଷିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲମାନେ ଅଭିଯୋଗ କରିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ନାଗରିକଙ୍କ ଉପରେ ପୁଲିସ ପକ୍ଷରୁ ଚରମ ବର୍ବରତା ପ୍ରଦର୍ଶନ କରାଯାଇଛି। ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ ମହିଳା ପ୍ରଦର୍ଶନକାରୀଙ୍କ ସହ ଆପତ୍ତିଜନକ ବ୍ୟବହାର କରାଯାଇଛି। ମହିଳା ବିକ୍ଷୋଭକାରୀଙ୍କ ସହ ଅସଦାଚରଣ କରାଯିବା ସହିତ ସେମାନଙ୍କର କପଡ଼ା ଚିରାଯାଇଛି। ପୁଲିସ କଣ୍ଟା ଲଗା ଲାଠି ବ୍ୟବହାର କରିଛି। ଏହି ହିଂସାରେ ୯୦ରୁ ଅଧିକ ପ୍ରଦର୍ଶନକାରୀ ଆହତ ହୋଇଥିବା ବେଳେ ଏକ ୨୧ ବର୍ଷୀୟା ଯୁବତୀଙ୍କୁ ଭେଣ୍ଟିଲେଟରରେ ରଖିବାକୁ ପଡ଼ିଥିଲା।

ଆବେଦନକାରୀଙ୍କ ଓକିଲ ଗୋପାଳ ଶଙ୍କରନାରାୟଣନ୍ କହିଛନ୍ତି ଯେ, ଶିଶୁ ଓ ମହିଳାଙ୍କ ଉପରେ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି ଏବଂ ପୁଲିସ କର୍ମୀମାନେ ସାଧା ପୋଷାକରେ ରହି ପ୍ରଦର୍ଶନକାରୀଙ୍କୁ ମାଡ଼ ମାରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ପୁଲିସ ପକ୍ଷରୁ ହୋଇଥିବା ଅତ୍ୟାଚାରର ପ୍ରମାଣ ସ୍ୱରୂପ ତାଙ୍କ ପାଖରେ ୧୧୦ଟି ଭିଡିଓ ରହିଛି। ଅନ୍ୟପକ୍ଷରେ, ଦିଲ୍ଲୀ ପୁଲିସ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ୍ (ଏଏସ୍‌ଜି) ଏସଭି. ରାଜୁ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ଏହି ଆବେଦନଗୁଡ଼ିକ କେବଳ ସମୟ ନଷ୍ଟ କରିବା ଏବଂ ପ୍ରସିଦ୍ଧି ହାସଲ କରିବା ପାଇଁ କରାଯାଇଛି। ୧୪୪ ଧାରା ଥିବା ସ୍ଥାନରେ ପ୍ରଦର୍ଶନକାରୀମାନେ ଶାନ୍ତିପୂର୍ଣ୍ଣ ନଥିଲେ ବରଂ ଉଚ୍ଛୃଙ୍ଖଳ ହୋଇ ପଥର ମାଡ଼ କରିଥିଲେ। ଏଥିରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଆବେଦନକାରୀମାନେ ଏଫ୍‌ଆଇଆର୍ ଦାଖଲ ନକରି ସିଧାସଳଖ କୋର୍ଟକୁ ଆସିଥିବାରୁ ଏହା କେବଳ ପ୍ରଚାର ଓ ପ୍ରସିଦ୍ଧି ପାଇଁ ବୋଲି ସେ କହିଥିଲେ। ଏପରି ସମ୍ବେଦନହୀନ ମନ୍ତବ୍ୟରେ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ଏହାକୁ 'ପ୍ରଚାର ପାଇଁ ଉଦ୍ଦିଷ୍ଟ ଆବେଦନ' କିପରି କୁହାଯିବ ବୋଲି କୋର୍ଟ ପ୍ରଶ୍ନ କରିଥିଲେ। ମୁଖ୍ୟ ବିଚାରପତି ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଏହା ବେଆଇନ ସମାବେଶ ଥିଲା, ତାକୁ ନିୟନ୍ତ୍ରଣ କରିବାର ଅନ୍ୟ ଆଇନଗତ ପ୍ରକ୍ରିୟା ରହିଛି। ଏତେ ସଂଖ୍ୟକ ଲୋକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହେଉଥିବା ବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପୃଥକ ଭାବେ ଏଫଆଇଆର କରିବା ପାଇଁ କହିବା ଯୁକ୍ତିଯୁକ୍ତ ନୁହେଁ। ପୁଲିସ ବର୍ବରତା ଦେଶର ବିବେକୁ ଦୋହଲାଇ ଦେଇଛି ବୋଲି ସେ କହିଥିଲେ। ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ଓ ପୁଲିସକୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୧ରେ ହେବ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀ...

ଦେଶରେ ତାଙ୍କ ଇସ୍ତଫା ଦାବି କରାଯାଉଛି। କେବଳ ଭାରତରେ ନୁହେଁ, ବିଦେଶରେ ଥିବା ଆମ ଦୂତାବାସ ସମ୍ମୁଖରେ ମଧ୍ୟ ତାଙ୍କ ଇସ୍ତଫା ଦାବି କରାଯାଉଛି। ପରୀକ୍ଷାକୁ ନେଇ ଯାହା ସବୁ ଘଟିଛି, ଏହାପରେ ସେ ଇସ୍ତଫା ଦେଇଦେବା ଉଚିତ୍। ସେହିପରି ଜନ୍ତରମନ୍ତରରୁ ସଂସଦ ଯିବା ବାଟରେ ପୁଲିସର ମାତ୍ରାଧିକ ତଥା ବର୍ବରୋଚିତ ବଳପ୍ରୟୋଗକୁ ମଧ୍ୟ ନିନ୍ଦା କରିଛନ୍ତି ନବୀନ। ପୁଲିସ ଛାତ୍ରଛାତ୍ରୀଙ୍କ ଉପରେ ଯେଉଁ ଅନାବଶ୍ୟକ ବଳପ୍ରୟୋଗ କରିଛି, ସେନେଇ ସମସ୍ତେ ଗଭୀର ଭାବେ ଆଘାତ ପାଇଛନ୍ତି। କେବଳ ଛାତ୍ରଛାତ୍ରୀ ନୁହେଁ, ସଂସଦର ବିରୋଧୀ ଦଳର ନେତା ଏବଂ ଅନ୍ୟାନ୍ୟ ବରିଷ୍ଠ ରାଜନେତାଙ୍କ ସହ ମଧ୍ୟ ପୁଲିସ ଅତ୍ୟନ୍ତ ରୁକ୍ଷ ବ୍ୟବହାର କରିଥିଲା। ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ସେ କହିଛନ୍ତି।

### କାର ସହ ସ୍କୁଟି...

ଅଧିକାରୀମାନେ ଉପସ୍ଥିତ ରହି ନିୟମିତ ତଦାରଖ କରୁଛନ୍ତି। ଭିଡରେ ଜନଗହଳିକୁ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସିସିଟିଭିରୁ ମିଳୁଥିବା ସୂଚନାକୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ବ୍ୟବସ୍ଥା ଜରିଆରେ ସମସ୍ୟା ଥିବା ସ୍ଥାନକୁ ତୁରନ୍ତ ପ୍ରଦାନ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ। ଆଗକୁ ବାହୁଡା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନିଳାଦ୍ରୀବିଜେ ଅନୁଷ୍ଠିତ ହେବ। ତେଣୁ, ସମସ୍ତ ନୀତିକାନ୍ତି ଯେପରି ସୁଚାରୁ ରୂପେ ପାଳିତ ହେବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ରଖିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ରଥଯାତ୍ରାରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ, ଦୁଇଜଣ ଶ୍ରଦ୍ଧାଳୁଙ୍କ ଜୀବନହାନି ଯୋଗୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଅଗ୍ନିଶମ ପୁଲିସ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ, ପୁଲିସ ମଡର୍ଣ୍ଣାଇଜେସନ୍‌ର ଅତିରିକ୍ତ ମହାନିର୍ଦ୍ଦେଶକସୌମେନ୍ଦ୍ର ପ୍ରିୟଦର୍ଶୀ ପୁଲିସ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂ ପ୍ରମୁଖ ଉପସ୍ଥିତ ରହି ବାହୁଡା ଓ ସୁନାବେଶ ପରିଚାଳନା ସମ୍ପର୍କରେ ମତାମତ ରଖିଥିଲେ।

### ୧୫ ବିଇଡି କଲେଜକୁ...

ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳର ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଏବଂ କଟକର ରାଧାନାଥ ଇଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସଡ୍ ଷ୍ଟଡି ଇନ୍ ଏଜୁକେସନ୍ ପରି ସମୁଦାୟ ୧୫ଟି କଲେଜକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ୧୫ ଦିନ ମଧ୍ୟରେ ଅର୍ଥାତ୍ ଚଳିତ ମାସ ଶେଷ ସୁଦ୍ଧା ନୋଟିସର ଉତ୍ତର ଦେବାକୁ ସମ୍ପୃକ୍ତ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ଏନ୍‌ସିଟିଇ। ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ସମ୍ପର୍କରେ ଏନ୍‌ସିଟିଇ ନିକଟରେ ବହୁ ପୂର୍ବରୁ ଅଭିଯୋଗ ହୋଇଛି। ଏହା ଜାଣିବା ପରେ ଗତ ବର୍ଷ ସେପ୍ଟେମ୍ବର ମାସରେ ଓଡ଼ିଶା ସରକାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ୧୫ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ ସେତେବେଳେ କୁହାଯାଇଥିଲେ ମଧ୍ୟ ସରକାର କୌଣସି କାରଣ ଦର୍ଶାଇ ନ ଥିଲେ। ଅଦୃଶ୍ୟ ଚାପ ପକାଇ ସ୍ୱୀକୃତି ପ୍ରତ୍ୟାହାର ହେବାରୁ ଏହି କଲେଜଗୁଡ଼ିକ ରକ୍ଷା ପାଇଥିଲେ। ଏନ୍‌ସିଟିଇ ମଧ୍ୟ ନିଜଆଡ଼ୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ହାଇକୋର୍ଟରେ ମାମଲା ହୋଇଥିଲା। ଏହି ମାମଲାର ଏନ୍‌ସିଟିଇକୁ ପକ୍ଷ ରଖିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଶୋଇପଡ଼ିଥିବା ଏନ୍‌ସିଇଆର୍‌ଟି ଆଉଥରେ ଚେଇଁଛି। ଏଥର ଆଉ ସରକାରଙ୍କୁ ନୁହେଁ, ବରଂ ସ୍ୱୀକୃତି ଦେଇଥିବା କଲେଜଗୁଡ଼ିକୁ ସିଧାସଳଖ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଫଳରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ସ୍ୱୀକୃତି ହାତେଇଥିବା ବିଇଡି କଲେଜଗୁଡ଼ିକର ମାନ୍ୟତା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି।


**AFFIDAVIT**

I, NAZULNA KHAN, aged about 59 years, W/o-MUJAHID KHAN, Res-KAZI BAZAR, PO-BUXIBAZAR, PS-LALBAG, Dist.-CUTTACK, PIN-753001, Odisha, declared by this Affidavit No.843/2026 Dated.16.07.2026, That now onwards I shall Be Known as NAZULNA ANSARI That for all future Purposes

**AFFIDAVIT**

I SHAIKH MOHAMMAD, S/O CHANDU , RESIDENT AT- PIR BAZAR, PO-BHANAPUR, PS- SADAR, CUTTACK - 753011, ODISHA DECLARE BY THIS AFFIDAVIT NO-11546, DT - 21.07.2026. THAT NOW ON WARDS I SHALL BE KNOWN AS SK MOHAMMAD FOR ALL FEATURES PURPOSES.

**AFFIDAVIT**

I SHAIKH ASSAN ALI, S/O SK MOHAMMAD, RESIDENT AT- PIR BAZAR, PO-BHANAPUR, PS- SADAR, CUTTACK - 753011, ODISHA DECLARE BY THIS AFFIDAVIT NO-11547, DT - 21.07.2026. THAT NOW ON WARDS I SHALL BE KNOWN AS SK ASSAN ALI FOR ALL FEATURES PURPOSES.

**AFFIDAVIT**

I, PRAPHULLA SUTAR, aged about 59 years, S/o- NADAR SUTAR resident of JHIMANI KOTHI, JAGATSINGHAPUR, 754141, Odisha, declared by this Affidavit No.852/2026 Dated. 22.07.2026 that now onwards I shall Be Known as **PRAFULLA SUTAR** for all future Purposes .

**AFFIDAVIT**

By virtue of an affidavit sworn before The Executie Magistrate, Bargarh, vide affidavit no. 381 dated 21.07.2026 I, Pintu Bhue, S/o- Mani Bhue, At/Po.-Tumgaon, Ps./Dist.- Bargarh, Odisha, PIN- 768029 declare that, I have changed my son's name from **Prem Bhue** to **Divyansh Bhue**, S/o- Pintu Bhue (father) and Sita Bhue (mother). Hence he shall be known as **Divyansh Bhue** for all purposes.

**AFFIDAVIT**

By virtue of an affidavit no10041,swarn before the Executive Magistrate Jajpur on dtd 14/07/2026. I Manoj Kumar Das, aged-43yrs, S/o- Kartika Das, permanent resident of At-Amrutia, P.o-Barundai, P.s-Panikoili, Dist-Jajpur-755025, declared that I have changed my minor daughter's name from DIBYASHREE DAS to DIBYA DARSHANI DAS. Henceforth she shall be known as **DIBYA DARSHANI DAS** for all future purposes

**Sd/-Manoj kumar das**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 22.07.2026. I, **Madhabi Podh** (applicant name), W/o Biren Podh, permanent & current resident of AT: Ghantabahali, PO: Malisira, PS: Titilagarh, Dist: Balangir, State: Odisha, PIN: 767037 declare that I have changed my minor son's name from **Drupa Podh** (old name) to **Durbas Podh** (new name). Henceforth, he shall be known as **Durbas Podh** (new name) for all future purposes.

**Madhabi Podh**

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated-20/07/2026 I, Ramesh Soren, permanent resident, of At-Khalapal Po- Khalapal, Ps-Ghasipura, Dist- Kendujhar, State- Odisha, Pin- 758025, Currently residing At- Khalapal, Po- Khalapal, Ps- Ghasipura, Dist- Kendujhar, State- Odisha, Pin- 758025, declare that I have changed my name from **Amarjyoti Soren** to **Ramesh Soren** Henceforth, I shall be known as **RAMESH SOREN** for all purposes.

**RAMESH SOREN**

**AFFIDAVIT**

By virtue of an affidavit sworn before The Executive Magistrate Bhubaneswar dated 18.07.2026. I, **Prasanta Kumar Lenka,** resident of Plot No- 1215/1503, Khandagiri Bari, Khandagiri, Bhubaneswar, Dist: Khurda, Odisha, PIN: 751030 declare that I have changed my name from **Prasanta Lenka** to **Prasanta Kumar Lenka**. Henceforth, I shall be known as **Prasanta Kumar Lenka** for all purposes.

**Prasanta Kumar Lenka**

**AFFIDAVIT**

**I Sanju Devi**, aged about 52years, resident of village- Bhainchua, Po-Bhainchua, PS-Balianta-752 100, Dist.-Khorda, Odisha declare by this Affidavit dated 17.07.2026 that the names Manju Kumari, Manju Devi and Sanju Devi are one and the same person. **Sanju Devi** shall be used for all present and future legal and official purposes.



**OFFICE OF THE MUNICIPAL COUNCIL, MALKANGIRI**

Odisha, Pin-764045 Ph: 06861-230244
e-Mail: eomalkangiri@gmail.com

**ନିବେଦନ**

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧ ॥ ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ ( ଓଦା ଓ ଶୁଖିଲା ) ସଂଗୃହିତ କରି ରଖିବେ ଏବଂ ତତ ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।

୦୨ ॥ ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।

୦୩ ॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :-ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।

୦୪ ॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License ) ପୌର ପରିଷଦ ମାଲକାନଗିରିଙ୍କ ଠାରୁ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।

୦୫ ॥ ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।

୦୬ ॥ ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୁରେଇ ରୁହନ୍ତୁ।

୦୭ ॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

**କାର୍ଯ୍ୟ ନିର୍ବାହୀ ଅଧିକାରୀ**
**ପୌର ପରିଷଦ, ମାଲକାନଗିରି**



WORKS DEPARTMENT 34001/519/2627

**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

E-Mail Id – eepwdrkl@gmail.com
Government of Orissa "e" Procurement Notice
Bid Identification No.: 11 / 2026-27
Dated: 21.07.2026

1. Number of works: **02 (Two) number of Work**
2. Estimated cost: **Rs. 2.68 Lakhs to 4.66 Lakhs**
3. Period of completion: **1 (One) calendar month**
4. Date & Time of availability of bid document in the portal: **Dt. 24.07.2026 at 11.00 A.M.**
5. Last date/Time for receipt of bids in the portal: **Dt. 01.08.2026 up to 05.00 P.M.**
6. Date of opening of Bid: **Dt. 03.08.2026 at 11.00 A.M.**
7. Name and Address of the Officer Inviting Bid: **Superintending Engineer, (R & B) Division, Rourkela, UditNagar.**

Further details can be seen from the e-procurement portal: http://tendersorissa.gov.in

**Superintending Engineer**
**Rourkela (R&B) Division**

OIPR-34001/34068/1/26-27/0006



**OFFICE OF THE PANCHAYAT SAMITI, GHATGAON**

At/Po/Via-Ghatagaon, Dist-Keonjhar, Pin-758027 (ODISHA)
**E-Mail:** ghatgaonblock@gmail.com
**BID ID NO.-TCN No.-01-Ghatgaon/2026-27**

19001/161/2627

**TENDER CALL NOTICE**

The Block Development Officer, Ghatgaon, Keonjhar on behalf of Governor of Odisha invites online percentage rate bid through e-procurement from the **"C & D", "B" class contractors with CDMS Registration** for the projects as detailed in the Annexure-I to this Bid Notice. The eligible criteria and the details of the tender documents can be downloaded from the website **www.tendersodisha.gov.in** and viewed only from the website **www.kendujhar.nic.in**. Interested bidders fulfilling the eligibility criteria may submit their proposals through website **www.tendersodisha.gov.in**. The bid documents will be available in the above website from **10.00 hours of 26.07.2026 to 17.30 hours of 05.08.2026**. The bidders should submit their proposals complete in all respect through Online before **17.30 hours of 05.08.2026**. The tender will be opened on **06.08.2026 at 11.00 AM** in the **Conference Hall of Office of the Ghatgaon Block**. The undersigned reserves the right to reject the bidder(s) if any document(s) found incorrect/false at any stage of bidding.

**Sd/- Block Development Officer**
**Ghatgaon**

OIPR-19001/19026/1/26-27/0001



**OFFICE OF THE PANCHAYAT SAMITI, PATNA**

**No.: 2811 / Date: 18-07-2026**

**NOTICE INVITING TENDER** 19001/162/2627

It is hereby notified for the information of the general public that the Bhimkund Development Committee has decided to lease out the management and operation of the Watch Tower (View Point), Vehicle Parking Stand, Public Toilet and Picnic Platforms (Pindis) constructed at Bhimkund for a period of three (03) years, from 14.08.2026 to 13.08.2029, through an open tender process under the following terms and conditions.

The Watch Tower, Picnic Platforms, Public Toilet and Vehicle Parking Stand shall be auctioned as a single package. The minimum reserve/upset price for the tender has been fixed at Rs.30,00,000/- (Rupees Thirty Lakh only) for 3 years.

The bid document containing the detail information, terms and conditions, etc can be downloaded from website http://kendujhar.odisha.gov.in.

Modifications/corrigendum, if any, detected/ felt necessary at a later stage will be duly published and notified in the website http://kendujhar.odisha.gov.in. Hence the bidders are advised to check the website to track any modifications/ corrigendum etc. or to know the details of any information, deemed proper, in this regard.

Interested persons may submit their applications in the prescribed format in a sealed envelope by dropping it in the Tender Drop Box kept at the Office of the Block Development Officer, Patna/or sent through Registered Post/Speed Post from 20.07.2026 to 04.08.2026 up to 5.00 PM.

The tender applications will be opened on 06.08.2026 at 11.00 AM in the Conference Hall of the Patna Block Office in the presence of the Applicants/Bidders. The bidder quoting the highest valid bid shall be declared the successful bidder and awarded the contract, subject to the following terms and conditions.

| Schedule of Tender dates | Date & time |
|---|---|
| • Publication Tender Notice | 20.07.2026, 10 am |
| • Last date of Submission of Bid paper | 04.08.2026, 05 pm |
| • Opening of Bid paper | 06.08.2026, 11 am |
| • Declaration of successful bidder | 06.08.2026, 01 pm |

OIPR-19001/19047/1/26-27/0001 Sd./- Block Development Officer, Patna

ସକାଳ
THE SAKALA





## ଲଗାଣ ବର୍ଷାରେ ସମରଧରା ବ୍ରିଜ୍ ଉପରେ ପାଣି

# ଧୋଇଗଲା ଅସ୍ଥାୟୀ ପୋଲ

**ଅମ୍ବାଭୋନା, ୨୨।୭ (ସମିସ)**

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ବାରପାହାଡ଼ ଜଙ୍ଗଲ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ସମରଧରା ନାଳାରେ ବଢ଼ି ପାଣି ଆସିଛି। ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଯାତାୟାତ ପାଇଁ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇଥିବା ପୋଲ ସମ୍ପୂର୍ଣ୍ଣ ଧୋଇ ଯାଇଛି। ଉଭୟ ପାର୍ଶ୍ୱର ରାସ୍ତା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଜୁଲାଇ ୭ ତାରିଖରେ ଏହି ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା। ମାତ୍ର ଲଗାଣ ବର୍ଷାରେ ସୃଷ୍ଟି ହୋଇଥିବା ପ୍ରଖର ସ୍ରୋତ ଏହାକୁ ସମ୍ପୂର୍ଣ୍ଣ ଧୋଇ ନେଇଛି। ଏହାଫଳରେ ଡୁଙ୍ଗୁରି, ବୁଙ୍ଗାପାଲି, ଉତ୍ତମ, ଖୋଲା, ଲଖନପୁର ଓ କର୍ଲା ପଞ୍ଚାୟତର ୨୦ ହଜାରରୁ ଅଧିକ ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଆଜି ସକାଳୁ ସମସ୍ତ ପ୍ରକାର ଯାନବାହନ ଚଳାଚଳ ବନ୍ଦ ରହିଥିବାରୁ ଲୋକମାନେ ବାଞ୍ଜିପାଲି-ଅମ୍ବାଭୋନା ରାସ୍ତା ଦେଇ ବହୁ ଦୂର ବୁଲି ଯାତାୟାତ କରିବାକୁ ବାଧ ହେଉଛନ୍ତି। ଏହି ପରିସ୍ଥିତିରେ ଆମ୍ବୁଲାନ୍ସ ସେବା, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ସରକାରୀ

### ୨୦ ହଜାରରୁ ଅଧିକ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ

କର୍ମଚାରୀ ଓ ସାଧାରଣ ଜନତା ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବ୍ରିଜ୍ ନିର୍ମାଣ କାମ ଠିକାଦାରଙ୍କ ମନ୍ଥର ଓ ମନମୁଖୀ କାର୍ଯ୍ୟଶୈଳୀ ଯୋଗୁଁ ବିଳମ୍ବିତ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ମାତୃନିଳୟରେ ପ୍ରବେଶ ଉତ୍ସବ




**ଅତାବିରା, ୨୨।୭(ସମିସ):** କାଠଡେରାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଚଳିତ ବର୍ଷ ନୂତନ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫୁଲଚନ୍ଦନ ଦେଇ ଛାତ୍ରଛାତ୍ରୀ, ଅଭିଭାବକଙ୍କୁ ସ୍ୱାଗତ କରିବା ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଭୀଷ୍ମଦେବ ରଣାଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷୟତ୍ରୀ ସୁକନ୍ୟା କୁମ୍ଭାରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ପଧାନ ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷ ଭୀଷ୍ମଦେବ ରଣା ପ୍ରବେଶ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରଗଡ଼ ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନର ଜିଲ୍ଲା ସଂଗଠକ ଦେବରାଜ ବେହେରା ଓ ରମେଶ ଚନ୍ଦ୍ର ସାହୁ 'ଶିଶୁ ଶିକ୍ଷା ବନାମ ଶିକ୍ଷା ବ୍ୟବସ୍ଥା' ବିଷୟରେ ଆଲୋଚନା କରିଥିଲେ। ଏହି ପ୍ରବେଶ ଉତ୍ସବରେ ୫୬ ଜଣ ଅଭିଭାବକ ଅଭିଭାବିକା ଅଂଶଗ୍ରହଣ କରିଥିଲେ। ଶିକ୍ଷାକେନ୍ଦ୍ରର ସମ୍ପାଦକ ଚାପଧାରୀ ସିଂଙ୍କ ସମେତ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷକ ଅପାଭାଇ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷା ରୀନା ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ପାଣି ପଞ୍ଚାୟତ ସଭାପତିଙ୍କ ପରଲୋକ

**ପଦ୍ମପୁର, ୨୨।୭(ସମିସ):** ଲଙ୍କେଶ୍ୱରୀ ପାଣି ପଞ୍ଚାୟତ ଚାରପାଲିର ସଭାପତି ଅନିଲ କାନୁନଗୋ (୫୨)ଙ୍କ



ଅକାଳ ବିୟୋଗ ଘଟିଛି। ସେ କିଛି ଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ପଦ୍ମପୁର ଓ ଚାରପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଶ୍ମଶାନଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତୁରା ସ୍ୱରୂପ ସୁମନ ମୁଖାଗ୍ନି ଦେଇଥିଲେ।

## ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଯୁବକ ଗିରଫ

**ଝାରବନ୍ଧ, ୨୨। ୭(ସମିସ):** ଝାରବନ୍ଧ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛି କୁରଲୁପାଲି ଗ୍ରାମର ସୋନୁ ଓରଫ ପ୍ରୀତିଶ ମହାନନ୍ଦ। ନାବାଳିକାଙ୍କ ପରିବାରର ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି।

## ସୁପ୍ରିୟା ମାର୍ଗରେ ରୌପ୍ୟ ଜୟନ୍ତୀ

**ବରଗଡ଼, ୨୨। ୭(ସମିସ):** ବରଗଡ଼ ୧ ନମ୍ବର ୱାର୍ଡ ଦିନବନ୍ଧୁ ନଗରସ୍ଥିତ ସୁପ୍ରିୟା ମାର୍ଗ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ଭଟଲି ଛକ ରଥଯାତ୍ରା କମିଟି ପକ୍ଷରୁ ଦାଶ ଜଗନ୍ନାଥଙ୍କ ଉପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କଳ୍ପନା ଷଡ଼ଙ୍ଗୀ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ମାନିତ କରିଥିଲେ। ଭାରତୀ ନଗର ସାନୁ ଆଚାର୍ଯ୍ୟ, ପଣ୍ଡିତ ବିଘ୍ନ ରାଜ ଦାଶ, ସଭାପତି ନିରଞ୍ଜନ ମହାକୁରଙ୍କୁ ଯଥାକ୍ରମେ ରଥଯାତ୍ରା କମିଟିର ବିକାଶ ପାଣିଗ୍ରାହୀ, ସମାଜସେବୀ ସଂଘମିତ୍ରା



ପଟେଲ, ମୋହନ ଅଗ୍ରୱାଲ, ଅତୁଲ ଅଗ୍ରୱାଲ, ସୁମିତ ଦାଶ, ଚିତ୍ତରଞ୍ଜନ ମିଶ୍ର, ଅଶୋକ ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱଜିତ ମିଶ୍ର, ପ୍ରଦୀପ ସାହୁ, କେଦାର ଚରଣ ଦାଶ, ଦେବୀ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଲଳିତ ସାହୁ, ନିର୍ମଳା ପଟ୍ଟନାୟକ, ବାସୁ ପ୍ରଧାନ, ନିମାଇଁ ରଥ, ପଦ୍ମଜା ଗୁରୁ, ପ୍ରସନ୍ନ ପ୍ରଧାନ, ସନ୍ତୋଷ ଦେବତା, ପ୍ରତାପ ପ୍ରଧାନ, କାହ୍ନୁ ପୃଷ୍ଟି, ଦିବ୍ୟ ମିଶ୍ର, ପିକଲୁ

ଅଞ୍ଜଳି ସିଂ ଓ ଗ୍ରୁପ ପକ୍ଷରୁ ଜଗନ୍ନାଥଙ୍କ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରା କମିଟି ସମ୍ପାଦକ କେଦାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଭଜନ କାର୍ଯ୍ୟକ୍ରମରେ କୁନି ନୃତ୍ୟଶିଳ୍ପୀ ସୋନିକା ସଭାପତି ପଣ୍ଡିତ କୁଳମଣି ମହାପାତ୍ର ଓ ସମ୍ପାଦକ ଅଶ୍ୱିନୀ ମିଶ୍ର, ମାତୃବିହାର କମିଟି ଉପ ସଭାପତି ଦେବାଶିଷ କର, ସମ୍ପାଦକ ମନୋଜ ସେଠ, ଜିରାନଦୀ ବିହାର କମିଟିର ସମ୍ପାଦକ ପ୍ରଧାନ, ମାଧବୀ ମିଶ୍ର, କାଞ୍ଚନ ପାଣିଗ୍ରାହୀ, ବବିତା ପଧାନ, ପଦ୍ମିନୀ ବେହେରା, ରୋଜାଲିନ ଭୂୟାଁ, ଚିନ୍ମୟ ମିଶ୍ରଙ୍କ ସମେତ ୧୨ଟି ପଡ଼ାର ଶହ ଶହ ଭକ୍ତ ଯୋଗ ଦେଇଥିଲେ।

## ଅଙ୍ଗନଦୀରେ ଭାସିଗଲେ ଗୋପାଳକ

**ପଦ୍ମପୁର, ୨୨।୭(ସମିସ):** ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଧୀନ ସମ୍ବଲପୁରୀ ଗ୍ରାମ ନିକଟରେ ଥିବା ଅଙ୍ଗନଦୀରେ ଭାସିଯାଇ ଜଣେ ଗୋପାଳକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ବ୍ୟକ୍ତି ଜଣକ ହେଲେ ସମ୍ବଲପୁରୀ ଗ୍ରାମର ହଳଧର ପଟେଲ। ପ୍ରତିଦିନ ଭଳି ସେ ଗାଈ ଓ ମଇଁଷି ଚରାଇବା ପାଇଁ ଅଙ୍ଗନଦୀ କୂଳକୁ ଯାଇଥିଲେ। ସେହି ସମୟରେ ନଦୀ ତଟରେ ତାଙ୍କର ଗୋଡ଼ ଖସିଯିବାରୁ ସେ ପଡ଼ିଯାଇଥିଲେ। ପ୍ରବଳ ସ୍ରୋତରେ ସେ ଭାସିଯାଇଥିବା ବେଳେ ସାଙ୍ଗରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ। ଘଟଣା ସମ୍ପର୍କରେ ସଙ୍ଗେସଙ୍ଗେ ଜଗଦଲପୁର ପୁଲିସ ଏବଂ ପଦ୍ମପୁର ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଖବର ପାଇବା ପରେ ଜଗଦଲପୁର ଥାନା ଅଧିକାରୀ ଓ ପଦ୍ମପୁର ଅଗ୍ନିଶମ ବାହିନୀର ଏକ ସ୍ୱତନ୍ତ୍ର ଟିମ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ହଳଧର ପଟେଲଙ୍କୁ ଖୋଜିବା ପାଇଁ ବ୍ୟାପକ ତଲାସି ଅଭିଯାନ ଚଳାଇଥିଲେ ମଧ୍ୟ ହଳଧରଙ୍କ ପତ୍ତା ମିଳିନାହିଁ।

## ଅଞ୍ଚଳ ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ପଦ୍ମପୁର, ୨୨।୭(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ନବନିଯୁକ୍ତ ଅଧ୍ୟକ୍ଷ ଡ. ଦିଗାମ୍ବର ଚାନ୍ଦଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଯୁକ୍ତ ଦୁଇ ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ପ୍ରଭାତ ମହାପାତ୍ର ସଭାପତିତ୍ୱ କରିଥିଲେ। ତୁଷାରକାନ୍ତ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଶାସନିକ ମୁଖ୍ୟ ପ୍ରମୋଦ ତ୍ରିପାଠୀ, ଶୈକ୍ଷିକ ମୁଖ୍ୟ ଡ. ସରୋଜ ନାଏକ, ଶିକ୍ଷକ କର୍ମଚାରୀ ପରିଷଦର ସମ୍ପାଦକ ସନ୍ତୋଷ ମିଶ୍ର, ଧ୍ରୁବେଇ ରଣା ପ୍ରମୁଖ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଶାନ୍ତ ସିଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ଦଧିବାମନ ମହାବିଦ୍ୟାଳୟରେ ଶକ୍ତି ଶ୍ରୀ କାର୍ଯ୍ୟକ୍ରମ

**ଭଟଲି, ୨୨।୭(ସମିସ):** ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ ପରିସରରେ ଶକ୍ତି ଶ୍ରୀ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ହିଁ ସମ୍ପଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଡା. ନରସିଂହ ପତି ଯୋଗ ଦେଇ ଛାତ୍ରୀମାନଙ୍କୁ ପୋଷଣ, ସୁଷମ ଖାଦ୍ୟ ଓ ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଗଭୀର ଆଲୋକପାତ କରିଥିଲେ। ପ୍ରତିମା ପଣ୍ଡା ସଭା ପରିଚାଳନା ସହ ଅତିଥି ପରିଚୟ ଦେଇଥିଲେ। ଛାତ୍ରୀ ନିକିତା ପ୍ରଧାନ ନିଜର ମତାମତ ଦେଇଥିଲେ। ଅଧ୍ୟାପକ ରବିନାରାୟଣ ପଣ୍ଡା, ଆଶିଷ ମହାନ୍ତି, ବିରାଟ ପ୍ରଧାନ ମଞ୍ଚାସୀନ ଥିଲେ। ଅଧ୍ୟାପକ ସୁଜିତ୍ ପୁରୋହିତ, ଆଦିତ୍ୟ ସିଂହ, ଦୀପକ ପତି, ଦୁର୍ଗାଶିଷ ପଟ୍ଟନାୟକ, ଅଜିତ ବାରିକ, ସୁବ୍ରତ ଷଡଙ୍ଗୀ, ଶମ୍ଭୁନାଥ ଠାକୁର, ସଂଗ୍ରାମ ସାହୁ, ସୌରିନାରାୟଣ




ସାହୁ, ଅଧ୍ୟାପିକା ଦୀପ୍ତିବାଳା ପ୍ରଧାନ, ସୀମା ବରିହା, ପ୍ରତିଶ୍ରୁତି ଖେତି, ଜ୍ୟୋତି ତ୍ରିପାଠୀ, ମୁନି ସାହୁ, ନମିତା ଭୋଇଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିଶେଷରେ ଅଧ୍ୟାପିକା ଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟୁକୁର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂତନ ପରିଚାଳନା କମିଟି ଗଠିତ

**ବରଗଡ଼, ୨୨।୭(ସମିସ):** ଟୁକୁର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ମନୋନୀତ



ହୋଇଥିବା ସଭ୍ୟସଭ୍ୟାଙ୍କୁ ନେଇ ଏକ ବୈଠକର ଆୟୋଜନ କରାଯାଇଥିଲା। ଝସକେତନ ଭୋଇ ସଭାପତି, ପୂର୍ଣ୍ଣିମା ମିଶ୍ର ଉପସଭାନେତ୍ରୀ ଭାବେ ମନୋନୀତ ହୋଇଛନ୍ତି। ଲକ୍ଷ୍ମଣ ଭୁଏ, ମହେନ୍ଦ୍ର କଲେତ, ବୁଦ୍ଧଦେବ ସାହୁ, ଆନନ୍ଦି ପ୍ରଧାନ, ପଦ୍ମିନୀ ଭୋସାଗର, ଝରଣା ପ୍ରଧାନ, କିଶୋର ସାହୁ, ଅନୀତା ସେଠ, ଅଜିତ ତାଣ୍ଡି, ଡାକ୍ତର ବନଛୋର, ସସ୍ମିତା ବେହେରା, ଅନୁସୂୟା ଷଣ୍ଢ, ଅଞ୍ଜଳି ଭୋଇ, ଅଙ୍କିତା ପଟେଲ, ମୀନା ସାହୁ, ସୁରେଶ ଭଏନା, ସୁଶାନ୍ତ ଦାଶ ସଭ୍ୟସଭ୍ୟା ରହିଛନ୍ତି।

## ଦେବାହାଲରେ ଚାରାରୋପଣ କାର୍ଯ୍ୟକ୍ରମ

**ବରଗଡ଼, ୨୨।୭(ସମିସ):** ଅତାବିରା ବ୍ଲକ ଦେବାହାଲ ଗ୍ରାମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସଭାପତି କାଶୀଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଥର ଦେବାହାଲ ରେଳ ଷ୍ଟେସନ ସଂଲଗ୍ନ ରେଳଲାଇନ



କଡରେ ବିଭିନ୍ନ ପ୍ରଜାତିର ଗଛ ଲଗାଯାଇଥିଲା। ବିନୟ ସାହୁ ଉପସ୍ଥିତ ଜନସାଧାରଣ ଓ ଗ୍ରାମର ଛାତ୍ରମାନଙ୍କ ସହ ଜଙ୍ଗଲ ନଷ୍ଟ ଦ୍ୱାରା କିପରି ଜଳବାୟୁ ପରିବର୍ତ୍ତନ ହେଉଛି ଏବଂ ପରିବେଶ ଅସନ୍ତୁଳିତ ହେଉଛି ସେ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଠାଗାରର ସଦସ୍ୟ ନିତିନ ଭୁଏ, ଅରୁଣ ପ୍ରଧାମ, ଲୋକନାଥ ବେହେରା ଏବଂ ଦେବାହାଲ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ଯତୀନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ପାଇକମାଲ, ୨୨।୭(ସମିସ):** ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ପ୍ରାଧ୍ୟାପିକା ମୀନା କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଲୋହିତ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ନାରୀ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାରକୁ ରୋକିବା ପାଇଁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ସେ କହିଥିଲେ। ନାରୀ ଅବଳା କି ଦୁର୍ବଳା ନୁହେଁ। ପ୍ରତିଟି ପରିସ୍ଥିତି ସହ ମୁକାବିଲା କରିବାର ଶକ୍ତି ତା ଭିତରେ ଅଛି ବୋଲି ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ନନ୍ଦିନୀ ରାଉତ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ଶିକ୍ଷା ଦେଇଥିଲେ। ଅଧ୍ୟାପିକା ଝରଣା ପ୍ରଧାନ, ଅଞ୍ଜଳି ବାଗ, ମୀନତିପ୍ରଭା ସ୍ୱାଇଁ ସହଯୋଗ କରିଥିଲେ। ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଲାୟନ୍ସ କ୍ଲବ୍ ପକ୍ଷରୁ ଚାରା ବିତରଣ

**ପାଇକମାଲ, ୨୨।୭(ସମିସ):** ଲାୟନ୍ସ କ୍ଲବ ପକ୍ଷରୁ ସଭାପତି ଆନନ୍ଦ ଅଗ୍ରୱାଲଙ୍କ ଜନ୍ମବାର୍ଷିକୀ ଅବସରରେ ପାଇକମାଲ ଛକଠାରେ ଏକ ଚାରା ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିବେଶ ସୁରକ୍ଷା ଏବଂ ସବୁଜିମା ବୃଦ୍ଧିର ବାର୍ତ୍ତାକୁ ଆଗକୁ ନେବା ଉଦ୍ଦେଶ୍ୟରେ କ୍ଲବ ପକ୍ଷରୁ ପ୍ରାୟ ୪୦୦ଟି ବିଭିନ୍ନ ପ୍ରକାରର ଫଳ ଓ ଔଷଧୀୟ ଚାରା ସାଧାରଣ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଲାୟନ୍ସ କ୍ଲବର ସଭାପତି ଡା. ଲମ୍ବୋଦର ପଣ୍ଡା, ଗୋବର୍ଦ୍ଧନ ଅଗ୍ରୱାଲ, ନନ୍ଦଲାଲ ନାୟକ, ମୀନ କେତନ ବେହେରା, ଶ୍ରୀକାନ୍ତ ସାହୁ, କିଶୋର ଟାୟାଲ ଲାୟନ୍ସ କ୍ଲବର ସଦସ୍ୟମାନେ ଗଛ ଲଗାଇବାର ଉପକାରିତା ଓ ପରିବେଶ ସନ୍ତୁଳନ ରକ୍ଷାରେ ବୃକ୍ଷର ଭୂମିକା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ




ସଚେତନ କରିଥିଲେ। ବଣ୍ଟନ କରାଯାଇଥିବା ଚାରା ମଧ୍ୟରେ ବିଭିନ୍ନ ଫଳଜ ଓ ଔଷଧୀୟ ପ୍ରଜାତିର ଗଛ ରହିଥିଲା। ଚାରା ପାଇଥିବା ଲୋକମାନେ ଏହାକୁ ଯତ୍ନର ସହ ରୋପଣ ଓ ସୁରକ୍ଷା କରିବା ପାଇଁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ପରିବେଶ ପ୍ରେମୀ ବିଭୂତି ଭୂଷଣ ମୁଣ୍ଡଙ୍କ ବିଶେଷ ସହଯୋଗ ରହିଥିଲା। ସେ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ଷଷ୍ଠ ଜିଲ୍ଲା ପରିଷଦର ନବମ ବୈଠକ

**ବରଗଡ଼, ୨୨। ୭(ସମିସ):** ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଷଷ୍ଠ ଜିଲ୍ଲା ପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ବର୍ଷା ସିଂ ବରିହା, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ବରଗଡ଼ ବିଧାୟକ ପ୍ରତିନିଧି ଅବନୀକାନ୍ତ ପଣ୍ଡା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ



ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା ଏବଂ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳ ଚେୟାରମ୍ୟାନଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ଲୋକ ପ୍ରତିନିଧି ଏବଂ ଅଧିକାରୀ ମିଳିତ ଭାବେ କାର୍ଯ୍ୟ କଲେ ବରଗଡ଼ ଜିଲ୍ଲାର ଉନ୍ନତି ହୋଇପାରିବ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରକାଶ କରିଥିଲେ।

## ମାତୃପୁରୀରେ ବିଜ୍ଞାନ ପ୍ରଦର୍ଶନୀ; ୩୭୨ ପ୍ରକଳ୍ପ ପ୍ରଦର୍ଶିତ

**ଅତାବିରା, ୨୨।୭(ସମିସ)**

ଲାଦରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୁରୀଠାରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତାବିରା ସବ୍ ରେଜିଷ୍ଟ୍ରାର ତଥା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ବିଭାଗୀୟ ମୁଖ୍ୟ ରତନ୍ ଦୀପ ଓ ସୁଦୀପ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସଭାପତି ଶେଷଦେବ ନାଏକ, ଅଧ୍ୟକ୍ଷ ବବ୍ରୁବାହାନ ମିଶ୍ର, ସହ ସମ୍ପାଦକ ଶରତ ପ୍ରଧାନ, କୋଷାଧ୍ୟକ୍ଷ ଜୟ ପ୍ରକାଶ ଅଗ୍ରୱାଲ, ଅମିତ୍ ମିଶ୍ର, ଭରତ ଚୌହାନ, ସୁଶ୍ରୀ ପ୍ରଧାନ, ସୁସ୍ମିତା, ମିଶ୍ର, ଯତୀନ୍ଦ୍ର ପ୍ରଧାନ, ସରୋଜ ରଥ, ସୁନୀଲ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସବ ଜୁନିଅର ବିଭାଗରେ ୮୩, ଜୁନିଅର ବିଭାଗରେ ୧୩୯, ସିନିୟର ବିଭାଗରେ ୧୫୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ବରଗଡ଼ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଉମାକାନ୍ତ ଦାଶ, ସୋହେଲା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ କ୍ଷୀରୋଦ୍ର ଭୋଇ, ଲୁହୁରାଚଟି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଶରତ ବିଶ୍ୱାଳ, ସହରାଟିକ୍ରା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଶୁଭେନ୍ଦୁ ଗଡ଼ତିଆ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅତାବିରାର କୁଞ୍ଜବିହାରୀ ଡ଼ନସେନା,



ଜୁବୁଲି ବାଳିକା ଉଚ୍ଚ ବିଦ୍ୟାଳୟରୁ ଅଜିତ୍ ଦାଶ, ବଡେମୁରା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ସୁଶ୍ରୀ ସୁଧାମୟୀ ପାଣିଗ୍ରାହୀ, ପୂର୍ବତନ ଶିକ୍ଷକ ଝସକେତନ ସାହୁ, ଅମଲିପାଲି ଉଚ୍ଚ ବିଦ୍ୟାଳୟରୁ ଜିତୁ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମାନସ ଦାନୀ, ମାନସ ଭୋଇ, ଯୁଗଳ କିଶୋର ସାହୁ, ଆଦିତ୍ୟ ମିଶ୍ର, ମୋନାଲିସା ବିଶ୍ୱାଳ, ରୁକ୍ମିଣୀ ମେହେର, ସୁମିତାରାନୀ ବେହେରା, ପୂଜା ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପାହାଡଶ୍ରୀଗିଡା, ତାଳଶ୍ରୀଗିଡା, ସିଲଟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସତ୍ୟବାନ ପ୍ରଧାନ, ଗୋପାଳ ଭୋଇ, ଶିବଶଙ୍କର ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଦମନଲୀଳାକୁ ନିନ୍ଦା




ବଲାଙ୍ଗିର,୨୨।୭(ସମିସ): ଦିଲ୍ଲୀର ଯନ୍ତର ମନ୍ତରଠାରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବର ଲାଠି ଚାର୍ଜ ଓ ଲୁହ ବୁହା ଗ୍ୟାସ୍ ପ୍ରୟୋଗ ବିରୋଧରେ ଦେଶବ୍ୟାପି ପ୍ରଚାର ଅଭିଯାନ ଓ ପ୍ରତିବାଦ ଉପଲକ୍ଷେ ଆଜି ବଲାଙ୍ଗିର ଭାଗୀରଥି ଛକଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏକ ଗଣତାନ୍ତ୍ରିକ ଦେଶରେ ଅମାନବିକ ଦମନ ଲୀଳା ସରକାରଙ୍କ ଏକଛତ୍ରବାଦୀ ମନୋଭାବ ଓ ଅହଂକାରକୁ ସଂଗଠନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ପ୍ରତିବାଦ ସଭାରେ ଏଆଇଡିଏସଓ ର ରାଜ୍ୟ ଉପସଭାପତି ସୁନିଲ ଭୋଇ, ଜିଲ୍ଲା ସଭାପତି ମଧୁସୂଦନ ବାଗ, ପ୍ରଭାସିନୀ ଭୋଇଙ୍କ ସହ ବହୁ ଛାତ୍ର, ଯୁବକ ସାମିଲ ଥିଲେ।

## ପରିବା ଦର ଆକାଶଛୁଆଁ

# ୫ ଶହ ଟଙ୍କାରେ ମଧ ବ୍ୟାଗ୍ ପୂରୁନି

ଶଗଡା,୨୨।୭(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ବଜାରରେ ଏବେ ପନିପରିବା ଦରରେ ନିଆଁ ଲାଗିଛି। ହୁ ହୁ ହୋଇ ବଢିଚାଲିଛି ନିତିଦିନିଆ ପରିବା ଦର। ପନିପରିବା ଦର ଏବେ ଆକାଶ ଛୁଆଁ ହୋଇଥିବା ବେଳେ ସାଧାରଣ ଖାଉଟି ଓ ମଧ୍ୟବିତ୍ତ ପରିବାର ଚିନ୍ତାରେ ପଡ଼ିଯାଇଛନ୍ତି। ବଜାରକୁ ୫୦୦ ଟଙ୍କା ନେଇ ଗଲେ ବି ବ୍ୟାଗ ପୂରୁ ନାହିଁ। ଏହା ଫଳରେ ରୋଷେଇ ଘରର ବଜେଟ୍ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ବର୍ତ୍ତମାନ ବଜାରରେ ପରିବା ଦର ଶୁଣିଲେ ଲୋକଙ୍କ ହୋସ୍ ଉଡିଯାଉଛି। ତାଲିକାରେ ସବୁଠାରୁ ଉପରେ ରହିଛି କାଙ୍କଡ଼ (କଣ୍ଟି)। ଏହା କିଲୋ ପ୍ରତି ୩୫୦ରୁ ୪୦୦ ଟଙ୍କା ଛୁଇଁଛି। ବିନ୍ସ, ରସୁଣ ଏବଂ ଲଙ୍କା କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ରୋଷେଇ ପାଇଁ ଅତ୍ୟାବଶ୍ୟକ ଅଦା ଦର ୧୬୦ ଟଙ୍କାରେ ପହଞ୍ଚିଛି। ଫୁଲକୋବି, ଗାଜର ଏବଂ ସିମିଳା ଲଙ୍କା କିଲୋ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି। ଦୈନନ୍ଦିନ ଖାଦ୍ୟରେ ବ୍ୟବହୃତ ଅନ୍ୟାନ୍ୟ ପରିବା ମଧ ସାଧାରଣ ଲୋକଙ୍କ ପକେଟ୍ ଉପରେ ଭାରି ପଡୁଛି। ବଜାରରେ ଶାଗ, ଭେଣ୍ଡି ଓ

**● ଆମଦାନୀ କମିବା, ପରିବହନ ଖର୍ଚ୍ଚ ବୃଦ୍ଧି ଆଳ**
**● ବଜାର ଦର ଉପରେ ପ୍ରଶାସନର କୌଣସି ଅଙ୍କୁଶ ନାହିଁ**

କଲରା କିଲୋ ପ୍ରତି ୮୦ ଟଙ୍କା ରହିଛି। ଅନ୍ୟପଟେ ପୋଟଳ ୬୦, କୁନ୍ଦୁରୁ ୬୦, ଝୁଡ଼ଙ୍ଗ ୬୦ ଏବଂ ଲାଉ (ଲକି) ଦର ୬୦ ଟଙ୍କାରେ ପହଞ୍ଚିଛି। ଅପେକ୍ଷାକୃତ ଶସ୍ତା ଭାବେ ଗଣାଯାଉଥିବା ବନ୍ଧାକୋବି, ଟମାଟୋ ଓ ବାଇଗଣ କିଲୋ ପ୍ରତି ୫୦ ଟଙ୍କାରେ ମିଳୁଛି; ଯାହାକି ସ୍ୱାଭାବିକ ସମୟ ତୁଳନାରେ ଯଥେଷ୍ଟ ଅଧିକ। ଆମଦାନୀ କମିବା ଏବଂ ପରିବହନ ଖର୍ଚ୍ଚ ବୃଦ୍ଧିର ଆଳ ଦେଖାଇ ବ୍ୟବସାୟୀ ଚଢ଼ା ଦରରେ ପନିପରିବା ବିକ୍ରି କରୁଥିବା ଗ୍ରାହକ ଅଭିଯୋଗ କରିଛନ୍ତି। ବଜାର ଦର ଉପରେ ପ୍ରଶାସନର କୌଣସି ଅଙ୍କୁଶ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସମ୍ପୃକ୍ତ ବିଭାଗ ତୁରନ୍ତ ବଜାର ଉପରେ ଚଢ଼ାଉ କରି କଳାବଜାରୀ ରୋକିବା ସହ ଦରଦାମ୍ ଉପରେ ନିୟନ୍ତ୍ରଣ ଆଣିବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା ମରାମତି ପାଇଁ ଗଛ ପକାଇ ଅବରୋଧ



ତରଭା,୨୨।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ଝାରତରଭା ଗ୍ରାମର ରେଳ ଷ୍ଟେସନ ରାସ୍ତାରେ ୨ ଦିନ ହେଲା ଲୋକଙ୍କ କବ୍ଜାରେ ରହିଛି। ରାସ୍ତା ନିର୍ମାଣ ଦାବି ନେଇ ଗ୍ରାମବାସୀ ଗଛ ପକାଇ ଅବରୋଧ କରିଛନ୍ତି। ଏହା ଫଳରେ ଶତାଧିକ ଭାରି ଯାନ ଅଟକି ରହିଛି। ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜ ପଥରୁ ଘାଟକଇଁତରା ନିକଟରେ ଥିବା ଝାରତରଭା ରେଳ ଷ୍ଟେସନ, ପାଣିମୁରା ମାସ ବାୟୋ ଫୁଏଲ, ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକକୁ ସଂଯୋଗ କରୁଥିବା ରାସ୍ତା ସୋମବାର ଅପରାହ୍ନରୁ ଝାରତରଭା ଗ୍ରାମବାସୀଙ୍କ ପକ୍ଷରୁ ଅବରୋଧ କରାଯାଇଛି। ଏହି ରାସ୍ତାରେ କୌଣସି ଭାରି ଯାନ ଯିବାକୁ ଦିଆ ଯାଉନାହିଁ। ଏହି ରାସ୍ତା ଦେଇ ମାସ ବାୟୋ ଫୁଏଲ ଇଥାନଲ କାରଖାନାକୁ ପ୍ରତିଦିନ ଶହ ଶହ ଭାରୀଯାନ ଚଳାଚଳ କରୁଛି। ଏହାଫଳରେ କେବଳ ଲୋକଙ୍କ ଯିବା ଆସିବା ପାଇଁ ନିର୍ମାଣ ହୋଇଥିବା ରାସ୍ତାରେ ଶହ ଶହ କୁଇଣ୍ଟା ମାଲ୍ ବୋଝେଇ ଟ୍ରକ, ଭାରୀଯାନ ଯିବା ଆସିବା କରୁଥିବାରୁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି। ରାସ୍ତାର ଅନେକ ସ୍ଥାନରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ସାଧାରଣ ଲୋକ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଜିଲ୍ଲା ପ୍ରଶାସନ ସମେତ ବିଭିନ୍ନ ସମୟରେ ବିଭିନ୍ନ ଅଧିକାରୀଙ୍କୁ ରାସ୍ତା ନିର୍ମାଣ, ମରାମତି ପାଇଁ ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ୍ୟ ହୋଇ ଗ୍ରାମବାସୀ ଗଛ ପକାଇ ରାସ୍ତା ରୋକ କରି ଧାରଣାରେ ବସିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆ ନ ଯାଇଛି ସେତେଦିନ ପ୍ରର୍ଯ୍ୟନ୍ତ ରାସ୍ତା ରୋକ ଚାଲିବ ବୋଲି ଗ୍ରାମବାସୀ ଜିଦ ଧରିଛନ୍ତି। ରାସ୍ତା ରୋକ ହୋଇଥିବା ଖବର ପାଇ ତରଭା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଥିଲା; କିନ୍ତୁ ଗ୍ରାମବାସୀ ତାଙ୍କ ଜିଦରେ ଅଟଳ ରହିଛନ୍ତି। କେବଳ ଭାରି ଯାନ ଗୁଡିକୁ ଯାତାୟାତରେ ବାରଣ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବିଭାଗୀୟ ଅଧିକାରୀ ରାସ୍ତା ରୋକ ସ୍ଥାନରେ ପହଞ୍ଚି ପାରିନାହାନ୍ତି। ୩ ଦିନ ହେଲା ରାସ୍ତା ରୋକ ଚାଲିଥିବାରୁ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ କର୍ମଚାରୀ ଉପସ୍ଥିତ ରହିଛନ୍ତି।

# ଦେଶୀ ମଦଭାଟି ଉପରେ ଚଢ଼ଉ



ହରଭଙ୍ଗା,୨୨।୭(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଞ୍ଚଳରେ ବେଆଇନ ଦେଶୀ ମଦ କାରବାର ନେଇ ଅବକାରୀ ଓ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଛି। ହରଭଙ୍ଗା ଥାନା ଅଧୀନ ବାରମୁଣ୍ଡା ଜଙ୍ଗଲ ନିକଟରୁ ୮୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବା ବେଳେ ୪୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଭାପୁର ଅଞ୍ଚଳରେ ଚଡଉ କରାଯାଇ ୬୦୦ କେଜି ମହୁଲ ପୋଚ ଏବଂ ୩୦ ଲିଟର ଦେଶୀ ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଅନ୍ୟପକ୍ଷେ ବାରମୁଣ୍ଡା ଗାଁ ରାସ୍ତାରେ ଚଢ଼ଉ କରାଯାଇ ୧୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏହି ମାମଲାରେ ତପନ ଜାନି (୫୬)କୁ ଗିରଫ କରି ପରେ ଛାଡି ଦିଆଯାଇଛି।

# ସୋନପୁରରେ ଭୁବନେଶ୍ୱର ଏମ୍ସ ଡାକ୍ତର ଦଳ



ତରଭା,୨୨।୭(ସମିସ): ଭୁବନେଶ୍ୱର ଏମ୍ସର ଏକ ଡାକ୍ତର ଦଳ ସୁବର୍ଣ୍ଣପୁର ଜିଲ୍ଲା ପରିଦର୍ଶନ କରିଛି। ଜିଲ୍ଲାରେ ଦିନକୁ ଦିନ କିଡ଼ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାଶଙ୍କ ଅନୁରୋଧ କ୍ରମେ ଏହି ଟିମ୍ ଜିଲ୍ଲାକୁ ଗସ୍ତ କରିଛି। ଜିଲ୍ଲାରେ କେଉଁ କାରଣରୁ ଲୋକେ ଏତେ ପରିମାଣରେ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି ତାହାର ଅନୁସନ୍ଧାନ କରାଯାଇଛି। ଏହି ଟିମ୍ ସୋନପୁର ବ୍ଲକ ଓ ଉଲୁଣ୍ଡା ବ୍ଲକର ସୁନାପାଲି ଗ୍ରାମ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଛି। ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ, ଡା. ସନ୍ଦୀପ ପଣ୍ଡା, ଆସୋସିଏଟ୍ ପ୍ରଫେସର (ନେଫ୍ରୋଲୋଜି) ଡା. ବିନୋଦ ବେହେରା, ଅତିରିକ୍ତ ପ୍ରଫେସର ଡା. ଦେବାନନ୍ଦ ସାହୁ ପ୍ରମୁଖଙ୍କ ସହ ନିଜେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଉପସ୍ଥିତ ଥିଲେ। ସେହିଭଳି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ

**କିଡ୍‌ନୀ ରୋଗର କାରଣ, ନିରାକରଣ ନେଇ ବୈଠକ**

ଡା ଉଷାରାଣୀ ଦାଶ ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦେବୀପ୍ରସାଦ ମହାପାତ୍ର, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରୂପକ ମହାପାତ୍ର, ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ରୋଗ ସର୍ବେକ୍ଷଣ ସଂସ୍ଥାର ଏପିଡେମିଓଲୋଜିଷ୍ଟ ଲୋପାମୁଦ୍ରା ମହାପାତ୍ର ଯୋଗଦେଇଥିଲେ। ବୁଧବାର ସକାଳେ ସୋନପୁର ସର୍କିଟ ହାଉସରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମାନସିକ ଚାପ, କୀଟନାଶକ ଔଷଧର ବହୁଳ ବ୍ୟବହାର, ଖରଜଳ ବ୍ୟବହାର, ବହୁଳ ଦେଶୀ ମଦ ବ୍ୟବହାର ଏହି ରୋଗର ମୁଖ୍ୟ କାରଣ ବୋଲି ବୈଠକରେ ଏମ୍ସ ନିର୍ଦ୍ଦେଶକ କହିଥିଲେ।

# ଜିଲ୍ଲାପାଳଙ୍କୁ ଭେଟିଲା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସଂଘ



ତରଭା,୨୨।୭(ସମିସ): ଅଖିଳ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସଂଘ ତରଫରୁ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଓ ୮ ଦଫା ଦାବି ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି। ଏହି ୮ ଦଫା ଦାବି ମଧ୍ୟରେ ବର୍ତ୍ତମାନ ଲେଭଲ୍-୯ ଥିବା ବିଏସଏସଓମାନଙ୍କୁ ଏଏଫଓ, ଏବିଇଓ, ବିଇଓ ଆଦି ସମାନ କ୍ୟାଡର ପରି ଲେଭଲ୍-୧୦କୁ ଉନ୍ନୀତ କରାଯାଉ। କ୍ୟାଡର ପୁନର୍ଗଠନ ପାଇଁ ସରକାରଙ୍କ ଦ୍ୱାରା ୬।୧୨।୨୦୨୩ରେ ଜାରି ହୋଇଥିବା ନିର୍ଦ୍ଦେଶ ତୁରନ୍ତ କାର୍ଯ୍ୟକାରୀ କରାଯାଉ। କର୍ମଚାରୀ ଅଭାବ ପୂରଣ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ପଞ୍ଚାୟତ ସୋସିଆଲ୍ ସିକ୍ୟୁରିଟି ସହାୟକ ନିଯୁକ୍ତି ଦିଆଯାଉ। ୨୦୧୪ ପୂର୍ବ ନିଯୁକ୍ତିପ୍ରାପ୍ତ କର୍ମଚାରୀଙ୍କ ବକେୟା ଏମଏସିପି ସମସ୍ୟାର ସମାଧାନ କରାଯାଉ। ପଦୋନ୍ନତି ସକାଶେ ଜୁନିୟର୍ ଆସିଷ୍ଟାଣ୍ଟଙ୍କ ପାଇଁ ପୃଥକ ପ୍ରମୋସନ୍ କ୍ୟାଡର୍ ଗଠନ କରାଯାଉ। ୨୦୨୩ ବ୍ୟାଚ୍ ବିଏସଏସଓମାନଙ୍କ ପାଇଁ ତୁରନ୍ତ ତାଲିମ ଆରମ୍ଭ କରାଯାଉ। ବୟସ ଓ ଆୟ ସୀମାରେ କୋହଳ, ସମସ୍ତ ପୋର୍ଟାଲ୍ ଗୋଟିଏ ସ୍ଥାନରେ ସଂଯୋଗ କରାଯାଉ। ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟମାନଙ୍କ ସମସ୍ୟାର ସହାନୁଭୂତିପୂର୍ଣ୍ଣ ସମାଧାନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସଂଘ କହିଛି ଯେ ବିଏସଏସଓମାନେ ଏବେ ଏସଏସଓଇପିଡି ସହ ପର୍ଯ୍ୟଟନ, ଓଡ଼ିଆ ଭାଷା-ସଂସ୍କୃତି, ଅର୍ଥ, କ୍ରୀଡ଼ା ଓ ଯୁବ ସେବା ଆଦି ୫ଟି ବିଭାଗର କାମ ମଧ ସମ୍ଭାଳୁଛନ୍ତି। ଏହାଫଳରେ ସେମାନଙ୍କ ଉପରେ ପ୍ରଶାସନିକ ଚାପ ବହୁତ ବଢ଼ିଛି। ମାତ୍ର ଦରମା ଅନ୍ୟ ସମାନ କ୍ୟାଡର ତୁଳନାରେ କମ୍ ରହିଛି।

## ଝାରସୁଗୁଡ଼ାରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ଯୁଗ୍ମ ନିର୍ଦ୍ଦେଶିକା

ଝାରସୁଗୁଡ଼ା, ୨୨।୭(ସମିସ): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ତଥା ଉତ୍ତରାଞ୍ଚଳ ଉପ-ନିର୍ଦ୍ଦେଶିକା କଲ୍ୟାଣୀ ଦାଶ ଆଜି ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ବିଭାଗିୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ, ବରିଷ୍ଠ ସହାୟକ ଭୁବନାନନ୍ଦ ବାଗ, ନିହାଲ୍ ଭୋଇ, ମନବୋଧ ବର୍ଗର୍ତ୍ତି, ରବିନ୍ଦ୍ର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଶଗଡା,୨୨।୭ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ପକ୍ଷରୁ ଶଗଡା ଫାଣ୍ଡି ଅଧୀନ ଗୁହୁଲିଆ ହାଇସ୍କୁଲରେ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସହ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଶଗଡା ଫାଣ୍ଡି ଅଧିକାରୀ ନରସିଂହ ମହାପାତ୍ର, ସ୍କୁଲର ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। ପୋସ୍କୋ ଆଇନ, ସଡ଼କ ସୁରକ୍ଷା, ସାଇବର ଅପରାଧ ଏବଂ ଅଞ୍ଚଳରେ ବଢୁଥିବା ଅବୈଧ ଗଞ୍ଜେଇ ଚାଷରେ ରୋକ ଲଗାଇବା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବସ୍-ବାଇକ୍ ମୁହାଁମୁହିଁ ଧକ୍କାରେ ଯୁବକ ଗୁରୁତର

ଇବଥର୍ମାଲ,୨୨।୭( ସମିସ): ଝାରସୁଗୁଡା ଜିଲ୍ଲା ବେଲପାହାଡ ଥାନା ଗୁମାଡେରା ପାର୍କ ନିକଟରେ ଏକ ବସ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଯୁଜୁମୁରା ଥାନା ଛାମୁଣ୍ଡା ଭଟଲି ଅଞ୍ଚଳର ବାସିନ୍ଦା ସୁଶାନ୍ତ ଭୋଇ ଗୁରୁତର ଆହତ ହୋଇଛନ୍ତି। ସୁଶାନ୍ତ ଆଜି ଏକ ବାଇକ୍ ଯୋଗେ ବେଲପାହାଡ ପଟୁ ବନ୍ଧବାହାଲ ପଟକୁ ଯାଉଥିଲେ। ଏତିକିବେଳେ ବନ୍ଧବାହାଲ ପଟୁ ବେଲପାହାଡ ପଟକୁ ଆସୁଥିବା ତପସ୍ୱିନୀ ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାଫଳରେ ସୁଶାନ୍ତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ତୁରନ୍ତ ଟିଆରଏଲ୍ କ୍ରୋସାକି ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବେଲପାହାଡ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବସ୍ ଓ ବାଇକକୁ ଜବତ କରିଛି।

# ହାତୀ ଭାଙ୍ଗିଦେଲା ଘର



ଦେବଗଡ଼,୨୨।୭(ସମିସ): ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ବଳମ ସେକ୍ସନ ଅଧୀନ ନୂଆଗାଁ ହରିଡ଼ା ସାହିରେ ଏକ ଗୋଠଛଡ଼ା ଦନ୍ତାହାତୀର ଉପଦ୍ରବ ଯୋଗୁଁ ୩ ଘର ଭାଙ୍ଗିଛି। ହାତୀଟି ବିଳମ୍ବିତ ରାତିରେ କୁଣ୍ଡେଇଗୋଳା ପଟୁ ଚାଲି ଆସିଥିଲା। ଗାଁରେ ପହଞ୍ଚିବା ପରେ ଚନ୍ଦ୍ର କିଷାନ, ବସନ୍ତ କିଷାନ ଓ ଝରଣା ଗୁମାନସିଂଙ୍କ ଘର ଭାଙ୍ଗି ଧାନ ଚାଉଳ ସବୁ ଖାଇ ଦେଇଥିଲା। ହାତୀକୁ ଦେଖି ଘରେ ଥିବା ପରିବାର ସଦସ୍ୟମାନେ ଦୌଡ଼ି ବାହାରକୁ ବାହାରି ଆସି ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ହାତୀଟିକୁ ଘଉଡ଼ାଇଥିଲେ।

## ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

# ପୁରୁଷରେ ପିୟୁଷ ଚାମ୍ପିଅନ, ନିଖିଳ ରନର୍ସଅପ୍

ବଲାଙ୍ଗିର,୨୨।୭(ସମିସ)




ବଲାଙ୍ଗିର ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ଆନୁକୂଲ୍ୟରେ ୟନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ସମସ୍ତ ବିଭାଗର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ବେଣୁଧର ପାଣ୍ଡେ, ଜିଲ୍ଲା ସଂଘର ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ। ୯ ବର୍ଷ ବାଳକ ବିଭାଗରେ ଆଦିତ୍ୟ ନାରାୟଣ ଚାମ୍ପିୟନ ହୋଇଥିବା ବେଳେ ମୟଙ୍କ ଶ୍ରୀୟାଂଶ ସାହୁ ଚାମ୍ପିଅନ ହୋଇଛନ୍ତି। ୧୧ ବର୍ଷ ବାଳକରେ ସମର୍ଥ ପାଢୀ ଚାମ୍ପିଅନ ହୋଇଥିବା ବେଳେ ଅର୍ଣ୍ଣବ ସାହୁ ରନର୍ସଅପ ହେଇଛନ୍ତି। ବାଳିକା ବିଭାଗରେ ଆଦ୍ୟାଶା ଆ.ର୍ଯ୍ୟ ଚାମ୍ପିଅନ, ଆଫିଆ ମଞ୍ଜର ରନର୍ସଅପ ହୋଇଛନ୍ତି। ବାଳକ ଡବଲ୍ସରେ ମିହିର ମନନ ଓ ନୈତିକ ଦାସ ରନର୍ସଅପ, ଆୟାଂଶ ପତି ଓ ଅର୍ଣ୍ଣବ ସାହୁ ଚାମ୍ପିଅନ ହୋଇଛନ୍ତି। ୧୩ ବର୍ଷ ବିଭାଗରେ ବାଳକ ସିଙ୍ଗଲରେ ଅରୁଜ ମହାଣା ଚାମ୍ପିଅନ, ଶ୍ରୀୟାଂଶ ପତି ରନର୍ସଅପ, ବାଳିକା ସିଙ୍ଗଲରେ ରିଚା ଅଗ୍ରୱାଲ ଚାମ୍ପିଅନ, ଶ୍ୱେତାଶ୍ରୀ ନାଏକ ରନର୍ସଅପ, ବାଳକ ଡବଲ୍ସରେ ଶ୍ରୀୟାଂଶ ପତି ଓ ଅର୍ଣ୍ଣବ ସାହୁ ଚାମ୍ପିଅନ, ଶ୍ରୀୟାଂଶ ନାୟକ ଓ ଅନ୍ୱେଷ ସାହୁ ରନର୍ସଅପ ହୋଇଛନ୍ତି। ବାଳିକା ଡବଲ୍ସରେ ସ୍ୱେତାଶ୍ରୀ ଓ ଶ୍ରେୟାଂଶ୍ରୀ ଚାମ୍ପିଅନ, ସ୍ନେହାଶ୍ରଦ୍ଧା ଓ ଆରୋହି ରନର୍ସଅପ ହୋଇଛନ୍ତି। ୧୫ବର୍ଷ ବାଳକ ସିଙ୍ଗଲରେ ସାଇ ଚନ୍ଦନ ମହାନ୍ତି ଚାମ୍ପିଅନ, ସାଇ ଆୟୁଷ ପୁରୋହିତ ରନର୍ସଅପ, ବାଳିକାରେ ରିଚା ଅଗ୍ରୱାଲ ଚାମ୍ପିଅନ, ଅଲିସା ବାନୋ ରନର୍ସଅପ, ବାଳକ ଡବଲ୍ସରେ ଗତିକ ଓ ସାଇ ଆୟୁଷ ଚାମ୍ପିଅନ, ସୂର୍ଯ୍ୟଂଶ ଓ ଶ୍ରୀୟାଂଶ ପତି ରନର୍ସଅପ, ବାଳିକା ଡବଲ୍ସରେ ନିୟତି ପଦ୍ମିନୀ ଅନ୍ୱେଷା ମୋଲାନା ଚାମ୍ପିଅନ, ଆଲିସା ବାନୋ ଓ ବିଭୁ ପ୍ରଭା ରନର୍ସଅପ ହୋଇଛନ୍ତି। ୧୭ ବର୍ଷ ବାଳକରେ ଅମନ ଅଗ୍ରୱାଲ ଚାମ୍ପିଅନ, ଶ୍ରେୟାଂଶ କେଜ୍ରିୱାଲ ରନର୍ସଅପ ହୋଇଛନ୍ତି। ବାଳିକା ସିଙ୍ଗିଲ୍ସରେ ନିୟତି ପଦ୍ମିନୀ ଚାମ୍ପିଅନ, ଅନ୍ୱେଷା ମଲାନା ରନର୍ସଅପ, ବାଳିକା ଡବଲ୍ସରେ ରିଚା ଅନନ୍ୟା ଯୋଡି ଚାମ୍ପିଅନ, ଇତିଶ୍ରୀ ଓ ଆଦ୍ୟାଶା ଯୋଡି ରନର୍ସଅପ ହୋଇଛନ୍ତି। ବାଳକ ଡବଲ୍ସରେ ନିଗମାନନ୍ଦ ଓ ଶ୍ରୀୟାଂଶ ଯୋଡି ଚାମ୍ପିଅନ, ସାଇ ଚନ୍ଦନ ଓ ଅମନ ଅଗ୍ରୱାଲ ରନର୍ସଅପ ହୋଇଛନ୍ତି। ୧୯ ବର୍ଷ କମ୍ ବୟସ ବର୍ଗରେ ଶ୍ରୀୟାଂଶ କେଜ୍ରିୱାଲ ଚାମ୍ପିଅନ, ବିଜୟ ଗୁଡିଆ ରନର୍ସଅପ, ବାଳିକା ସିଙ୍ଗଲ୍ସରେ ନନ୍ଦିନୀ ଲାଲ ଚାମ୍ପିଅନ, ଦୟା ପଟେଲ ରନର୍ସଅପ, ବାଳକ ଡବଲ୍ସରେ ନିଗମାନନ୍ଦ ଓ ବିନୀତଙ୍କ ଯୋଡି ଚାମ୍ପିଅନ, ଲୋକେସ ବେହେରା ଓ ଓବେଶ ଖାନ ରନର୍ସଅପ ହୋଇଛନ୍ତି। ମିକ୍ସ ଡବଲ୍ସରେ ବିନିତ ନାଏକ ନନ୍ଦିନୀ ଲାଲ ଚାମ୍ପିଅନ, ଅର୍ଣ୍ଣବ ଅନନ୍ୟା ଅଗ୍ରୱାଲ ରନର୍ସଅପ ହୋଇଛନ୍ତି। ସିନିୟର ଚାମ୍ପିଅନ ହୋଇଛନ୍ତି ପିୟୁଷ ନାଗ। ରନର୍ସଅପ ହୋଇଛନ୍ତି ନିଖିଳ ସୁନା। ସିନିୟର ମହିଳା ଚାମ୍ପିଅନ ହୋଇଛନ୍ତି ଦୟା ପଟେଲ। ରନର୍ସଅପ ହୋଇଛନ୍ତି ନନ୍ଦିନିଲାଲ। ସିନିୟର ପୁରୁଷ ଡବଲ୍ସରେ ପିୟୁଷ ଓ ବିନୀତଙ୍କ ଯୋଡି ଚାମ୍ପିଅନ, ନିଖିଳ ଓ ହିମାଂଶୁ ହାତୀ ରନର୍ସଅପ ହୋଇଛନ୍ତି। ମିକ୍ସ ଡବଲ୍ସରେ ହିମାଂଶୁ ହାତୀ, ସାୟାଂଶି ନାହାକ ଚମ୍ପିୟାନ, ରାକେଶ ଜୈସୱାଲ ଶ୍ରୀୟା ସୁମନ ମିଶ୍ର ରନର୍ସଅପ ହୋଇଛନ୍ତି। ଭେଟେରାନ ବର୍ଗରେ ୩୫ ବର୍ଷ ବର୍ଗରେ ଥବୀର ସାହୁ ଚାମ୍ପିଅନ, ସିବୁନ ରଥ ରନର୍ସଅପ ହୋଇଛନ୍ତି। ଏହି ବର୍ଗର ଡବଲ୍ସରେ ଚନ୍ଦ୍ରଶେଖର ମିଶ୍ର ଓ ପ୍ରକାଶ ସାହୁ ଚାମ୍ପିଅନ, ସୂର୍ଯ୍ୟ ପ୍ରଧାନ ଓ ଶଙ୍କର ରାଏ ରନର୍ସଅପ ହୋଇଛନ୍ତି। ୪୦ ବର୍ଷ ପୁରୁଷ ସିଙ୍ଗଲରେ ଆଶୁତୋଷ ପଣ୍ଡା ଚାମ୍ପିଅନ, ଶଙ୍କର ରାଏ ରନର୍ସଅପ ହୋଇଛନ୍ତି। ଏହି ବର୍ଗର ପୁରୁଷ ଡବଲ୍ସରେ ମନୋଜ ଓ ଶଙ୍କର ରାଏ ଯୋଡି ଚାମ୍ପିଅନ, ଆଶୁତୋଷ ଓ ମାନସ ମହାନ୍ତି ରନର୍ସଅପ ହୋଇଛନ୍ତି। ୪୫ ବର୍ଷ ବୟସ ବର୍ଗରେ ସିଙ୍ଗଲରେ ମନୋଜ ବେହେରା ଚାମ୍ପଅନ, ସୁମନ୍ତ ନାଏକ ରନର୍ସଅପ, ଏହି ବର୍ଗର ଡବଲ୍ସରେ ସଂଗ୍ରାମ ବେହେରା ଡା ଦୀପକ ବାରି ଚାମ୍ପିଅନ, ସୁମନ୍ତ ନାଏକ ପୂର୍ଣ୍ଣଚନ୍ଦ୍ର ପଟେଲ ରନର୍ସଅପ, ୫୦ ବୟସ ବର୍ଗରେ ଦୀପକ ବାରିକ ଚାମ୍ପିଅନ ଓ ସଂଗ୍ରାମ ବେହେରା ରନର୍ସଅପ, ଏହି ବର୍ଗରେ ଡବଲ୍ସରେ ସଂଗ୍ରାମ ବେହେରା ଓ ଡା. ଦୀପକ ବାରିକ ଚାମ୍ପିଅନ, ଡା. ବେଣୁଧର ପାଣ୍ଡେ ଓ ଘନଶ୍ୟାମ ମିଶ୍ର ରନର୍ସଅପ, ୬୦ ବର୍ଷ ବର୍ଗରେ ଡା.ବେଣୁଧର ପାଣ୍ଡେ ଓ ଡା. ପ୍ରଦୀପ ସାହୁ ଚାମ୍ପିଅନ, ଗୋପାଳ ଚନ୍ଦ୍ର ପଣ୍ଡା ଓ ସନାତନ ହାତୀ ରନର୍ସଅପ, ୬୫ ବର୍ଷ ବୟସ ବର୍ଗ ସିଙ୍ଗଲରେ ସନାତନ ହାତି ଚାମ୍ପିଅନ ହୋଇଥିବା ବେଳେ ଗୋପାଳ ଚନ୍ଦ୍ର ପଣ୍ଡା ରନର୍ସଅପ ହୋଇଛନ୍ତି। ଲେବେଲ-୩ ଜିଲ୍ଲା ଚାମ୍ପିଅନସିପ୍‌ରେ ୧୩ ବର୍ଷ ସିଙ୍ଗଲ୍ସରେ ଆର୍ଯ୍ୟନ ଆଦିତ୍ୟ ମିଶ୍ର ରନର୍ସଅପ ଓ ଆର୍ଯ୍ୟନ ସାହୁ ଚାମ୍ପଅନ, ୧୫ ବର୍ଷ ବର୍ଗରେ ଅର୍ଣ୍ଣବ ବାଗ ରନର୍ସଅପ ଓ ପ୍ରିୟାଂଶ ରାଉତ ଚାମ୍ପିଅନ ହୋଇଛନ୍ତି।

**● ମହିଳାରେ ନନ୍ଦିନୀ ଚାମ୍ପିଅନ, ଦୟା ରନର୍ସଅପ୍**
**● ୧୯ ବର୍ଷରେ ଶ୍ରୀୟାଂଶ ଚାମ୍ପିଅନ, ବିଜୟ ରନର୍ସଅପ୍**
**● ଭେଟେରାନ ଖେଳାଳି ଡା. ଦୀପକ ବାରିକଙ୍କୁ ତ୍ରିମୁକୁଟ**

ସକାଳ
THE SAKALA



### କେସିଙ୍ଗାରେ ବଢୁଛି ଚୋରି ଡକାୟତି

# ନାଳିଫିତା ତଳେ ସହରର ସିସିଟିଭି ଫାଇଲ

**କେସିଙ୍ଗା, ୨୨।୭ (ସମିସ)**

କଳାହାଣ୍ଡି ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବରେ ଆଖ୍ୟା ପାଇଛି କେସିଙ୍ଗା ସହର। ସହରରେ ଅନେକ ଛୋଟବଡ଼ ହୋଲ୍‌ସେଲ୍‌ର ବେପାରୀ ପଡୋଶୀ ବଲାଙ୍ଗିର, ନୂଆପଡ଼ା, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାକୁ ମଧ୍ୟ ନିଜର ଜିନିଷ ପଠାଇ ନିଜର ବ୍ୟବସାୟ କରୁଛନ୍ତି। ହେଲେ କିଛି ଦିନ ହେଲା କେସିଙ୍ଗା ସହରରେ ଚୋରି ଓ ଡକାୟତି ବଢ଼ିବାରେ ଲାଗିଛି। ଗୋଟାଏ ଦୁଇଟା କେସ୍‌ରେ ପୁଲିସକୁ ସଫଳତା ମିଳିଥିଲେ ମଧ୍ୟ ଅନେକ ଚୋରି ଡକାୟତି ମାମଲାର ତଦନ୍ତ ଏବେ ମଧ୍ୟ ଚାଲିଛି। ଗତ ୧୫ ଦିନ ତଳେ ଏକ ପିକ୍‌ଅପ୍ ଗାଡ଼ିକୁ ଚୋରମାନେ ରାସ୍ତା ଉପରୁ ନେଇ ଫେରାର ହୋଇ ଯାଇଥିଲେ, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ପୁଲିସ ତଦନ୍ତ କରୁଛି। ସେହିପରି ଗତ ସୋମବାର ରାତିରେ ଘରେ କେହିନଥିବା ସୁଯୋଗ ନେଇ କେସିଙ୍ଗାର ମଧ୍ୟ ଭାଗରେ ଥିବା ୱାର୍ଡ ନଂ ୩ର ପୁନମ୍ ଜୈନଙ୍କ ଘରୁ ଡ଼କାୟତି କେସିଙ୍ଗାବାସୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି। ବ୍ୟବସାୟୀଙ୍କ ଘରୁ ପ୍ରାୟ ୨୫ ଲକ୍ଷ ଟଙ୍କାର ସୁନା ଓ ରୁପା ଏବଂ ପ୍ରାୟ ୫ ରୁ ୭ ଲକ୍ଷ ଟଙ୍କା ନଗଦ ନେଇ ଚୋରମାନେ ପଳାଇଥିବା ଅଭିଯୋଗ ହୋଇଛି। ପ୍ରତିଦିନ ସହରରେ ଚୋରି ରାହାଜାନୀ ହେଉଥିଲେ ମଧ୍ୟ କିଛି ଗଣମାଧ୍ୟମ ସାହାଯ୍ୟରେ ପଦାକୁ ଆସିଥିବା ବେଳେ କିଛି ଚାପି ହୋଇ ରହିଯାଉଛି। ଏତେ ଚୋରି ଡ଼କାୟତି ହେବାପରେ ମଧ୍ୟ ସହରରେ ସିସିଟିଭି ଲଗାଯାଇ ନାହିଁ। ଅନେକ ସମୟରେ ବିଭିନ୍ନ ସଂଗଠନ, ବୁଦ୍ଧିଜିବୀ ଉକ୍ତ ବିଷୟ ଉପରେ ନଗରପାଳ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅଞ୍ଚଳବାସୀଙ୍କ




ମତରେ ସହରର ମୁଖ୍ୟ ଛକମାନଙ୍କରେ ସିସିଟିଭି ଲାଗିଲେ ଚୋରମାନଙ୍କ ଗତିବିଧି ଉପରେ ନଜର ରହିବା ସହିତ ପୁଲିସକୁ ତଦନ୍ତରେ ସାହାଯ୍ୟ ମିଳିବ। ଦୁଇବର୍ଷ ତଳେ କେସିଙ୍ଗା ରେ ସିସିଟିଭି ଲାଗିବ ବୋଲି ପ୍ରାୟ ୬୫ ଟି ସ୍ପଟ୍ ସେଲେକ୍ସନ ହୋଇ କେସିଙ୍ଗା ଏନ୍‌ଏସି ପକ୍ଷରୁ ପ୍ରପୋଜାଲ ତିଆରି କରି ସରକାରଙ୍କ ସମ୍ପୃକ୍ତ ବିଭାଗକୁ ପଠାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି ଫାଇଲ ନାଲି ଫିତା ତଳେ ଚାପି ହୋଇ ରହିଯାଇଛି। ଆମେ ଉକ୍ତ ବିଷୟ ଉପରେ କେସିଙ୍ଗା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଲେ ଯେ ଆମେ ସ୍ପଟ୍ ସିଲେକ୍ସନ କରି ପ୍ରାୟ ୧ କୋଟି ୧ ଲକ୍ଷ ଟଙ୍କାର ପ୍ରୋପୋଜାଲ୍ ସରକାରଙ୍କ ସମ୍ପୃକ୍ତ ବିଭାଗକୁ ପଠାଇ ଥିଲୁ; ହେଲେ ଅଧିକ ଟଙ୍କାର ପ୍ରିପୋଜାଲ ହୋଇ ଥିବାରୁ ତାହା ଫେରି ଆସି ଜିଲ୍ଲା କାର୍ଯ୍ୟାଳୟର ସମ୍ପୃକ୍ତ ବିଭାଗରେ ରହିଛି। ଶୀଘ୍ର ଆଉଥରେ କମ୍ ଟଙ୍କାର ପ୍ରପୋଜାଲ୍ ପଠାଯିବ ବୋଲି କହିଥିଲେ। ଚୋରି ଡକାୟତି ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସହରରେ ସିସିଟିଭି ଲଗାଇବା ପାଇଁ ସହରବାସୀଙ୍କ ପକ୍ଷରୁ ଜୋର୍‌ଦାର ଦାବି ହେଉଛି।

## ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କଳାହାଣ୍ଡି ଗସ୍ତ




**ଭବାନୀପାଟଣା, ୨୨।୭ (ସମିସ):** କଳାହାଣ୍ଡି ଜିଲ୍ଲାକୁ ୨ଦିନିଆ ଗସ୍ତରେ ଆସିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ବୁଧବାର ସକାଳେ ଭବାନୀପାଟଣା ସର୍କିଟ୍ ହାଉସ୍‌ରେ ପହଞ୍ଚିବା ପରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଦ୍ଦାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମେହେର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ଶର୍ମିଷ୍ଠା ମେହେର, ପୂର୍ବତନ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଜିଲ୍ଲା ମିଡିଆ ସେଲ ସଂଯୋଜକ ନରହରି ପଟ୍ଟନାୟକ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଭବାନୀପାଟଣା ସ୍ଥିତ ସହିଦ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟଠାରେ ଆୟୋଜିତ ଆଞ୍ଚଳିକ 'ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ'ରେ ଯୋଗଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆଜୀବିକା ଗ୍ରାମୀଣ ଏକ୍ସପ୍ରେସ୍ ଯୋଜନା ଏବଂ ମିଲେଟ୍ ଅନ୍ ହ୍ୱିଲ୍ସର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଗ୍ରାମୀଣ ଅର୍ଥନୀତି ବିକାଶରେ ସହାୟକ ହେବ ବୋଲି ସେ କହିଥିଲେ। ସେହିପରି କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ୯ କୋଟି ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ସୁଭଦ୍ରା ଶକ୍ତି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାର ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନଶକ୍ତି ଓ ପର୍ଯ୍ୟଟନ ଉପରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଧର୍ମଗଡ଼ ବିଧାୟକ ପାଟଯୋଷୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର କଳାଇ ବାନନ ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ବିଡିଓ, ସିଡିପିଓ, ମିଶନ ଶକ୍ତିର କର୍ମଚାରୀ ଉପସ୍ଥିତ ଥିଲେ।

## ପୋକ୍ସୋ ଓ ଏସ୍‌ସି-ଏସ୍‌ଟି ଆଇନ ଉପରେ ସଚେତନତା




**ଧର୍ମଗଡ଼, ୨୨।୭ (ସମିସ):** ଧର୍ମଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ପୋକ୍ସୋ ଅଧିନିୟମ ଓ ଅନୁସୂଚିତ ଜାତି ଏବଂ ଜନଜାତି (ନିର୍ଯାତନା ନିବାରଣ) ଅଧିନିୟମ ସମ୍ପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଗୁଣ୍ଡିଚା ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଶ୍ରୀକାନ୍ତ ପାଢ଼ୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଚନ୍ଦନ ସେଠୀ, ଧର୍ମଗଡ଼ ଆଇନଜୀବୀ ସଂଘର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ସିଡିପିଓ ଧରିତ୍ରୀ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ରନାଥ ପାତ୍ର, ତାଲୁକ ଆଇନ ସେବା ସମିତିର ସଦସ୍ୟ ତଥା ଆଇନଜୀବୀ ମିହିର ରଞ୍ଜନ ପଟ୍ଟଯୋଶୀ, ରିଟେନର ଆଇନଜୀବୀ ସଂଯୁକ୍ତା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ସାମନ୍ତ ସିଂହାର ପୋକ୍ସୋ ଅଧିନିୟମ ଓ ଅନୁସୂଚିତ ଜାତି ଏବଂ ଜନଜାତି (ନିର୍ଯ୍ୟାତନା ନିବାରଣ) ଅଧିନିୟମର ବିଭିନ୍ନ ବ୍ୟବସ୍ଥା, ଏହାର ଉଦ୍ଦେଶ୍ୟ ଏବଂ ଆଇନର ସଠିକ୍ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

# ଜିଲ୍ଲା କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ

**ଭବାନୀପାଟଣା, ୨୨।୭ (ସମିସ):** ରାଜଧାନୀ ଦିଲ୍ଲୀରେ ମଙ୍ଗଳବାର ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ପୁଲିସର ଦମନଲୀଳା ଏବଂ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ ବାସ ଭବନ ସମ୍ମୁଖରେ ଧାରଣାରତ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ସମେତ ଶୀର୍ଷସ୍ତରୀୟ କଂଗ୍ରେସ ନେତୃ ବୃନ୍ଦଙ୍କୁ ପୁଲିସ ଉଠାଇ ନେବା ଘଟଣା ଦୁର୍ଭାଗ୍ୟଜନକ। ସେହିପରି ଭୁବନେଶ୍ୱର ସ୍ଥିତ ରାଜଭବନ ଫାଟକ ସମ୍ମୁଖରୁ କଂଗ୍ରେସ ବିକ୍ଷୋଭ କାରୀଙ୍କ ଗହଣରୁ ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ ପୁଲିସ ଉଠାଇ ନେବା ପ୍ରତିବାଦରେ ଆଜିସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ ଦଳପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସମେତ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହ ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ବିକ୍ଷୋଭରେ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକ, ବରିଷ୍ଠ କଂଗ୍ରେସ ନେତା ଉଛବ ସାହୁ, ପୂର୍ବତନ ଜିଲ୍ଲା ସଭାପତି ଭାରତଭୂଷଣ ବେମାଲ, ଯୁବ ନେତା ମହମଦ




ସାହେବ, ସରୋଜ ବାଗ, ସନ୍ତୋଷ ପଣ୍ଡା, ଦୀନେଶ ବାଗ, ସୁକାନ୍ତ ବିଶି ସମେତ ଅନେକ କଂଗ୍ରେସ ନେତା ଯୋଗ ଦେଇ ପ୍ରଧାନମନ୍ତ୍ରୀ ଙ୍କ ବିରୋଧରେ ସ୍ଲୋଗାନ ଦେଇ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ।

**ଧର୍ମଗଡ଼ :** ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଆଜି ବ୍ଲକ କଂଗ୍ରେସ ପକ୍ଷରୁ ଧର୍ମଗଡ଼ ତିନିଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଛାତ୍ର ଛାତ୍ରୀଙ୍କୁ ପୁଲିସ ଲଗାଇ ମାଡ଼ ମରାଯାଇଥିବାବେଳେ ଅନଶନରତ ରାହୁଲ ଗାନ୍ଧୀଙ୍କୁ ପୁଲିସର ଦୁର୍ବ୍ୟବହାର ପ୍ରଦର୍ଶନକୁ ତୀବ୍ର ସମାଲୋଚନା କରା ଯାଇଛି। ବ୍ଲକ କଂଗ୍ରେସ ସଭାପତି ପ୍ରେମଲାଲ ସାଗରଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ଏନ୍‌ଏସି ସଭାପତି ଧରଣୀଧର ଧଙ୍ଗଡ଼ାମାଝୀ, ଯୁବ ସଭାପତି ଗୋଲୁ ନାଏକ, ଜିଲ୍ଲା ସମ୍ପାଦକ ସୁରେଶ୍ ଭଇସାଲ, ବିରଞ୍ଚି ବଣିଆ, ଜୋନ୍ ସଭାପତି ଅଜୟ ପୁଝାରୀ, ରାଜେନ୍ଦ୍ର ଗୋପାଲ, ରଜନୀ ସେନାପତି, ବାବୃବହାନ ଭୋଇ, ରଷିମନି ବୋଡେକ୍ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଖଡ଼ିଆଲ, ୨୨।୭ (ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଡେନ ବିଡିଓ ଚିନ୍ମୟ କୁମାର ସାଗର ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ଡିଏସଏସ ଓ ଅନନ୍ତ ହେରାମ୍ବ, ଭିନ୍ନକ୍ଷମ ସମିତି ସମ୍ପାଦକ ଦିଲ୍ଲୀପ ଷଡ଼ଙ୍ଗୀ, ସଂସାଦ ପ୍ରତିନିଧି ବିଜୟ ବେହେରା, ସମାଜସେବୀ ଅରବିନ୍ଦ ବେହେରା, ଏବିଇଓ ଅମୂଲ୍ୟ ଦାସ ପ୍ରମୁଖ ଯୋଗଦେଇ ଥିଲେ। ବିଏସ୍‌ଏସ୍ ଓ କୁମର ମାଝୀ ସ୍ୱାଗତଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟରେ ୧୪୫ ଜଣ, ଶ୍ରବଣ ଶକ୍ତି ୫୧ ଜଣ, ଦୃଷ୍ଟିବାଧିତ ୩୭ ଜଣ, ରକ୍ତ ଶିକୁଳି ୨୭ ଜଣ, ମାନସିକ ଅନଗ୍ରସର ୪୨ ଜଣ, ପେନ୍‌ସନ୍ ୧୫ ଜଣ, ବସ୍ ପାସ୍ ୧୨ଜଣ ପଞ୍ଜୀକରଣ କରିଥିଲେ। ପ୍ରୋଗ୍ରାମ ଆଶିଷ୍ଟାନ ଚିତ୍ତରଞ୍ଜନ ଦଣ୍ଡସେନା, କିରାଣି ପ୍ରଶ୍ନନ ମେହେର, ବିଚାରପତି କେଶବ ମେହେର ଓ ଅଜୟ ପ୍ରଧାନ, ପିଇଓ ତାପସ ଅଗସ୍ତି, କ୍ଷମା ସୁନାନୀ, ଗୁର୍ଜୁ ହଂସ, ଏନ୍‌ଏସଏସ ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ସମସ୍ତ ବିଭାଗର ଅଧିକାରୀମାନେ ସହଯୋଗ କରିଥିଲେ।

# ସମନ୍ୱିତ ଶିଶୁ ବିକାଶ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା

**ନୂଆପଡ଼ା/ ଖଡ଼ିଆଲ, ୨୨।୭ (ସମିସ):** ନୂଆପଡ଼ା ଜିଲ୍ଲା ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଆଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଉପଯୁକ୍ତ ହସ୍ତାନ୍ତର ଯୋଗ୍ୟ ସରକାରୀ ଜମି ଚିହ୍ନଟ କରିବାକୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜମିଜମା ବିବାଦମୁକ୍ତ ଆଙ୍ଗନବାଡ଼ି କେନ୍ଦ୍ର ସୁନିଶ୍ଚିତ କରିବା, ଖାଲି ପଡ଼ିଥିବା ସୁପରଭାଇଜର ଓ ଅନ୍ୟାନ୍ୟ ପଦ ଶୀଘ୍ର ପୂରଣ କରିବା ସହ କ୍ଷେତ୍ରସ୍ତରରେ ନିୟମିତ ପରିଦର୍ଶନକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଜିଲ୍ଲାର ୭୬, ୦୨୬ ଜଣ ଶିଶୁ ବିକାଶ ଯୋଜନାରେ ହିତାଧିକାରୀଙ୍କ ଆଧାର ଯାଞ୍ଚ ପ୍ରକ୍ରିୟା ଶତପ୍ରତିଶତ ସମ୍ପୂର୍ଣ୍ଣ ହୋଇ ଥିବାବେଳେ, ସକ୍ରିୟ ଶିଶୁମାନଙ୍କ ମଧ୍ୟରୁ ୯୯.୯୩ ପ୍ରତିଶତଙ୍କ ଉଚ୍ଚତା ଓ ଓଜନ ମାପ କାର୍ଯ୍ୟ ସମ୍ପନ୍ନ ହୋଇଛି। ଜିଲ୍ଲାର ସମସ୍ତ ୧, ୪୦୮ଟି ଆଙ୍ଗନବାଡ଼ି କେନ୍ଦ୍ରରେ ସମୁଦାୟ ଭିତ୍ତିକ କାର୍ଯ୍ୟକ୍ରମ ସିବିଇ ଶତପ୍ରତିଶତ ଅନୁଷ୍ଠିତ ହୋଇଥିବାବେଳେ, ଜୁନ୍ ମାସରେ ଫେସ୍ ରିକଗ୍ନିସନ୍ ସିଷ୍ଟମ୍ ମାଧ୍ୟମରେ ୯୦.୬୮ ପ୍ରତିଶତ ଟେକ୍ ହୋମ୍ ରାସନ୍ (ଟିଏଚଆର) ବଣ୍ଟନ କରାଯାଇଛି। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଜିଲ୍ଲାର ୧, ୪୦୮ଟି ଆଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୧, ୧୮୭ଟି ନିଜସ୍ୱ କେନ୍ଦ୍ରରେ କାର୍ଯ୍ୟ କରୁଥିବାବେଳେ ୮୦ଟି ଭବନ ନିର୍ମାଣାଧୀନ ରହିଛି। କର୍ମଚାରୀ



ପଦସ୍ଥିତି ସମୀକ୍ଷାରେ ୨୭ ଟି ସୁପରଭାଇଜର, ୧୪ଟି ଆଙ୍ଗନବାଡ଼ି କର୍ମୀ ଓ ୧୨ ଟି ସହାୟିକା ପଦ ଖାଲି ଥିବା ସୂଚନା ଉପସ୍ଥାପନ କରାଯାଇଥିଲା। ସିଡିପିଓ ଓ ସୁପରଭାଇଜର ମାନଙ୍କ କ୍ଷେତ୍ର ପରିଦର୍ଶନ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ନିୟମିତ ଭାବେ ଶତପ୍ରତିଶତ ଆଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ ସୁନିଶ୍ଚିତ କରିବା ସହ ଏହାର ଗୁଣାତ୍ମକ ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ସହକାରୀ ପରିସଂଖ୍ୟାନ ନିର୍ଦ୍ଦେଶିକା ସାଗରିକା ମୁଦୁଲି ଯୋଗ ଦେଇଥିଲେ। ତାଙ୍କୁ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହେଉଥିବା 'ଶାଶୁ ବୋହୂ ମେଳି, ସ୍ୱାମୀ ସ୍ତ୍ରୀ ମେଳି, ଝିଅ ପାଇଁ ଗଛଟିଏ' ଓ 'ଗର୍ଭବତୀ ମହିଳାଙ୍କ ପାଇଁ ଦିନଟିଏ' ପରି ଅଭିନବ ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଥିଲା। ଶିଶୁ ଲିଙ୍ଗାନୁପାତରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଥିବା ସୂଚନା ମଧ୍ୟ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଅବସର ଗ୍ରହଣ କରିବାକୁ ଯାଉଥିବା ଆସିସିଡିଏସ୍ ସୁପରଭାଇଜର ବିଳାସିନୀ ଯୋଶୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରୁଥିବା ସୁପରଭାଇଜର ମାନଙ୍କୁ ସମ୍ମାନିତ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ଉପଜିଲ୍ଲାପାଳ ସୂର୍ମି ସୋରେନ, ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁପ୍ରିୟା ପ୍ରିୟଦର୍ଶିନୀ, ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନିଟ୍ ପରୀକ୍ଷାରେ ଭବେଶଙ୍କ ସଫଳତା

**ଖଡ଼ିଆଲ, ୨୨।୭ (ସମିସ):** ସର୍ବଭାରତୀୟ ମେଡିକାଲ୍ ପରୀକ୍ଷାରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ଡୁଆଝର ଗ୍ରାମର ଭବେଶ କୁମାର ମେହେର ସର୍ବଭାରତୀୟ ନିଟ୍ ପ୍ରବେଶିକା ପରୀକ୍ଷାରେ ୫୪୬ ମାର୍କରଖି ସର୍ବ



ଭାରତୀୟ ସ୍ତରରେ ୨୭୨୨୮ ରେଙ୍କ ହାସଲ କରିଛନ୍ତି। ପିତା ଡ. ଶୋଭେନ୍ଦ୍ର କୁମାର ମେହେର ବର୍ତ୍ତମାନ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବଙ୍ଗୋମୁଣ୍ଡା, ଜିଲ୍ଲା ବଲାଙ୍ଗିରର ଅଧ୍ୟକ୍ଷ ଭାବରେ କାର୍ଯ୍ୟକରୁଥିବା ବେଳେ ମାଆ ତିଳୋତ୍ତମା ମେହେର ଡୁଆଝର ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଭାବରେ କାର୍ଯ୍ୟ କରନ୍ତି। କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ବାପା, ମା ନିଜ ବକ୍ତବ୍ୟରେ କହିଛନ୍ତି। ଏହି ସଫଳତା ପାଇଁ ଭବେଶ ଭଗବାନଙ୍କ ଆଶୀର୍ବାଦ, ପିତା, ମାତା, ଗୁରୁଜନ ତଥା କ୍ରିଷ୍ଣା ବିକାଶ ବିଦ୍ୟାଳୟ, ବରଗଡ଼ର ସମସ୍ତ ଶିକ୍ଷକମାନଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ଗୋଟିଏ ଦକ୍ଷ ଡାକ୍ତର ହୋଇ ସମାଜ ସେବାରେ ନିଜକୁ ସମର୍ପିତ କରିବି ବୋଲି ନିଜ ବକ୍ତବ୍ୟରେ କହିଛନ୍ତି।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଜାତୀୟ ପତାକା ଦିବସ ପାଳିତ



**ଭବାନୀପାଟଣା, ୨୨।୭ (ସମିସ):** ସ୍ଥାନୀୟ ତାରିଣୀ ମନ୍ଦିର ରୋଡ୍‌ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ତ୍ରିରଙ୍ଗା ଜାତୀୟ ପତାକା ଦିବସ ପାଳିତ ହୋଇଯାଇଛି। ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଆମର ଗର୍ବ 'ତ୍ରିରଙ୍ଗା' କୁ ଆମ ଦେଶର ଜାତୀୟ ପତାକା ଭାବରେ ସରକାରୀ ସ୍ୱୀକୃତି ପାଇଥିଲା। ପ୍ରଥମ କେଶରୀ ରଙ୍ଗ ଏହା ତ୍ୟାଗ ଏବଂ ବୀରତ୍ୱ ପ୍ରତୀକ। ମଧ୍ୟମ ରଙ୍ଗ ଧଳା ଶାନ୍ତି ଏବଂ ପବିତ୍ରତା ର ସୂଚକ ଅଟେ ଏବଂ ଶେଷ ରଙ୍ଗ ସବୁଜ ଦେଶର ସମୃଦ୍ଧି ଏବଂ ପ୍ରଗତିକୁ ଦର୍ଶାଏ ଓ ଅଶୋକ ଚକ୍ରରେ ଥିବା ୨୪ ଟି ଅର ଯାହା ମନୁଷ୍ୟକୁ ଜୀବନରେ ସର୍ବଦା ଆଗକୁ ବଢ଼ିବା ପାଇଁ ଏବଂ ଧର୍ମ ପଥରେ ଚାଲିବା କୁ ପ୍ରେରଣା ଦେଇଥାଏ ବୋଲି ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜାତୀୟ ପତାକା ଦିବସ ଆମକୁ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଦାନ ଏବଂ ଦେଶପ୍ରେମ କଥା ମନେ ପକାଇଥାଏ। ଏହି ଦିନ ଆମେ ଆମର ଜାତୀୟ ପତାକାକୁ ସମ୍ମାନ ଜଣାଇ ଦେଶର ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଶପଥ ନେଇଥାଉ ବୋଲି ବିଶିଷ୍ଟ ଶିଶୁ ଚିତ୍ରଶିଳ୍ପୀ ମୁକୁନ୍ଦ ରେ‡ୀ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ ଦେଇଥିଲେ।

### ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ସହରାଞ୍ଚଳରେ ଭାରୀଯାନ ଚଳାଚଳ ଉପରେ କଟକଣା

**ନୂଆପଡ଼ା, ୨୨।୭ (ସମିସ)**

ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଏସ୍‌ଡିଓ, ଆର୍‌ଆଣ୍ଡ ବି ସୁକାନ୍ତ ଗାର୍ଡିଆ ସମସ୍ତଙ୍କୁ ସ୍ୱାଗତ ଜଣାଇ ପୂର୍ବ

**ନୂଆପଡ଼ା-ପଦମପୁର ରାସ୍ତାରେ ଲାଗୁ ହେବ ଇଣ୍ଟେଲିଜେଣ୍ଟ ଟ୍ରାଫିକ ଏନ୍‌ଫୋର୍ସମେଣ୍ଟ ସିଷ୍ଟମ**

ବୈଠକର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଓ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକାରୀ ଯାନ ବ୍ୟତୀତ ଅନ୍ୟ ସମସ୍ତ ଭାରୀଯାନ ଚଳାଚଳ ଉପରେ କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୂଆପଡ଼ା-ପଦମପୁର ରାସ୍ତାରେ ଶୀଘ୍ର ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ କାର୍ଯ୍ୟକାରୀ ହେବ। ଏହି ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଅତ୍ୟଧିକ ବେଗ, ହେଲମେଟ ଏବଂ ସିଟ୍‌ବେଲ୍ଟ ବ୍ୟବହାର ନ କରିବା ସମେତ ବିଭିନ୍ନ ଟ୍ରାଫିକ ନିୟମ ଉଲ୍ଲଂଘନ ସ୍ୱୟଞ୍ଚାଳିତ ଭାବେ ଚିହ୍ନଟ କରାଯିବ। ଜିଲ୍ଲାପାଳ 'ନୋ



ହେଲମେଟ-ନୋ ପେଟ୍ରୋଲ' ଅଭିଯାନକୁ ଅଧିକ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିଜ ଅଧୀନସ୍ଥ କର୍ମଚାରୀମାନେ ହେଲମେଟ ପିନ୍ଧି କାର୍ଯ୍ୟାଳୟକୁ ଆସୁଥିବା ସୁନିଶ୍ଚିତ କରିବାକୁ କହିଥିଲେ। କଲେକ୍ଟରେଟର ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଏହାର ଅନୁପାଳନ ତଦାରଖ ଦାୟିତ୍ୱ ଉପ ଜିଲ୍ଲାପାଳଙ୍କୁ ଦିଆଯାଇଛି। ଜିଲ୍ଲାରେ ସ୍ଥାପିତ ୧୦ଟି ହେଲମେଟ ହବର କାର୍ଯ୍ୟକାରିତାର ସମୀକ୍ଷା କରି ଜିଲ୍ଲାପାଳ ସେଗୁଡ଼ିକର ନିୟମିତ ତଦାରଖ ଉପରେ ଗୁରୁତ୍ୱ ଦେଇଥିଲେ। ସିଡିଏମ୍‌ଓ, ପିଏଚ୍‌ଓଙ୍କୁ ସମସ୍ତ ହେଲମେଟ ହବ୍‌ରେ ପ୍ରାଥମିକ ଚିକିତ୍ସା ବାକ୍ସ ଉପଲବ୍ଧ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ସଡ଼କ ସୁରକ୍ଷା ସଙ୍କେତ ଫଳକର ଆବଶ୍ୟକତା ଥିବା ସ୍ଥାନଗୁଡ଼ିକୁ ପୁନଃ ସର୍ଭେ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆରଟିଓ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆରଟିଓ ପକ୍ଷରୁ ଉପସ୍ଥାପିତ ଏନଫୋର୍ସମେଣ୍ଟ ତଥ୍ୟ ଅନୁଯାୟୀ, ଜୁନ୍-୨୦୨୬ ମାସରେ ମୋଟ ୯୬୫ଟି ଟ୍ରାଫିକ ନିୟମ ଉଲ୍ଲଂଘନ ମାମଲା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରେ ୩୦୯ଟି ହେଲମେଟ ବିନା ଗାଡ଼ି ଚଳାଇବା, ୧୫୦ଟି ଅତ୍ୟଧିକ ବେଗ, ୧୯ଟି ମଦ୍ୟପ ଅବସ୍ଥାରେ ଗାଡ଼ି ଚଳାଇବା ସମେତ ଅନ୍ୟାନ୍ୟ ମାମଲା ରହିଛି। ଏହି ସମୟ ମଧ୍ୟରେ ୪୭୮ଟି ଇ-ଚାଲାଣ ଫଇସଲା ହୋଇ ମୋଟ ୨୦ ଲକ୍ଷ ୭୫ ହଜାର ୮୦୮ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୧୭୦ଟି ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଥିବା ସୂଚନା ଦିଆଯାଇଥିଲା। ଚଳିତବର୍ଷ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ୩, ୨୬୩ଟି ହେଲମେଟ ବିନା ଗାଡ଼ି ଚଳାଇବା ଏବଂ ୧୫୪ଟି ମଦ୍ୟପ ଅବସ୍ଥାରେ ଗାଡ଼ି ଚଳାଇବା ମାମଲାରେ ଚାଲାଣ କରାଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ସିଡିଏମ୍ ଓ ପିଏଚ୍‌ଓ ଡା. ଦ୍ୱାରିକାନାଥ ଶତପଥୀ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ସୁଖେନ୍ଦୁ ରାୟ, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ମୋଟର ଯାନ ନିରୀକ୍ଷକ ଉପେନ୍ଦ୍ର ପୁସିକା, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ନୂଆପଡ଼ା, ଖରିଆର ଓ ଖରିଆର ରୋଡ଼ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ। ଅର୍ଥ ସଞ୍ଚୟ ଯୋଜନା କରିବେ।

## ଆଜିର ଐତିହ୍ୟ

- ୧୮୫୬- ଲୋକମାନ୍ୟ ବାଲ ଗଙ୍ଗାଧର ତିଲକଙ୍କ ଜନ୍ମ।
- ୧୯୦୩- ମୋଟର୍ କମ୍ପାନି ଫୋର୍ଡ ତା'ର କାର୍ ବିକ୍ରି ଆରମ୍ଭ କଲା।
- ୧୯୦୬- କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦଙ୍କ ଜନ୍ମ।
- ୧୯୨୭- ଭାରତରେ ନିୟମିତ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୨୦୦୨- ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ଲକ୍ଷ୍ମୀ ସେହଗଲ୍‌ଙ୍କ ଦେହାନ୍ତ।


## ଜ୍ୟାକ୍‌ଲିନ୍‌ଙ୍କ ଏଆଇ ଅବତାର

ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଏବେ ଡିଜିଟାଲ୍ ଅନ୍ଦାଜରେ ନିଜ ପ୍ରଶଂସକମାନଙ୍କ ସହ ଯୋଡ଼ି ହେବାକୁ ଯାଉଛନ୍ତି। ପ୍ରକୃତରେ, ଜ୍ୟାକଲିନ୍ ନିଜର ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ଡିଜିଟାଲ ଅବତାର ଲଞ୍ଚ୍ କରିଛନ୍ତି, ଯାହା ମାଧ୍ୟମରେ ଏବେ ପ୍ରଶଂସକମାନେ ତାଙ୍କ ଜୀବନ ସହ ଜଡ଼ିତ ଅନେକ ଅନାଲୋଚିତ କାହାଣୀକୁ ଅତି ନିକଟରୁ ଜାଣିପାରିବେ। ଏନେଇ ଜ୍ୟାକଲିନ୍‌ଙ୍କ କହିବା କଥା, "ଏଆଇ ଅବତାର ମାଧ୍ୟମରେ ସେ ତାଙ୍କ ପ୍ରଶଂସକଙ୍କ ସହ ଏକ ଭିନ୍ନ ସ୍ତରରେ ଯୋଡ଼ି ହୋଇପାରିବେ।" ଏହାକୁ ଏପରି ଭାବରେ ପ୍ରସ୍ତୁତ କରାଯାଇଛି, ଯେପରି ଜ୍ୟାକଲିନ୍‌ଙ୍କ ପ୍ରଶଂସକମାନେ ଇଣ୍ଟରଆକ୍ଟିଭ୍ ଶୈଳୀରେ ତାଙ୍କର ବିଚାରଧାରା, ଅନୁଭୂତି ଏବଂ ପସନ୍ଦିତ ଜିନିଷଗୁଡ଼ିକ ବିଷୟରେ ଜାଣିପାରିବେ। ଜ୍ୟାକଲିନ୍‌ଙ୍କର ଏହି ଏଆଇ ଅବତାରକୁ ତାଙ୍କ ବ୍ୟକ୍ତିତ୍ୱର ଏକ ଡିଜିଟାଲ୍ ବିସ୍ତାର ବୋଲି କୁହାଯାଉଛି। ଏହା ଦେଖିବାକୁ ଅବିକଳ ଜ୍ୟାକ୍‌ଲିନ୍‌ଙ୍କ ଭଳି। ତାଙ୍କର ଡିଜିଟାଲ ଅବତାରକୁ କଲେକ୍ଟିଭ୍ ଆର୍ଟିଷ୍ଟ ନେଟ୍‌ୱାର୍କର ଏଆଇ ଷ୍ଟୁଡିଓ 'ଗ୍ୟାଲେରିଙ୍ଗ' ପ୍ରସ୍ତୁତ କରିଛି। ଏହାକୁ ତିଆରି କରିବା ଲାଗି ଏଆଇ କଥାବାର୍ତ୍ତା ଟେକ୍‌ନିକ୍, ଭଏସ୍ ସିନ୍ଥେସିସ୍ ଏବଂ ଇଣ୍ଟର ଆକ୍ଟିଭ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇଛି। ଯାହାକି କେବଳ ଜ୍ୟାକଲିନ୍‌ଙ୍କ ଚେହେରା ନୁହେଁ, ବରଂ ତାଙ୍କ ଚିନ୍ତାଧାରା ଓ ବ୍ୟକ୍ତିତ୍ୱକୁ ବି ପ୍ରତିଫଳିତ କରିପାରିବ। ତାଙ୍କର ଏହି ଏଆଇ ଅବତାରରେ ଏକ ବିଶେଷ ପ୍ରକାର ବୁକ୍ କ୍ଲବ୍ ରହିବ। ତାଙ୍କ ଚିନ୍ତାଧାରାକୁ ପ୍ରଭାବିତ କରୁଥିବା ବହିଗୁଡ଼ିକ ବାବଦରେ ସେ ଏଠାରେ କହିବେ। ଏହା ବ୍ୟତୀତ ଏହି ପ୍ଲାଟଫର୍ମରେ ତାଙ୍କ ଜୀବନ ସହ ଜଡ଼ିତ ଅନୁଭବ, ଆତ୍ମଚିନ୍ତନ ଏବଂ ବ୍ୟକ୍ତିଗତ କାହାଣୀ ସାମିଲ ହେବ। ଏହା ଏମିତି କଣ୍ଟେଣ୍ଟ ହେବ, ଯାହାକି ଜ୍ୟାକ୍‌ଲିନ୍‌ଙ୍କ ପ୍ରଶଂସକଙ୍କୁ ତାଙ୍କ ବ୍ୟକ୍ତିତ୍ୱର ଅଲଗା ପରିଚୟ ପ୍ରଦାନ କରିବ। ଏନେଇ ଜ୍ୟାକଲିନ୍‌ଙ୍କ କହିବା କଥା, "ବହି ହେଉ କି କୌଣସି ନୂଆ ଚିନ୍ତାଧାରା ମୋତେ ପ୍ରେରଣା ଦେଉଥିବା ଜିନିଷଗୁଡ଼ିକ ସବୁବେଳେ ମୁଁ ସେୟାର୍ କରିବାକୁ ପସନ୍ଦ କରେ। ଏହି ଏଆଇ ଅବତାର ମାଧ୍ୟମରେ ଯେଉଁ କଥାଗୁଡ଼ିକ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ସହଜ ହୋଇ ନ ଥାଏ ତାହା ସେୟାର୍ କରାଯାଇ ପାରିବ।"




## ଗୋଲାପି ବାସ୍କେଟ୍‌ରେ ଜୀବନସାଥୀ ଖୋଜା

ବର୍ତ୍ତମାନର ଡେଟିଂ ଆପ୍ ଏବଂ ସୋସିଆଲ ମିଡିଆ ଯୁଗରେ ଜୀବନସାଥୀ ଖୋଜିବାର ଏକ ନିଆରା ଉପାୟ ସାମ୍ନାକୁ ଆସିଛି। ଫିନ୍‌ଲ୍ୟାଣ୍ଡ ସୁପରମାର୍କେଟ୍‌ରେ ଗ୍ରାହକଙ୍କୁ ଗ୍ରସରି କିଣିବା ସହିତ ନିଜ ପାଇଁ ଜୀବନସାଥୀ ଖୋଜିବାର ସୁଯୋଗ ମିଳିପାରୁଛି। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ଯେଉଁ ଗ୍ରାହକମାନେ ସିଙ୍ଗଲ୍ ଅଛନ୍ତି ଏବଂ ନିଜ ପାଇଁ ସାଥୀଟିଏ ଖୋଜୁଛନ୍ତି, ସେମାନେ ସପିଂ କରିବା ସମୟରେ ଏହି ଗୋଲାପି ବାସ୍କେଟ୍ ବ୍ୟବହାର କରିଥାନ୍ତି। ଏହି ବାସ୍କେଟ୍ ବହନ କରୁଥିବା ବ୍ୟକ୍ତି ସିଙ୍ଗଲ୍ ବୋଲି ଅନ୍ୟମାନେ ଜାଣିପାରନ୍ତି ଏବଂ ସେମାନଙ୍କ ସହ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ଏକ ସୁଯୋଗ ସୃଷ୍ଟି ହୁଏ। ଡେଟିଂ ଆପ୍‌ରେ ସ୍ୱାଇପ୍ କରିବା ଅପେକ୍ଷା ବାସ୍ତବ ଦୁନିଆରେ ଲୋକଙ୍କ ସହ ସିଧାସଳଖ ମିଶିବା ପାଇଁ ଏହାକୁ ଏକ ଭଲ ଏବଂ ସୁରକ୍ଷିତ ମାଧ୍ୟମ ଭାବେ ଦେଖାଯାଉଛି। ଆମେରିକାର କଣ୍ଟେଣ୍ଟ କ୍ରିଏଟର ରୋୟା ଫକ୍ସ ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ନିଆରା ପରିକଳ୍ପନା ବାବଦରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ରୋୟା କହିଛନ୍ତି ଏହି ବାସ୍କେଟ୍‌ରେ 'ସିଙ୍କୁ କୋରି' ଲେଖା ଥାଏ। ଏହାର ଅର୍ଥ 'ସିଙ୍ଗଲ ବାସ୍କେଟ।' ଏଠାକାର କିଛି ସୁପରମାର୍କେଟରେ ଏହି ସୁବିଧା ସିଙ୍ଗଲ ଲୋକଙ୍କୁ ସହଜ ଓ ସୁରକ୍ଷିତ ପରିବେଶରେ ପରସ୍ପର ସହ ଭେଟ କରିବାର ସୁଯୋଗ ଦେବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା। ଏହାବାଦ୍ ଏହାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଡେଟିଂ ଆପ୍ ତଥା ବାର୍ ସଂସ୍କୃତି ଭିନ୍ନ ଲୋକଙ୍କ ମଧ୍ୟରେ ସର୍ବସାଧାରଣ ସ୍ଥାନରେ କଥାବାର୍ତ୍ତା ଆରମ୍ଭ କରାଇବା। ତେବେ ଏହି ସୁବିଧା ପ୍ରତ୍ୟେକ ସୁପରମାର୍କେଟରେ ଉପଲବ୍ଧ ନାହିଁ। କିଛି ବଛା ବଛା ଷ୍ଟୋରରେ ଏହା ଦେଖିବାକୁ ମିଳେ। ସେହିପରି ଏହା କୌଣସି ବିଧିବଦ୍ଧ ଡେଟିଂ ସେବା ନୁହେଁ, ବରଂ ଏହା ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିବା ଏକ ପରିକଳ୍ପନା। ଗ୍ରାହକ ନିଜ ଇଚ୍ଛାରେ ବାସ୍କେଟ ଉଠାନ୍ତି ଯଦ୍ୱାରା ଅନ୍ୟମାନେ ଏକଥା ବୁଝନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିବା ସମ୍ଭବ। ଫିନଲ୍ୟାଣ୍ଡରେ ପୂର୍ବରୁ କମଳା, ହଳଦିଆ ରଙ୍ଗକୁ ସିଙ୍ଗଲ ବାସ୍କେଟ ଭାବେ ବ୍ୟବହାର କରାଯାଉଥିଲା।




## ୩୫ ବର୍ଷ ପରେ ଶୁଝିଲେ ଉଧାର

ଆଜିର ସମୟରେ ଲୋକେ ଛୋଟ ମୋଟ ଧାର କରଜକୁ ଭୁଲି ଯାଉଛନ୍ତି। ତେବେ କେରଳର ଜଣେ ବ୍ୟକ୍ତି ୩୫ ବର୍ଷ ତଳେ ନେଇଥିବା ସାଙ୍ଗର ଉଧାରି ଟଙ୍କାକୁ ଏବେ ଶୁଝି ଚର୍ଚ୍ଚାରେ ରହିଛନ୍ତି। ଘଟଣାଟି ହେଉଛି କେରଳ ନିବାସୀ ମହମ୍ମଦ ଇସ୍ମାଇଲ ଏବଂ ତେଲେଙ୍ଗାନାରେ ରହୁଥିବା ଏଡଲା ଲଚନ୍ନାଙ୍କର। ୧୯୯୦ ମସିହାରେ ସାଉଦି ଆରବରେ ଦୁହେଁ ଏକାଠି କାମ କରୁଥିଲେ। ଏକାଠି ରହିବା ସମୟରେ ସେମାନଙ୍କ ମଧ୍ୟରେ ବନ୍ଧୁତା ଏତେ ନିବିଡ଼ ହୋଇଯାଇଥିଲା ଯେ, ସେମାନେ ପରସ୍ପରର ସୁଖ ଦୁଃଖର ସାଥୀ ହୋଇଥିଲେ। ତେବେ ସେସମୟରେ କୌଣସି ଏକ ଆବଶ୍ୟକତା କାରଣରୁ ଇସ୍ମାଇଲ ନିଜ ସାଙ୍ଗ ଲଚନ୍ନାଙ୍କଠାରୁ ହଜାରେ ଟଙ୍କା ଧାର ନେଇଥିଲେ। ଅବଶ୍ୟ ଟଙ୍କା ନେବା ସମୟରେ ସେ ଶୀଘ୍ର ଫେରାଇବା ପ୍ରତିଶ୍ରୁତି ବି ତାଙ୍କୁ ପ୍ରଦାନ କରିଥିଲେ। ହେଲେ ପରିସ୍ଥିତି ଏମିତି ହେଲା ଯେ, ଦୁହେଁ ପରସ୍ପରଠାରୁ ଅଲଗା ହୋଇଗଲେ। କିଛି ଦିନ ପରେ ଲଚନ୍ନା ଭାରତ ଫେରିଲେ। ସେ ସମୟରେ ମୋବାଇଲ, ଇଣ୍ଟରନେଟ୍, ସୋସିଆଲ ମିଡିଆର ସୁବିଧା ନ ଥିଲା। ଫଳରେ ଦୁହେଁ ପରସ୍ପର ସହ ଆଦୌ ଯୋଗାଯୋଗରେ ରହିଲେ ନାହିଁ। ତେବେ ୩୫ ବର୍ଷ ପରେ ବି ଇସ୍ମାଇଲ ସେହି ଉଧାର ଟଙ୍କାକୁ ଭୁଲି ନ ଥିଲେ। ବହୁ ବର୍ଷ ପରେ ନିଜ ସାଙ୍ଗକୁ ସେ ଖୋଜିବାକୁ ମନସ୍ଥ କଲେ। ଯଦିଓ ତାଙ୍କ ପାଖରେ ସାଙ୍ଗର ଫୋନ୍ ନମ୍ବର କି ଘର ଠିକଣା ନ ଥିଲା, ତଥାପି ସେ କେବଳ ଏତିକି ଜାଣିଥିଲେ ଯେ, ତାଙ୍କ ସାଙ୍ଗ ତେଲେଙ୍ଗାନାର ଧର୍ମପୁରୀ ଅଞ୍ଚଳରେ ରହୁଥିଲେ। ଏହାକୁ ଆଧାର କରି ସେ ତାଙ୍କ ସାଙ୍ଗକୁ ଖୋଜିବାକୁ ଲାଗିଲେ। ଇଣ୍ଟରନେଟ୍‌ରୁ ତଥ୍ୟ ସଂଗ୍ରହ କରିବା ପରେ ସେ ନିଜେ ତେଲେଙ୍ଗାନା ଗଲେ ଏବଂ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ପରେ ଶେଷରେ ନିଜ ସାଙ୍ଗର ପରିବାର ପାଖରେ ପହଞ୍ଚିଲେ। ସେ ସମୟରେ ଲଚନ୍ନା ବିଦେଶରେ କାମ କରୁଥିଲେ। ତେଣୁ ଦୁହିଁଙ୍କ କଥାବାର୍ତ୍ତା ଭିଡିଓ କଲ୍ ମାଧ୍ୟମରେ ହେଲା। ଏହି ସମୟରେ ଇସ୍ମାଇଲ ତାଙ୍କ ପରିବାରକୁ ୨୫ ହଜାର ଟଙ୍କା ଦେଇଥିଲେ। ଯାହାକି ମୂଳ ଉଧାର ଟଙ୍କା ଠାରୁ ଅନେକ ଗୁଣ ଅଧିକ ଥିଲା। ହେଲେ ଇସ୍ମାଇଲଙ୍କ ପାଇଁ ଟଙ୍କାଠୁ ଅଧିକ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବା ବେଶି ଗୁରୁତ୍ୱ ବହନ କରିଥିଲା ବୋଲି ସେ ଜଣାଇ ଦେଲେ। ସାମାଜିକ ଗଣମାଧ୍ୟମରେ ଏହି ଘଟଣାଟି ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏପରିକି ଘଟଣାଟି ଲୋକଙ୍କ ହୃଦୟ ଜିଣିଛି।



# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ



### ମହୁ ଘରା

**ଆବଶ୍ୟକ ସାମଗ୍ରୀ**

ଚାଉଳ ଗୁଣ୍ଡ – ଦୁଇ କପ୍, ମଇଦା– ଅଧା କପ୍, କଳା ଜିରା – ଅଧା ଚାମଚ, ପାନମଧୁରୀ – ଅଧା ଚାମଚ, ଗୁଡ଼ - ଅଧା ଚାମଚ, ନଡ଼ିଆ କ୍ଷୀର– ଏକ କପ୍, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ବାଉଲ୍‌ରେ ଚାଉଳଗୁଣ୍ଡ, ମଇଦା, ଗୁଡ଼, ପାନମଧୁରୀ, କଳାଜିରା ସମେତ ନଡ଼ିଆ କ୍ଷୀର ଦେଇ ବହଳିଆ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଆସିଲେ ମହୁଘରା ଛାଞ୍ଚକୁ ଘୋଳରେ ବୁଡ଼ାଇ ତେଲ ଭିତରେ ଛାଡ଼ନ୍ତୁ। ଏହିପରି ଭାବେ ଏକା ସହିତ ତିନି ଚାରୋଟି ଲେଖାଏ ଛାଣନ୍ତୁ। ଦୁଇ ପାଖ ସୁନେଲି ରଙ୍ଗ ହୋଇଆସିଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମହୁ ଘରା'।

## ନେଲ୍ ସିରମ୍‌ରୁ ଚମକିବ ନଖ

**ସାଧାରଣତଃ ହାତକୁ ଆକର୍ଷଣୀୟ କରିବା ପାଇଁ ନଖର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। ଏଥିପାଇଁ ଉଭୟ ହାତ ଓ ପାଦ ନଖକୁ ସୁନ୍ଦର ରଖିବା ପାଇଁ ମହିଳାମାନେ ମେନିକ୍ୟୁୟର ଏବଂ ପେଡିକ୍ୟୁୟର୍ ଆଦି କରିଥାନ୍ତି। ଅନେକ ବଡ଼ ନଖ ରଖିବା ସତ୍ତ୍ୱେ ଯତ୍ନ ନ ନେବା ଦ୍ୱାରା ଏହା ଭାଙ୍ଗିଯାଏ। ଏଣୁ ନଖକୁ ମଜଭୁତ୍ ରଖିବା ପାଇଁ ବଜାରରେ ମିଳୁଥିବା ରାସାୟନିକ ସିରମ୍ ପରିବର୍ତ୍ତେ ଘରୋଇ ସିରମ୍ ବ୍ୟବହାର କରିପାରିବେ।**



ନଖର ଶୁଷ୍କତା ଦୂର କରିବାକୁ ଚାହୁଁଥିଲେ ଏଥିପାଇଁ ଏକ ଚାମଚ ନଡ଼ିଆ ତେଲ, ଅଧା ଚାମଚ ଗ୍ଲିସେରିନ୍, ଏବଂ ଦୁଇତିନି ବୁନ୍ଦା ଲାଭେଣ୍ଡର ଏସେନ୍ସିଆଲ୍ ଅଏଲ୍‌କୁ ଭଲରେ ମିଶାନ୍ତୁ। ଏହାକୁ ଏକ ଛୋଟ ବୋତଲରେ ସଂରକ୍ଷିତ କରି ଦିନକୁ ଥରେ ନଖରେ ମସାଜ୍ କରନ୍ତୁ।


ସେହିପରି ଏକ ଚାମଚ ଅଲିଭ୍ ଅଏଲ୍, ଅଧା ଚାମଚ ଲେମ୍ବୁରସ ଏବଂ ଏକ କୋଳା ରସୁଣ ମିଶାଇ ଏହାକୁ ଏକ କାଚ ଶିଶିରେ ରଖନ୍ତୁ। ରାତିରେ ଶୋଇବା ପୂର୍ବରୁ ଏହାକୁ ନଖରେ ମସାଜ୍ କରନ୍ତୁ। ଏହା ନଖ ଭାଙ୍ଗିବାରୁ ସୁରକ୍ଷା ଦେବା ସହ ବୃଦ୍ଧି କରିଥାଏ।

ତେବେ ଏହି ଘର ତିଆରି ସିରମ୍ ନଖକୁ ଆବଶ୍ୟକ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। ଏହା ନଖର ଚମକ ବୃଦ୍ଧି କରି, ନଖ ଭାଙ୍ଗିବା କମ୍ କରିଥାଏ। ଏଥିସହ ନଖ ଶୀଘ୍ର ବୃଦ୍ଧି ହୋଇଥାଏ।

## ସାୱାର୍ ମେକ୍‌ଅପ୍

**ସମୟାନୁସାରେ ଅନେକ ମେକ୍‌ଅପ୍ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ସାୱାର ମେକ୍‌ଅପ୍ ଲୋକପ୍ରିୟ ରହିଛି। ଏହା ଚିକ୍କଣ, ଉଜ୍ଜ୍ୱଳ ଏବଂ ଆକର୍ଷଣୀୟ ଦିଶିଥାଏ। ଏଥିରେ ଫାଉଣ୍ଡେସନ ବଦଳରେ ହାଲୁକା ଟିଣ୍ଟ ବ୍ଲଶ୍, ଲିକୁଇଡ୍ ହାଇଲାଇଟର୍ ଏବଂ ମଏଶ୍ଚରାଇଜର୍ ଲଗାଯାଏ। ଏଥିରୁ ଏକ ପ୍ରାକୃତିକ ଚମକ ମିଳିଥାଏ।**

- ତ୍ୱଚାକୁ ସଫା କରି ମଏଶ୍ଚରାଇଜର, ହାଲୁକା ସ୍କିନ୍ ଟିଣ୍ଟ ବା ବିବି କ୍ରିମ୍ ଲଗାନ୍ତୁ। ଏହାପରେ କ୍ରିମ୍ ବ୍ଲଶ୍‌ରେ ଗାଲକୁ ହାଲୁକା ରଙ୍ଗ ଦିଅନ୍ତୁ। ଆବଶ୍ୟକ ହେଲେ ହାଇଲାଇଟର୍ ଲଗାନ୍ତୁ। ଆଖିରେ ମସ୍କାରା ଏବଂ ଗାଲରେ ହାଲୁକା ଟିଣ୍ଟେଡ୍ ଲିପ୍ ବାମ୍ ଲଗାନ୍ତୁ।
- ଅପେକ୍ଷାକୃତ ମେକ୍‌ଅପ୍‌ର କମ୍ କଲେ ଏହା ଆଖିକୁ ସୁନ୍ଦର ଏବଂ ନାଚୁରାଲ ଦିଶିଥାଏ।
- କଲେଜ ଛାତ୍ରୀ, କର୍ମଜୀବୀ ମହିଳାଙ୍କ ସମେତ ହାଲୁକା ମେକ୍‌ଅପ୍ ପସନ୍ଦ ମହିଳାଙ୍କ ପାଇଁ ଏହା ଭଲ ହୋଇଥାଏ।



## ପରିଚୟ ଦେଉଛି ହସ୍ତତନ୍ତ ଶିଳ୍ପ

**କୁହାଯାଏ ଦୃଢ଼ମନୋବଳ, ଆତ୍ମବିଶ୍ୱାସ ଥିଲେ ଯେ କୌଣସି କାର୍ଯ୍ୟ ସମ୍ଭବ। ଏହାକୁ ପ୍ରମାଣ କରିଛନ୍ତି ବରଗଡ଼ ବରପାଲିର ୫୦ ବର୍ଷିୟା ସୁଲୋଚନା ମେହେର। ବୁଣାକାର ଭାବେ ସେ ଭଳିକି ଭଳି ସମ୍ବଲପୁରୀ ଲୁଗାବୁଣି ସ୍ୱାବଲମ୍ବୀ ହେବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭର କରିଛନ୍ତି। ଶାଢ଼ିରେ ସୂକ୍ଷ୍ମ କାରୁକାର୍ଯ୍ୟ ମାଧ୍ୟମରେ ପାରମ୍ପରିକ କଳାକୁ ପୁନର୍ଜୀବିତ କରି ଓଡ଼ିଶା ସମେତ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।**



**ସଂଘର୍ଷରୁ ସଫଳ**

ବୁଣାକାର୍ଯ୍ୟ କଠିନ ଥିବାରୁ ସୁଲୋଚନାଙ୍କ ପିତାମାତା ତାଙ୍କୁ ଜଣେ ଟେଲର ମାଷ୍ଟରଙ୍କ ସହ ବିବାହ କରିଥିଲେ। ବିବାହ ପରେ ସେ ଶାଶୁଘର ଲୋକଙ୍କୁ ବୁଣାକାର୍ଯ୍ୟ କରୁଥିବା ଦେଖିଥିଲେ। ପରେ ଏଥିପ୍ରତି ତାଙ୍କ ମନରେ ଆଗ୍ରହ ଆସିଲା। ଅବଶ୍ୟ ପ୍ରାରମ୍ଭରେ ଏଥିରୁ କମ୍ ପାରିଶ୍ରମିକ ମିଳୁଥିଲା। ତଥାପି ତାଙ୍କ ମନୋବଳ ଭାଙ୍ଗି ନ ଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଦିଆଯାଉଥିବା ଡିଜାଇନର ଟ୍ରେନିଂରେ ସେ ପ୍ରଶିକ୍ଷଣ ନେଇଥିଲେ। ଏହାପରେ ଧୀରେ ଧୀରେ ସମ୍ବଲପୁରୀ ତନ୍ତକଳା ଶିଖି ଏଥିରେ ସେ ସିଦ୍ଧହସ୍ତ ହୋଇଥିଲେ।

**ଲୁପ୍ତକଳାକୁ ନୂଆ ରୂପ**

ସୁଲୋଚନା ଶାଢ଼ି ବୁଣିବା ସହ ଲୁପ୍ତ ପାରମ୍ପରିକ କଳାକୁ ବଜାୟ ରଖିଛନ୍ତି। ଉତ୍କଳ ଲକ୍ଷ୍ମୀ, ମଞ୍ଜୁଷା ଏବଂ ସାଚୀପତ ଭଳି ଶାଢ଼ି ସମୟ ସହ ଉଭେଇ ଯାଉଥିବାବେଳେ ସୁଲୋଚନା ଏହାକୁ ଆଧୁନିକ ସ୍ପର୍ଶ ଦେଇ ଲୋକପ୍ରିୟ କରିଛନ୍ତି। ଏବେର ମହିଳାମାନେ ମୟୁର ଚନ୍ଦ୍ରିକା ପୁଷ୍ପାହାତୀ ଏବଂ ଗଜଗାମିନୀ ଭଳି ଐତିହାସିକ ଏବଂ ପ୍ରକୃତି ଆଧାରିତ ଶାଢ଼ି ବେଶ୍ ପସନ୍ଦ କରୁଛନ୍ତି।

**ଜିଲ୍ଲାରୁ ଜାତୀୟ ସ୍ତରରେ ଲୋକାଦୃତି**

ତାଙ୍କ ନିର୍ମିତ ଶାଢ଼ି ସମ୍ବଲପୁର, ଭୁବନେଶ୍ୱର ଏବଂ ଦିଲ୍ଲୀର ଅନେକ ବଡ଼ ସୋ ରୁମ୍‌ରେ ବିକ୍ରି ହେଉଛି। ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ ସେ ନିଜକଳାକୁ ବିଶ୍ୱବିଦିତ କରିଛନ୍ତି। ୨୦୨୩ ମସିହାର ସେ ଲେହ-ଲଦାଖ ଗସ୍ତ କରି ସେନାକେନ୍ଦ୍ରର ୫୦ ଜଣ ମହିଳାଙ୍କୁ ବୟନଶିଳ୍ପ ତାଲିମ ଦେଇଥିଲେ।

**ଆତ୍ମନିର୍ଭର ୧୦୦୦ ମହିଳା**

ସମାଜ ପ୍ରତି ତାଙ୍କର ବଡ଼ ଯୋଗଦାନ ରହିଛି। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସେ ପାଖାପାଖି ୧୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ବୁଣାକାର୍ଯ୍ୟ, ପ୍ରାକୃତିକ ରଙ୍ଗ ବ୍ୟବହାର ସମେତ ବିଭିନ୍ନ ଡିଜାଇନିଂ ପ୍ରଶିକ୍ଷଣ ଦେଇଛନ୍ତି। ଏହାଦ୍ୱାରା ମହିଳାମାନେ ଆତ୍ମନିର୍ଭର ହୋଇପାରିଛନ୍ତି। ସୁଲୋଚନାଙ୍କ ଏହି ସଫଳତା ପଛରେ ତାଙ୍କ ସ୍ୱାମୀଙ୍କ ପୂର୍ଣ୍ଣ ସହଯୋଗ ଏବଂ ସମର୍ଥନ ରହିଛି।

## କେଶ ଅନୁଯାୟୀ ପାନିଆ

ସାଧାରଣତଃ ଗୋଟିଏ ପାନିଆରେ ଘରର ସମସ୍ତ ଲୋକ ମୁଣ୍ଡ କୁଣ୍ଡାନ୍ତି। ହେଲେ କେଶ ବିଶେଷଜ୍ଞଙ୍କ କହିବାନୁଯାୟୀ, ତେଲ, ସାମ୍ପୁ ଭଳି, କେଶ ଅନୁଯାୟୀ ପାନିଆ ବ୍ୟବହାର କରିବା ଉଚିତ୍। ଭୁଲ୍ ପାନିଆରେ କୁଣ୍ଡାଇଲେ କେଶଝଡ଼ା ସହ କେଶମୂଳ ଦୁର୍ବଳ ହୋଇଥାଏ।

**ସିଧା, ଘନ କେଶ ପାଇଁ ସି- ଟାଇପ୍ ପାନିଆ**

- ସିଧା, ଲମ୍ବା ଏବଂ ଘନ କେଶ ଥିଲେ ପେଡାଲ ବ୍ରଶ୍ ଭଲ ହୋଇଥାଏ। ଏହାର ଚଉଡ଼ା ଦାନ୍ତ ଗୋଟିଏ ଥରର କେଶର ବଡ଼ ଅଂଶକୁ କଭର କରିଥାଏ। ଏହା କେଶକୁ ଜଟ ନ କରି ସହଜରେ କୁଣ୍ଡାଇ ହୋଇଥାଏ।


**କୁଞ୍ଚ କେଶ ପାଇଁ ୱାଇଡ୍ ଟୁଥ୍**

- ଛୋଟ ଏବଂ କୁଞ୍ଚ କେଶ ଶୀଘ୍ର ଅସଜଡ଼ା ହୋଇଯାଏ। ତେଣୁ ଏହାକୁ କୁଣ୍ଡାଇବା ପାଇଁ ମୋଟାଦାନ୍ତ ପାନିଆ ଭଲ। ଏହି ପାନିଆ ମଝିରେ ଗ୍ୟାପ୍ ଥିବାରୁ ଏଥିରେ ଭଲ ସେ ଜଟ ଛାଡ଼ିଯାଏ।

**ପତଳା କେଶ ପାଇଁ ନରମ ଦାନ୍ତ ପାନିଆ**

- କେଶ ପତଳା ଥିଲେ କିମ୍ବା ଧରୁ ଧରୁ ଛିଡ଼ି ଯାଉଥିଲେ, ଏଥିପାଇଁ ପତଳା ଦାନ୍ତ ପାନିଆ ବ୍ୟବହାର କରିପାରିବେ। ଏହା ନରମ ଥିବାରୁ ସହଜରେ କେଶ କୁଣ୍ଡାଇ ହୋଇଥାଏ, ଏହା କେଶମୂଳରେ ଚାପ ପକାଏନି। ଏହାଦ୍ୱାରା ଦୈନିକ କେଶଝଡ଼ା ମଧ୍ୟ କମ୍ ହୋଇଥାଏ।

## ଦୋଷ ସ୍ୱୀକାର କଲେ ୱାର୍ଣ୍ଣର



ସିଡ୍‌ନୀ,୨୨।୭ (ଏଜେନ୍ସି): ଅଷ୍ଟ୍ରେଲିଆର କିଂବଦନ୍ତୀ କ୍ରିକେଟର ଡେଭିଡ୍ ୱାର୍ଣ୍ଣର ମଦ୍ୟପାନ କରି ଗାଡି ଚଳାଇବା ଅପରାଧକୁ ସ୍ୱୀକାର କରିଛନ୍ତି। ଏହି ମକଦ୍ଦମାର ବିଚାର କରୁଥିବା ବିଚାରପତି ୱାର୍ଣ୍ଣରଙ୍କ ସ୍ୱୀକାରୋକ୍ତିକୁ ଗ୍ରହଣ କରିଛନ୍ତି। ଅଗଷ୍ଟ ୧୮ ରେ ଦଣ୍ଡବିଧାନ କରିବେ ବୋଲି ବୁଧବାର ଶୁଣାଣି ପରେ ବିଚାରପତି ତାଙ୍କ ରାୟରେ ଜଣାଇଛନ୍ତି। କିଛି ଦିନ ତଳେ ୱାର୍ଣ୍ଣର ଅଧିକ ମଦ୍ୟପାନ କରି ଗାଡି ଚଳାଇଥିଲା ବେଳେ ପୁଲିସ୍ ଚେକିଂରେ ଧରାପଡ଼ିଥିଲେ। ପ୍ରଥମେ ମଦ୍ୟପାନକୁ ଅସ୍ୱୀକାର କରୁଥିବା ୱାର୍ଣ୍ଣର ପରେ ଗିରଫ ହୋଇଥିଲେ। ଏଭଳି ସମୟରେ ତାଙ୍କୁ ଛାଡ଼ କରାଯାଇଥିଲା। ମକଦ୍ଦମା ଚାଲୁଥିଲାବେଳେ ସେ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ନିୟମ ଅନୁଯାୟୀ ସେ ଜେଲ ମଧ୍ୟ ଯାଇପାରନ୍ତି।

## ଦିନିକିଆ ର୍‍ୟାଙ୍କିଙ୍ଗ୍: ଗିଲ୍ ଶୀର୍ଷସ୍ଥାନ ନିକଟତର

ଦୁବାଇ,୨୨।୭ (ଏଜେନ୍ସି): ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ନଂ-୧ ସ୍ଥାନ ହାସଲ କରିବାର ନିକଟତର ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ୧୮୮ ରନ୍ କରିଥିବା ଗିଲ୍ ପ୍ରଥମ ସ୍ଥାନରେ ଥିବା ଡାରିଲ ମିଚେଲ (୮୦୨)ଙ୍କଠାରୁ ଗୋଟିଏ ପଏଣ୍ଟ ପଛରେ ରହିଛନ୍ତି। ସେହିପରି ବିରାଟ କୋହଲି ୭୬୭ ଓ ରୋହିତ ଶର୍ମା ୭୫୮ ପଏଣ୍ଟ ସହ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଏହି ସିରିଜ୍‌ରେ ଭାରତ ବିପକ୍ଷରେ ଥରେ ହେଲେ ଆଉଟ ନ ହୋଇ ୨୪୯ ରନ୍ କରିଥିବା ଜୋ ରୁଟ୍ ୮ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅପରପକ୍ଷରେ ବୋଲିଂରେ ଆଫଗାନିସ୍ତାନର ରଶିଦ୍ ଖାନ୍ ନଂ-୧ ସ୍ଥାନ ବଜାୟ ରଖିଥିଲାବେଳେ ଇଂଲଣ୍ଡର ଜୋଫ୍ରା ଆର୍ଚର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅଲରାଉଣ୍ଡର ଭାବେ ନ୍ୟୁଜିଲାଣ୍ଡର ମାଇକେଲ ବ୍ରେସ୍‌ୱେଲ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଆଫଗାନିସ୍ତାର ଆଜମତୁଲ୍ଲା ଓମରଜାଇ ଓ ବାଂଲାଦେଶର ମେହଦୀ ହାସନ ମିରାଜ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

# ଆଜିଠାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା



ଗ୍ଲାସ୍‌ଗୋ,୨୨।୭ (ଏଜେନ୍ସି):

ବ୍ରିଟେନ ଶାସନାଧୀନ ଦେଶଗୁଡିକ ମଧ୍ୟରେ ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହୋଇ ଆସୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ଏକ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହେବ। ୧୧ ଦିନ ଧରି ସ୍କଟ୍‌ଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋ ସହରରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଏଥର ଅନେକ ଲୋକପ୍ରିୟ ଖେଳକୁ ବାଦ୍ ଦିଆଯାଇଛି। ଗ୍ଲାସଗୋ ସଂସ୍କରଣରେ ଏଥର ମୋଟ ୧୦ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। ଏହି ୧୦ଟି କ୍ରୀଡ଼ା ଶୃଙ୍ଖଳାରେ ୭୪ ଦେଶର ୩୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଭାରତରୁ ୮ଟି ନିୟମିତ ଓ ୫ଟି ପାରା ସ୍ପୋର୍ଟ୍ସରେ ୧୨୬ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ୭୮ଜଣ ପୁରୁଷ ଓ ୪୮ଜଣ ମହିଳା ପ୍ରତିଯୋଗୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଲିମ୍ପିକ୍ ପଦକ ବିଜେତା ଭାରୋତ୍ତୋଳିକା ମିରାବାଈ ଚାନୁ ଉଦ୍‌ଘାଟନୀ ଉତ୍ସବ ପରେଡ୍‌ରେ ଭାରତର ଜାତୀୟ ପତାକା ଧରିବେ। ମହିଳା ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଇଁ ବାଟନ ଧରିବେ ବୋଲି ପୂର୍ବରୁ ଭାରତୀୟ ଅଲିମ୍ପିକ୍ ସଂଘ ପକ୍ଷରୁ ଘୋଷଣା କରାଯାଇଛି।

୨୦୨୬ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ପ୍ରଥମେ ଅଷ୍ଟ୍ରେଲିଆର ଭିକ୍ଟୋରିଆକୁ ଚୟନ କରାଯାଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଭିକ୍ଟୋରିଆ ଏହି କ୍ରୀଡ଼ା ଆୟୋଜନରୁ ଓହରି ଯାଇଥିଲା। ଫଳରେ ବାତିଲ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାକୁ କାଣ୍ଟଛାଣ୍ଟ କରି ଆୟୋଜନ ଲାଗି ସ୍କଟ୍‌ଲାଣ୍ଡକୁ ମନେଇବାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂଘ ସଫଳ ହୋଇଥିଲା। ଫଳରେ କେବଳ ୧୦ଟି ଇଭେଣ୍ଟ ଏଥର ଆୟୋଜିତ ହେବ। ଏଗୁଡିକ ହେଲା ଲନ୍ ବଲ, ବାସ୍କେଟବଲ, ଜିମ୍ନାଷ୍ଟିକ୍ସ, ଆଥଲେଟିକ୍ସ, ବକ୍ସିଂ, ସାଇକ୍ଲିଂ, ଜୁଡୋ, ନେଟ୍‌ବଲ, ସନ୍ତରଣ ଓ ଭାରୋତ୍ତୋଳନ। ଏଥିରେ ୨୧୫ଟି ମେଡାଲ ଇଭେଣ୍ଟ ରହିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟମାନେ ଅଧିକ ପଦକ ଜିତୁଥିବା ବ୍ୟାଡ୍‌ମିଣ୍ଟନ, ରେସଲିଂ, ହକି ଓ ସୁଟିଂ ସହ ୯ଟି ଇଭେଣ୍ଟକୁ ଏଥର ବାଦ୍ ପଡ଼ିଛି। ଏଥର ଭାରତୀୟଙ୍କ ମଧ୍ୟରେ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରା, ମୁରଲୀ ଶ୍ରୀଶଙ୍କର, ତାଜିନ୍ଦର ପାଲ ସିଂ ପ୍ରମୁଖ ଦୌଡ଼କୁଦରେ ପଦକ ଜିତିବାର ସମ୍ଭାବନା ରହିଛି। ମୀରାବାଇ ଓ ବିନ୍ଦିଆରାଣୀ ଦେବୀ, ଲଭଲିନାଙ୍କଠାରୁ ଭାରତ ପଦକ ଆଶା ରଖିଛି।

## ୟର୍କସାୟର ପକ୍ଷରୁ ଖେଳିବେ କୁଲଦୀପ

ଲଣ୍ଡନ,୨୨।୭ (ଏଜେନ୍ସି): ଭାରତର ପ୍ରମୁଖ ବାମହାତୀ ସ୍ପିନର କୁଲଦୀପ ଯାଦବ ଇଂଲିଶ କାଉଣ୍ଟି କ୍ରିକେଟ ଖେଳିବା ଲାଗି ୟର୍କସାୟର ସହ ଚୁକ୍ତିବଦ୍ଧ ହୋଇଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ ସେ ୱାନ୍‌ଡେ କପ୍‌ରେ ୫ଟି ମ୍ୟାଚ୍ ଓ ପରେ କାଉଣ୍ଟି କ୍ରିକେଟର ଶେଷ ୪ଟି ମୁକାବିଲାରେ ୟର୍କସାୟର ପକ୍ଷରୁ ଖେଳିବେ। ଭାରତ ଲାଗି ୧୮ଟି ଟେଷ୍ଟ ଖେଳିଥିବା ୩୧ ବର୍ଷୀୟ କୁଲଦୀପ ୭୯ଟି ୱିକେଟ ଅକ୍ତିଆର କରିଛନ୍ତି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେବେ ଓଡ଼ିଶା ଜିମ୍ନାଷ୍ଟିକ ଏଚପିସିର ୩ ଜିମ୍ନାଷ୍ଟ



ଭୁବନେଶ୍ୱର, ୨୨।୭ (ସମିସ): ଗ୍ଲାସଗୋଠାରେ ଗୁରୁବାରଠାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ହେବାକୁଯାଉଛି। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶା ଏଏମ/ଏନଏସ ଇଣ୍ଡିଆ ଜିମ୍ନାଷ୍ଟିକ ଏଚପିସି'ର ୩ଜଣ ଜିମ୍ନାଷ୍ଟ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ତପନ ମହାନ୍ତି, ତପେଶ୍ୱରନାଥ ଦାସ ଓ ଅଲିମ୍ପିଆନ ପ୍ରଣତି ନାୟକ। ତପନ ଓ ତପେଶ୍ୱରନାଥ ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟ (ଏମଏଜି)ରେ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ଦେଖାଇବେ। ସେହିଭଳି ପ୍ରଣତି ମହିଳା ଟିମ୍ ଓ ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟ (ଡବ୍ଲ୍ୟୁଏଜି) ଇଭେଣ୍ଟରେ ଭାଗନେବେ। 'ଏଚପିସିର ତିନିଜଣ ଆଥଲେଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣକରିବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏଚପିସି ପକ୍ଷରୁ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ବିଶ୍ୱ ମଞ୍ଚରେ ପ୍ରତିଭାର ପ୍ରଦର୍ଶନ କରି ସେମାନେ ସଫଳତା ହାସଲ କରନ୍ତୁ' ବୋଲି ଏଏମ୍/ଏନ୍‌ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ନିର୍ଦ୍ଦେଶକ ଓ ଉପସଭାପତି ଆଶୁତୋଷ ତେଲାଙ୍ଗ କହିଛନ୍ତି।

### ଆଜିଠୁ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ

# ଆୟର ଓ ସୂର୍ଯ୍ୟବଂଶୀଙ୍କ ଉପରେ ନଜର

ହରାରେ, ୨୨।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ଓ ଭାରତ ମଧ୍ୟରେ ଗୁରୁବାରଠାରୁ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଯାଇଥିବା ଭାରତୀୟ ଦଳ ଗୋଟିଏ ହେଲେ ଟି-୨୦ ମ୍ୟାଚ୍‌ରେ ଜିତି ପାରି ନ ଥିଲା। ଉଭୟ ସିରିଜ୍‌ରେ ସୁଙ୍ଗ, ବାଉନ୍ସ ଓ ସର୍ଟବଲ ବିପକ୍ଷରେ ଭାରତୀୟ ବ୍ୟାଟରଙ୍କ ଥିବା ଦୁର୍ବଳତା ପଦାରେ ପଡ଼ିଯାଇଥିଲା। ଜଣେ ହେଲେ ଖେଳାଳି ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ପାରି ନ ଥିଲେ। ଫଳରେ ଦୟନୀୟ ପ୍ରଦର୍ଶନ ସହ ସ୍ୱଦେଶ ଫେରିଥିଲା। ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତଠାରୁ ଏଭଳି ପ୍ରଦର୍ଶନ କେହି ଆଶା କରୁ ନ ଥିଲେ। ଭାରତକୁ ଚାମ୍ପିଅନ କରାଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ବିଶ୍ୱକପର ଶ୍ରେଷ୍ଠ ଖେଳାଳି ସଞ୍ଜୁ ସାମସନ ଏହି ସିରିଜ୍ ଲାଗି ମନୋନୀତ ହୋଇନାହାନ୍ତି। ଗତ ଦୁଇଟି ସିରିଜ୍‌ରେ ଶ୍ରେୟସ ଆୟର ଦଳର ନେତୃତ୍ୱ ନେଇଥିଲେ। ସାମସନ ୩ଟି ମ୍ୟାଚ୍‌ରେ ଫେଲ୍ ମାରିବା ପରେ ଆଇପିଏଲ୍‌ର ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଥିଲା। ସେ ମଧ୍ୟ ସର୍ଟବଲ ଓ ବାଉନ୍ସର ବଲର ଉଚିତ ମୁକାବିଲା କରି ପାରି ନ ଥିଲେ। ଏଭଳି ସମୟରେ ଉଭୟ ଆୟର ଓ ସୂର୍ଯ୍ୟବଂଶୀଙ୍କ ଲାଗି ଏହି ସିରିଜ୍ ଗୁରୁତ୍ୱପୂର୍ଣ୍ଣ। ସାମସନ ଦଳରେ ନ ଥିବାରୁ ସୂର୍ଯ୍ୟବଂଶୀ ଇନିଂସ ଓପନ କରିବେ। ଜିମ୍ବାୱେ ଟିମ୍ ନିକଟରେ ଭଲ ଫାଷ୍ଟ ବୋଲର

**ଖେଳ ଆରମ୍ଭ- ଅପରାହ୍ଣ ୪ଟା ୩୦**
**ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ: ସୋନି ଲାଇଭ, ଫ୍ୟାନ୍ କୋଡ଼**

ଅଛନ୍ତି, କିନ୍ତୁ ଇଂଲଣ୍ଡ ଭଳି ପିଚ୍ ନାହିଁ। ଏଣୁ ଏଠାରେ ଭାରତୀୟ ବ୍ୟାଟର ଫେଲ୍ ମାରିଲା ଭଳି ଆଶଙ୍କା ନାହିଁ। ଭାରତୀୟ ଦଳର ପେସ୍ ବାହିନୀ ଯୁବ ଖେଳାଳିଙ୍କୁ ନେଇ ଗଠିତ। ମୟଙ୍କ ଯାଦବ, ଅଶୋକ ଶର୍ମା, ଯଶ ଠାକୁର ଓ ଇଂଲଣ୍ଡରେ ଡେବ୍ୟୁ କରିଥିବା ପ୍ରିନ୍ସ ଯାଦବଙ୍କୁ ଏହି ସିରିଜ୍ ଲାଗି ଚୟନ କରାଯାଇଛି। ଜୁଲାଇ ୨୫ ଓ ୨୬ରେ ସିରିଜ୍‌ର ଶେଷ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ।

**ଉଭୟ ଦଳ**

**ଭାରତ:** ଅଭିଷେକ ଶର୍ମା, ଇଶାନ କିଶାନ, ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ଶିବମ ଦୁବେ, ରିଙ୍କୁ ସିଂ, ସୂର୍ଯ୍ୟାଂଶ ଶେଦ୍‌ଜେ, ମୟଙ୍କ ଯାଦବ, ଅଶୋକ ଶର୍ମା, ଯଶ ଠାକୁର ଓ ପ୍ରିନ୍ସ ଯାଦବ, ହର୍ଷ ଦୁବେ, ରବି ବିଷ୍ଣୋଇ ଓ ପ୍ରଭସିମରନ ସିଂହ।

**ଜିମ୍ବାୱେ:** ସିକନ୍ଦର ରାଜା (ଅଧିନାୟକ), ବ୍ରିଆନ ବେନେଟ୍, ତାଡିୱାନ୍‌ସେ ମାରୁମାନି (ୱିକେଟ ରକ୍ଷକ), ବେନ୍ କରାନ, ଡିଓନ ମାୟର୍ସ, ରିୟାନ ବ୍ରୁଲ, ବ୍ରାଡ ଇଭାନ୍ସ, ୱେଲିଂଟନ ମାସକାଦ୍‌ଜା, ୱେସ୍‌ଲୀ ମାଧେଭେରେ, ମିଲଟନ ଶୁମ୍ବା, ରିଚାର୍ଡ ଏନ୍‌ଗାରଭା, ତାନକା ଚିଭାଙ୍ଗା, ବ୍ଲେସିଂ ମୁଜାରବାନି, ତାଫଦ୍‌ଜୱା ଶିଗା, ନ୍ୟୁମ୍ୟାନ୍ ନୟାମୁରୀ।

## ୟୁଏସ୍ ଓପନରେ ସିନ୍ନର, ସାବାଲେଙ୍କା ଟପ୍ ସିଡ୍

ନ୍ୟୁୟର୍କ,୨୨।୭ (ଏଜେନ୍ସି): ୟୁଏସ୍ ଟେନିସ ଆସୋସିଏସନ ପକ୍ଷରୁ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତା ଲାଗି ସିଡେଡ ଖେଳାଳି ଓ ଅନ୍ୟମାନଙ୍କ ନାମ ଘୋଷଣା କରାଯାଇଛି। ନିକଟରେ ୱିମ୍ବଲଡନ ଟାଇଟଲ ହାସଲ କରିଥିବା ଇଟାଲୀର ଜାନିକ୍ ସିନ୍ନରଙ୍କୁ ଟପ୍ ସିଡ୍ ମାନ୍ୟତା ମିଳିଛି। ମହିଳା ଏକକରେ ଗତ ଦୁଇଥରର ଚାମ୍ପିଅନ ଆରିନା ସାବାଲେଙ୍କାଙ୍କୁ ମଧ୍ୟ ନଂ-୧ ର୍‍ୟାଙ୍କ ମିଳିଛି। ଅଗଷ୍ଟ ୨୩ ତାରିଖରୁ ୟୁଏସ୍ ଓପନ ଗ୍ରାଣ୍ଡ ସ୍ଲାମ୍ ଆରମ୍ଭ ହେବ।

## କିଟ୍, କିସ୍‌ରୁ ଆରମ୍ଭ ହେବ ଏଆଇୟୁ କ୍ରୀଡ଼ା ଋତୁ

ଭୁବନେଶ୍ୱର,୨୨।୭ (ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ଆଗାମୀ ୨୦୨୬-୨୭ କ୍ରୀଡ଼ା ଋତୁର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରୁ ଏଆଇୟୁର କ୍ରୀଡ଼ାଋତୁ ଆରମ୍ଭ ହେବ। ଚେନ୍ନଇଠାରେ ଅନୁଷ୍ଠିତ ଏଆଇୟୁ'ର ୩୫ତମ ବାର୍ଷିକ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୯ରୁ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିଅନସିପ୍ (ପୁରୁଷ ଓ ମହିଳା) କିଟ୍‌ରେ ଅନୁଷ୍ଠିତ ହେବ। ଏହି କ୍ରୀଡ଼ା ଋତୁରେ କିଟ୍ ଓ କିସ୍ ପୁରୁଷ ଓ ମହିଳା କ୍ରିକେଟ୍ ଏବଂ ପୁରୁଷ ହକି ଭଳି ୫ଟି ପ୍ରମୁଖ ସର୍ବଭାରତୀୟ ଓ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଚାମ୍ପିଅନସିପ୍ ଆୟୋଜନ କରିବ। ଏଥିସହ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ୨ଟି ଚାମ୍ପିଅନସିପ୍ ସହ ଓଡ଼ିଶା ମୋଟ ୭ଟି ପ୍ରତିଯୋଗିତାର ଆୟୋଜନ ଅଧିକାର ପାଇଛି।




**FOR RENT**

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**

## ୱେଷ୍ଟଇଣ୍ଡିଜର ସାନ୍ତ୍ୱନାମୂଳକ ବିଜୟ

ବାର୍ବାଡସ, ୨୨।୭ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ବୁଧବାର ବାର୍ବାଡସରେ ଅନୁଷ୍ଠିତ ଦିନିକିଆ ସିରିଜର ଅନ୍ତିମ ତଥା ୫ମ ମୁକାବିଲାରେ ୱେଷ୍ଟଇଣ୍ଡିଜ ବିଜୟୀ ହୋଇଛି। ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ୫୦ ଓଭରରେ ୯ ୱିକେଟ ହରାଇ ୨୬୯ ରନ କରିଥିଲା। ଦଳ ପକ୍ଷରୁ ଟମ୍ ଲଥାମ ୬୯, ନିକ କେଲୀ ୬୪ ଓ ୱିଲ୍ ୟଙ୍ଗ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଭିଟେଲ ଲୁଇସ ଓ ଆଲ୍‌ଜାରୀ ଜୋସେଫଙ୍କୁ ୨ଟି ଲେଖାଏ ୱିକେଟ୍ ସଫଳତା ମିଳିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୧୫ଟି ବଲ୍ ବଳକା ଥାଇ ୮ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସିମରନ ହେଟମାୟର ୬୯ ଓ ସିର୍ଫାନ ରଦରଫୋର୍ଡ ୬୧ ରନ କରି ଦଳକୁ ଜିତାଇଥିଲେ। ସଫଳ ବୋଲର ଭାବେ ନ୍ୟୁଜିଲାଣ୍ଡର ବାମହାତୀ ସ୍ପିନର ଜେଡେନ ଲିନକ୍ସ ଓ ଜ୍ୟାକବ ଡଫିଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ପରାଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ପାଞ୍ଚ ମ୍ୟାଚବିଶିଷ୍ଟ ସିରିଜକୁ ୩-୨ରେ ବିଜୟୀ ହୋଇଛି। ହେଟମାୟର ମ୍ୟାଚର ଓ ନ୍ୟୁଜିଲାଣ୍ଡ ସ୍ପିନର ଜେଡେନ ଲିନକ୍ସ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ନ୍ୟୁଜିଲାଣ୍ଡ ୩-୨ରେ ସିରିଜ ଜିତିଲା**

ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

**ADVERTISEMENT EXECUTIVE**

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

### ଚାଇନା ଓପନ୍

## ପ୍ରି-କ୍ୱାର୍ଟରରେ ସିନ୍ଧୁ

ଚାଙ୍ଗଝୋଉ, ୨୨।୭ (ଏଜେନ୍ସି): ଷ୍ଟାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ଚାଇନା ଓପନ୍ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ ମୁକାବିଲାରେ ସିନ୍ଧୁ ୨୧-୧୪, ୯-୨୧, ୨୧-୧୦ ଗେମରେ ସାଥୀ ଖେଳାଳି ଉନ୍ନତି ହୁଦାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୧୫ତମ ସ୍ଥାନରେ ରହିଥିବା ସିନ୍ଧୁ ପ୍ରି-କ୍ୱାର୍ଟରରେ ଘରୋଇ ସଟଲର୍ ଚେନ୍ ୟୁ ଫେଇ'ଙ୍କୁ ଭେଟିବେ। ଗତ ସପ୍ତାହରେ ସିନ୍ଧୁ ଜାପାନ ଓପନରେ ଚାମ୍ପିଅନ ହୋଇଥିଲେ। ଯାହାକି ଦୁଇବର୍ଷ ପରେ ତାଙ୍କର ପ୍ରଥମ ଟାଇଟଲ୍ ଥିଲା। ଅନ୍ୟ ଭାରତୀୟଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସରେ ଆୟୁଷ ସେଟ୍ଟୀ ୨୧-୧୭, ୫-୨୧, ୨୧-୧୭ ଗେମରେ ବିଶ୍ୱର ୧୧ ନମ୍ବର ଖେଳାଳି ଇଣ୍ଡୋନେସିଆର ଆଲୱି ଫରହାନଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି। ତେବେ ମିକ୍ସଡ ଡବଲ୍ସରେ ଧ୍ରୁବ କପିଳା ଓ ତନିଷା କ୍ରାଷ୍ଟୋ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS